


ପୁଣି ଚମକିଲେ ଅଭିଷେକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-92 ◆THURSDAY ◆25 SEPTEMBER 2025 ◆PAGE-12 ◆₹ 6.00

JEYPORE

◆ବର୍ଷ-୪୩ ◆ସଂଖ୍ୟା-୯୨ ◆ଗୁରୁବାର ◆୨୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଚାଉଳ ବକେୟା ୮୦୦୦ କୋଟି

## କେନ୍ଦ୍ର ଦେବାକୁ ଅରାଜି; ରାଜ୍ୟ ସରକାର ଅସହାୟ

■ **ଭୁବନେଶ୍ୱର, ୨୪।୯ (ସମିସ):** ଦୀର୍ଘଦିନ ହେଲା କେନ୍ଦ୍ର ସରକାର ଓଡ଼ିଶାକୁ ଦେଉ ନାହାନ୍ତି ଚାଉଳ ବାବଦ ବକେୟା ୮୦୦୦ କୋଟି ଟଙ୍କା। ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଏ ସମ୍ପର୍କରେ ବାରମ୍ବାର ଚିଠି ଲେଖି ବକେୟା ଦେବାକୁ କହିଥିଲେ ବି କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କଲେ ନାହିଁ। ଏବେ ଖୋଦ୍ ରାଜ୍ୟ ବିଜେପି ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କେନ୍ଦ୍ର ସରକାର ବକେୟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ୱୀକାର କରିଛନ୍ତି। କେବଳ ସେତିକି



### ବଳକା ଚାଉଳ ଟେଣ୍ଡର କରିବେ ସରକାର

ନୁହେଁ, ଏଫ୍‌ସିଆଇ ମଧ୍ୟ ଓଡ଼ିଶାରୁ ଚାଉଳ ଉଠାଉ ନ ଥିବା ମନ୍ତ୍ରୀ ସୂଚନା ଦେବା ସହ ଆବଶ୍ୟକ ହେଲେ ବଳକା ଚାଉଳକୁ ଟେଣ୍ଡର କରି ବିକ୍ରି କରିବେ ବୋଲି କହିଛନ୍ତି।

ବୁଧବାର ପ୍ରଶ୍ନକାଳରେ ବିଧାୟକ ପ୍ରତାପ ଦେବଙ୍କ ଏକ ପ୍ରଶ୍ନର ଉତ୍ତର ପ୍ରଦାନ ଅବସରରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବକେୟା ଦେବାରେ କେନ୍ଦ୍ର ସରକାରଙ୍କ ଅବହେଳା ପ୍ରକାଶ କରିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ରହୁଛି। ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି; ମାତ୍ର କେନ୍ଦ୍ର ସରକାର ଏହି ଅର୍ଥ ଦେବାକୁ ରାଜି ▶ପୃଷ୍ଠା-୭

## କାହା ନିୟନ୍ତ୍ରଣରେ ଏଫ୍‌ସିଆଇ ?

■ **ଭୁବନେଶ୍ୱର, ୨୪।୯ (ସମିସ):** ଏଫସିଆଇ ବଳକା ଚାଉଳ ଉଠାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଏକାଧିକ ବାର ଦାବି କରିଛି। କିଛି ସପ୍ତାହ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏ ନେଇ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଯୋଗାଣ ମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ଉଦବେଗ ଜଣାଇଥିଲେ। ମାତ୍ର ଓଡ଼ିଶାର ▶ପୃଷ୍ଠା-୭





### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଲଦାଖରେ ହିଂସା

# ମାତିଲେ 'ଜେନ୍ ଜେଡ୍'

■ **ଲେହ, ୨୪।୯ (ଏଜେନ୍ସି):** ହଠାତ୍ ଅଶାନ୍ତ ହୋଇପଡ଼ିଛି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ। ଲଦାଖକୁ ରାଜ୍ୟ ମାନ୍ୟତା ସହିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଭଳି ସ୍ୱତନ୍ତ୍ର ସୁବିଧା ଦାବିରେ ଆଜି ହିଂସାତ୍ମକ ବିକ୍ଷୋଭ ହୋଇଛି। ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇବା ଫଳରେ ପୁଲିସ ବାହିନୀ ସହିତ ମୁହାଁମୁହିଁ ହୋଇଛନ୍ତି। ଲେହରେ ସେମାନେ ବ୍ୟାପକ ହିଂସାକାଣ୍ଡରେ ଲିପ୍ତ ରହିବାରୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସକୁ ପ୍ରଥମେ ଲାଠି ଚାଳନା କରିବାକୁ ପଡ଼ିଥିଲା। କିନ୍ତୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ପୁଲିସ ଗୁଳିମାଡ଼ରେ ୪ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଘଟଣା ପରେ କେନ୍ଦ୍ରୀୟ ପ୍ରଶାସନ ଲେହରେ କର୍ଫ୍ୟୁ ଲାଗୁ କରିବା ସହିତ ସବୁପ୍ରକାର ବିକ୍ଷୋଭ, ସଭା ଶୋଭାଯାତ୍ରାକୁ ନିଷିଦ୍ଧ କରିଛନ୍ତି।

### ପୁଲିସ ଗୁଳିରେ ୪ ବିକ୍ଷୋଭକାରୀ ମୃତ

### ସିଆରପି ଗାଡ଼ି, ବିଜେପି ଅଫିସରେ ନିଆଁ ଲଗାଇଲେ

### କର୍ଫ୍ୟୁ ଜାରି, ପୁଲିସ ଫୋର୍ସ ମୁତୟନ

ମିଳିଥିବା ସୂଚନା ଅନୁଯାୟୀ ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ତେବେ ଗତ ୧୫ ଦିନ ଧରି ଲେହ ଆପେକ୍ସ ବଡି ବା ଏଲ୍‌ଏବି ନାମରେ ଏକ ସଂଗଠନ ଅନଶନ ଚଳାଇଛି। ଏହାର ନେତୃତ୍ୱ ନେଉଛନ୍ତି ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍। ୧୫ ଜଣ ଆମରଣ ଅନଶନରେ ବସିଥିବା ବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ୱାଙ୍ଗଚୁକଙ୍କୁ ମଧ୍ୟ ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଭାଇ ମୃତ

■ **ରାଉରକେଲା, ୨୪।୯ (ସମିସ):** ଟ୍ରେନ୍ ଧକ୍କାରେ ଚାଲିଯାଇଛି ଦୁଇ ଭାଇର ଜୀବନ। ଜିଆରପି ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ରେଳ ଫାଟକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରୁ ସାଢେ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ମୃତକ ସ୍ଥାନୀୟ ହରିପୁର ବସ୍ତିର ବଡ଼ ଭାଇ ରଞ୍ଜନ ପାତ୍ର (୧୮) ଓ ସାନ ଭାଇ ଜଗନ୍ ପାତ୍ର (୧୫) ବୋଲି ଜଣାପଡିଛି। ରେଳବାଇ ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଦୁଇ ଭାଇ ଉଦିତନଗର ଠାରେ ଥିବା ଦୋକାନକୁ ମୋବାଇଲ ମରାମତି କରିବାକୁ ଯାଇଥିଲେ। କାମ ସାରି ଦୁହେଁ ରେଳଧାରଣା ପାର ହେଉଥିବା ବେଳେ ବରସୁଆଁରୁ ବୀରମିତ୍ରପୁର ଅଭିମୁଖେ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିଲା।

### ଶୂନ୍ୟକାଳରେ କ୍ଷୋଭ ପ୍ରକାଶ କଲା କଂଗ୍ରେସ

## ୨୦୦ ଗୁଣ୍ଡା ଲଗାଇ ଗୃହରେ ଜୁଲମ

■ **ଭୁବନେଶ୍ୱର, ୨୪।୯ (ସମିସ):** ମହିଳା ସୁରକ୍ଷା ପ୍ରସଙ୍ଗରେ ବୁଧବାର ଶୂନ୍ୟକାଳରେ ଉଦବେଗ ପ୍ରକାଶ କରିଛି କଂଗ୍ରେସ। ମହିଳା ସୁରକ୍ଷା ପ୍ରସଙ୍ଗରେ ଗତ ଅଧିବେଶନରେ ଆମେ ୧୪ ବିଧାୟକ ସ୍ୱର ଉତ୍ତୋଳନ କରିଥିଲୁ। ମହିଳାଙ୍କ ସୁରକ୍ଷା ପାଇଁ ଆମେ ଗୃହ କମିଟି ଗଠନ ଦାବି କରୁଥିବା ବେଳେ ଅଧରାତିରେ ବାହାରୁ ଗୁଣ୍ଡା ଆଣି ଆମକୁ ମାଡ଼ ମରାଗଲା। ଆମ ସୁନାଚେନ, ମୁଦି, ଡ୍ରେସ ଛଡ଼ାଇନେବା ସହ ଆମକୁ ରାସ୍ତା ଉପରେ ନେଇ ଛାଡ଼ି ଦିଆଗଲା। ଆମେ ଏହି ଘଟଣା ତଦନ୍ତ ସହ ଆମ ଜିନିଷ ଫେରାଇବା ପାଇଁ ବାରମ୍ବାର ଦାବି କରି ଆସୁଛୁ। ମାତ୍ର ଆମ ଦାବିକୁ ଗ୍ରହଣ କରାଗଲା ନାହିଁ। ସେଦିନ ଏ ଗୃହକୁ ବାହାର ଲୋକ ଆସିବା ପାଇଁ ବାଚସ୍ପତି ଅନୁମତି ଦେଇଥିଲେ କି ବୋଲି ଶୂନ୍ୟକାଳରେ ପ୍ରଶ୍ନ ▶ପୃଷ୍ଠା-୭

### ବାହାର ଲୋକଙ୍କୁ ଗୃହ ଭିତରେ ପ୍ରବେଶ ଅନୁମତି ଦେଇଥିଲେ କି ବାଚସ୍ପତି ?

### ଉତ୍ତର ନରଖିଲେ ଇତିହାସ ଆପଣଙ୍କୁ ନିନ୍ଦା କରିବ

### ଯୋଡ଼ି ଲଘୁଚାପ; ପ୍ରବଳ ବର୍ଷା

# ସମ୍ବଲପୁର ଉବୁଟୁବୁ



■ **ସମ୍ବଲପୁର, ୨୪।୯ (ସମିସ):** ଗତ କେଇଦିନ ଧରି ଝିପିଝିପି ବର୍ଷା ଲାଗି ରହିବା ପରେ ମଙ୍ଗଳବାର ସନ୍ଧ୍ୟାରୁ ବର୍ଷା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାୟ ୬ ଘଣ୍ଟା ବର୍ଷାରେ ସମ୍ବଲପୁର ସହର ଜଳାର୍ଣ୍ଣବ ହୋଇପଡିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହି ସମୟ ମଧ୍ୟରେ ପ୍ରାୟ ୧୮୦ ମିମି ବର୍ଷା ହୋଇଛି। ସମ୍ବଲପୁର ସହରର ରାସ୍ତାଘାଟରେ ପାଣି ଚାଲୁଥିବାବେଳେ ସହରର ତଳି ଅଞ୍ଚଳ ସମ୍ପୂର୍ଣ୍ଣ ରୂପେ ବୁଡ଼ି ଯାଇଥିଲା। ଘରେ ଘରେ ପାଣି ପଶିଯିବା ଫଳରେ ଲୋକେ ରାତିତମାମ ହଇରାଣ ହରକତ ହୋଇଛନ୍ତି। କେତେକ ସ୍ଥାନରେ ଲୋକେ ଦୀର୍ଘ ସମୟ ଧରି ପାଣି ଘେରରେ ଫଶି ଯାଇଥିଲେ। ସମ୍ବଲପୁର ବହୁ ଅଞ୍ଚଳରେ ସଂକୁଚିତ ନାଳ ଯୋଗେ ପାଣି ଯାଇନପାରି ରାସ୍ତା ଉପରେ ପ୍ରାୟ ଦେଢ଼ରୁ ଦୁଇ ଫୁଟ ଉଚ୍ଚର ପାଣି ଚାଲୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଉପରମୁଣ୍ଡ ଏବଂ ▶ପୃଷ୍ଠା-୭

### ହୀରାକୁଦ ଖୋଲିଲା ୧୬ ଗେଟ୍, ଜଳସ୍ତର ୬୨୯.୫୮ ଫୁଟ୍


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

21ST ANNUAL CONVOCATION 2025

Date: 26th - 28th September, 2025 | Venue: KIIT Campus 3 (Kathajodi)

Graced by

Prof. Mohan Munasinghe
Nobel Laureate, Sri Lanka
26th Sept. 2025

Justice Abdulqawi Ahmed Yusuf
Judge, International Court of Justice (ICJ), The Hague

Justice Dalveer Bhandari
Judge, International Court of Justice (ICJ), The Hague
27th Sept. 2025

H.E. Ouided Bouchamaoui
Nobel Laureate, Tunisia
28th Sept. 2025

This year, the KIIT Convocation will be held over three days from 26th - 28th September 2025, discipline-wise, to facilitate greater participation of students and parents.

Website: www.kiit.ac.in | Email: kiit@kiit.ac.in



pfrda
nps national pension system #Zaruri Hai

ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ
ପ୍ରସ୍ତୁତ କରୁଛି

NPS QUEST
Chase Your Future

ଅଂଶଗ୍ରହଣ ପାଇଁ QR କୋଡ୍ ସ୍କାନ କରନ୍ତୁ

ବିଷୟ
• ସବୁ ପ୍ରଫେସନ୍, ଏକ ପେନସନ୍
• ଶୀଘ୍ର ଆରମ୍ଭ, କମ୍ପାଉଣ୍ଡିଙ୍ଗର ଶକ୍ତି - ଆପଣଙ୍କ ଅବସରପ୍ରାପ୍ତି ନିଶ୍ଚିତ କରନ୍ତୁ
• ଅବସରପ୍ରାପ୍ତି ଯୋଜନା, ସମ୍ମାନ ଓ ଆର୍ଥିକ ସ୍ୱାଧୀନତା
• ଆର୍ଥିକ ସାକ୍ଷରତା – NPS ବାତ୍ସଲ୍ୟ
◆ ସମସ୍ତ ପ୍ରବେଶଗୁଡ଼ିକ "NPS ଜରୁରୀ ଅଟେ" ଟ୍ୟାଗ୍‌ଲାଇନ୍ ଉପରେ ଆଧାରିତ ହେବା ଉଚିତ
◆ #NPSZaruriHai ବ୍ୟବହାର କରିବା ଆବଶ୍ୟକ

ବିଭାଗଗୁଡ଼ିକ
ରିଲ୍ ତିଆରି କରନ୍ତୁ (୬୦ ସେକେଣ୍ଡ୍ ପର୍ଯ୍ୟନ୍ତ) ▪ ପୋଷ୍ଟର ▪ AI ଭିଡିଓ (୬୦ ସେକେଣ୍ଡ୍ ପର୍ଯ୍ୟନ୍ତ) ▪ କ୍ୟାଲକୁଲେଟର

ପ୍ରବେଶ ପାଇବାର ଶେଷ ତାରିଖ: ୨୮ ସେପ୍ଟେମ୍ବର, ୨୦୨୫

ପୁରସ୍କାର ବିଭାଗଗୁଡ଼ିକ
₹1,00,000 ସର୍ବଶ୍ରେଷ୍ଠ ଇନଫ୍ଲୁଏନ୍ସର ରିଲ୍
₹1,00,000 ସର୍ବଶ୍ରେଷ୍ଠ ଖେଳୀୟାକରଣ ଧାରଣା
₹75,000 ସର୍ବଶ୍ରେଷ୍ଠ AI ଭିଡିଓ
₹21,000 ସର୍ବଶ୍ରେଷ୍ଠ ପୋଷ୍ଟର/ଡିଜାଇନ୍

ଯେକୌଣସି ଭାରତୀୟ ନାଗରିକ/କମ୍ପାନୀ ଅଂଶଗ୍ରହଣ କରିବାକୁ ଯୋଗ୍ୟ।
ପ୍ରତ୍ୟେକ ବିଭାଗରେ ସର୍ବନିମ୍ନ ୧୦ଟି ପ୍ରବେଶ ହେଲେ ମାତ୍ର ସେହି ବିଭାଗ ବୈଧ ହେବ।
ବିଜେତାମାନଙ୍କୁ ୧ ଅକ୍ଟୋବର, ୨୦୨୫ରେ ଘୋଷଣା କରାଯିବ

ତିଆରି କରନ୍ତୁ, ପୋଷ୍ଟ କରନ୍ତୁ ଏବଂ PFRDA କୁ ଟ୍ୟାଗ୍ କରନ୍ତୁ।
@PFRDAOfficial | @PFRDAOfficial | @pfrdaofficial | /company/pfrda/ | @pfrdaofficial

■ ଜମାକାରୀଙ୍କଠାରୁ ୧୪ କୋଟି ଠକେଇ ମାମଲା

## ଚିଟଫଣ୍ଡ କମ୍ପାନୀ ଏମ୍‌ଡିଙ୍କୁ ୧୦ ବର୍ଷ ଜେଲ୍

କଟକ, ୨୪।୯(ସମିସ): ୧୪ କୋଟି ଟଙ୍କାର ଠକେଇ ଘଟଣାରେ ଚିଟଫଣ୍ଡ କମ୍ପାନୀ ଭିବଗିଅର ଆଲାଏଡ ଇନଫ୍ରାଷ୍ଟ୍ରକଚର ଲିମଟେଡର ପରିଚାଳନା ନିର୍ଦ୍ଦେଶକ ପବିତ୍ର କୁମାର ସାହୁଙ୍କୁ ବୁଧବାର କଟକସ୍ଥିତ ଓପିଆଇଡି ଆଇନ ଅନ୍ତର୍ଗତ ସ୍ୱତନ୍ତ୍ର ଅଦାଲତ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭୦ ହଜାର ଟଙ୍କା ଜରିମାନା ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଅଦାଲତ। ତାଙ୍କୁ ଆଇପିସିର ଧାରା ୪୨୦, ୧୨୦ (ବି), ମନି ସର୍କୁଲାର ସ୍କିମ୍ (ନିଷେଧ) ଅଧିନିୟମ ୧୯୭୮ ଏବଂ ଓପିଆଇଡି ଆକ୍ଟର ଧାରା ୬ରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଉକ୍ତ ଚିଟଫଣ୍ଡ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ କୋଲକାତାରେ ଥିବା ବେଳେ କମ୍ପାନୀ ସୂର୍ଯ୍ୟନଗରରେ ଗତ ୨୦୦୯ ରେ ଏକ ଶାଖା ଖୋଲିଥିଲା। ଏଠାରେ ଓଡିଶା ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ପବିତ୍ର କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ଟଙ୍କା ନିବେଶ ଉପରେ ଉଚ୍ଚ ଅର୍ଥ ଫେରସ୍ତର ପ୍ରତିଶ୍ରୁତି ଦେଇ କମ୍ପାନୀ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ୨୦୧୩ରେ କମ୍ପାନୀ ଏଠାରେ ଅଫିସ ବନ୍ଦ କରିଦେବା ପରେ ନିବେଶକାରୀଙ୍କୁ ମାତ୍ରୁଟି ଅର୍ଥ ଫେରସ୍ତ କରିନଥିଲେ। ବିଭିନ୍ନ ଯୋଜନା ମାଧ୍ୟମରେ ନିବେଶକଙ୍କଠାରୁ ପ୍ରାୟ ୧୪କୋଟି ଟଙ୍କା ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ନିବେଶକାରୀଙ୍କ ଏତଲାକ୍ରମେ ୨୦୧୫ ମସିହାରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରୁ ଶ୍ରୀ ସାହୁଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଗିରଫ କରିଥିଲା।

## ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, ୨୪।୯(ସମିସ): କେନ୍ଦୁଝର ସଦର ଥାନାଞ୍ଚଳରେ ୨୦୨୨ରେ ଘରୋଇ ଶତ୍ରୁତାରୁ ପୁତୁରାକୁ ଦାଦା ହତ୍ୟା କରିବା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ହେଉଛି ସଦର ଥାନା ତାଳପଦା ଗାଁର ଶତ୍ରୁଘ୍ନ ନାଏକ। ଏହି ମାମଲାରେ କେନ୍ଦୁଝର ଜିଲ୍ଲା ଦୌରାଜଜ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। ଶତ୍ରୁଘନ ନିଜ ସମ୍ପର୍କୀୟ ପୁତୁରା କମଳାକାନ୍ତ ନାଏକଙ୍କୁ ହତ୍ୟା କରିଥିଲା। ପରିବାର ମଧ୍ୟରେ ଅନେକ ଦିନରୁ ତିକ୍ତତା ରହିଥିଲା ବେଳେ ୨୩/୫/୨୦୨୨ ରାତ୍ରୀ ପ୍ରାୟ ୯ ଟାରେ ଉଭୟ ଦାଦା-ପୁତୁରାଙ୍କ କଳିଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଶତ୍ରୁଘ୍ନ ନାଏକ (୬୫) ପୁତୁରା କମଳାକାନ୍ତ (୩୭)କୁ ଏକ କେନ୍ଦୁ ବାଡ଼ିରେ ପିଟି ପିଟି ହତ୍ୟା କରିଥିଲା। ସଦର ଥାନାରେ ଏନେଇ ଅଭିଯୋଗ ଆଧାରରେ ପୁଲିସ ୨୦୧୪/୨୦୨୨ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଦାଦାକୁ କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ ଗୋପାଳଚନ୍ଦ୍ର ବେହେରା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ୧୦ ହଜାର ଜରିମାନା, ଅନାଦେୟ ଅଧିକ ଏକବର୍ଷ ଜେଲ୍ ଆଦେଶ ଦେଇଛନ୍ତି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଦୁଷ୍ମନ୍ତ ଜେନା ରହିଥିବାବେଳେ ସରକାରଙ୍କ ପକ୍ଷରୁ ସରକାରୀ ଅଭିଯୋଜକ ଉପ ନିର୍ଦ୍ଦେଶକ ପ୍ରବୋଧଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପିପି ପ୍ରଦୀପ ଦାଶ ମାମଲା ପରିଚାଳନା କରୁଥିଲେ।

■ ଅପ୍ରାକୃତିକ ଯୌନକ୍ରିୟା ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର, ୨୪।୯(ସମିସ): କେନ୍ଦୁଝର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ମୋନାଲିସା ମହାନ୍ତି ବୁଧବାର ୨୦୨୩ରେ ବାମେବାରୀ ଥାନା ଅଞ୍ଚଳରେ ସଂଘଟିତ ନାବାଳକ ସହ ଏକ ଚାଞ୍ଚଲ୍ୟକର ଅପ୍ରାକୃତିକ ଯୌନକ୍ରିୟା ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ୧୪ ଜଣ ସାକ୍ଷୀ ବୟାନକୁ ଆଧାର କରି ଅଭିଯୁକ୍ତ ରଣଜିତ ସେଠୀକୁ ୨୦ ବର୍ଷ ଜେଲ୍, ୨ ହଜାର ଜରିମାନା, ଅନାଦେୟ ଅଧିକ ଏକ ବର୍ଷ ଜେଲ ଆଦେଶ ଦେଇଛନ୍ତି ସ୍ୱତନ୍ତ୍ର ପୋକ୍ସ କୋର୍ଟ। ଏଥିସହିତ ପୀଡ଼ିତ ନାବାଳକକୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି କୋର୍ଟ। ମାମଲାଟିକୁ ସରକାରଙ୍କ ପକ୍ଷରୁ ପିପି ଗଣେଶ ପ୍ରସାଦ ମହାପାତ୍ର ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ଜଣେ ନାବାଳକ ସହ ଅଭିଯୁକ୍ତ ରଣଜିତ ଜୋରଜବରଦସ୍ତି ଅପ୍ରାକୃତିକ ଯୌନକ୍ରିୟା କରିଥିଲା। ୫/୧/୨୦୨୩ ସନ୍ଧ୍ୟାରେ ବାମେବାରୀ ଥାନାଞ୍ଚଳର ଘର ନିକଟସ୍ଥ ବନ୍ଧ ଆଡ଼କୁ ଯାଇଥିଲା ବେଳେ ନାମ୍ବିରା ଗ୍ରାମର ରଣଞ୍ଜିତ ସେଠୀ ନାବାଳକକୁ ଭୁଲାଇ ଏହି ଅପରାଧ କରିଥିଲା। ଏବାବଦରେ ନାବାଳକର ସାଙ୍ଗ ଆସି ତାଙ୍କ ଘରେ କହିଥିଲେ। ସେତେବେଳେ ପୀଡିତ ନାବାଳକଙ୍କ ବାପା ଘରେ ନଥିଲେ। ପରେ ନାବାଳକର କହିବାନୁଯାୟୀ ବାମେବାରୀ ଥାନାରେ ପରିବାର ପକ୍ଷରୁ ଏତଲା ହୋଇଥିଲା। ବାମେବାରୀ ପୁଲିସ ଥାନା କେସ୍ ନମ୍ବର ୭/୨୦୨୩, ଦଫା ୩୭୭, ୬ ପୋକ୍ସୋ ଆକ୍ଟରେ ରଣଜିତ ସେଠୀକୁ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିଲା।

## ୭୧ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୪।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ପୁଲିସକୁ ମିଳିଛି ବଡ଼ ସଫଳତା। ମାଓ ସଂଗଠନ ଛାଡି ଏକା ଥରକେ ୭୧ ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୩୦ ଜଣଙ୍କ ନାମରେ ୬୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସମସ୍ତ ମାଓବାଦୀ ଦୀର୍ଘ ବର୍ଷ ଧରି ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ୭୧ ମାଓବାଦୀଙ୍କ ମଧ୍ୟରେ ୨୧ ଜଣ ମହିଳା ମାଓବାଦୀ ଅଛନ୍ତି। ଏମାନେ ଦନ୍ତେୱାଡ଼ା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୯ ମାସରେ ଗଲାଣି ୮୨ ଦାଦନ ଜୀବନ

## ପ୍ରତିଶ୍ରୁତି ପାଣିର ଗାର, ନିଧଡ଼କ ଚାଲିଛି ଶ୍ରମିକ ଚାଲାଣ

ଭୁବନେଶ୍ୱର,୨୪।୯(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ଦାଦନ ଏକ ବଡ଼ ସମସ୍ୟା ବୋଲି ଚିତ୍କାର କରୁଥିଲା। କ୍ଷମତାକୁ ଆସିଲେ ଦାଦନ ସମସ୍ୟାର ସମାଧାନ କରିଦେବୁ ବୋଲି ଦଳୀୟ ନେତାମାନେ ବାହାସ୍ଫୋଟ ବି ମାରୁଥିଲେ। ମାତ୍ର ସରକାର ଗଠନକୁ ଏହାରି ଭିତରେ ଦେଢ଼ ବର୍ଷ ବିତିଲାଣି, ଏଯାବତ୍ ଦାଦନ ନିରାକରଣ ଦିଗରେ ସରକାରଙ୍କ ପଦକ୍ଷେପ ଏକ ଟାସ୍କ ଫୋର୍ସ ଗଠନ ମଧ୍ୟରେ ସୀମିତ ରହିଛି। ଶାସକ ଦଳର ବିଧାୟକ ଅନ୍ୟପକ୍ଷରେ ଓଡ଼ିଶାରୁ ଦାଦନ ଶ୍ରମିକ ହୋଇ ଯାଉଥିବା ଲୋକମାନେ ବାହାର ରାଜ୍ୟରୁ ଶବ ହୋଇ ଫେରୁଛନ୍ତି। ଶତାଧିକ ଲୋକଙ୍କର ଅକାରଣରେ ପ୍ରାଣ ଚାଲିଯାଉଛି। ହେଲେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟରେ ଲକ୍ଷାଧିକ ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି ଓ ହେବ ବୋଲି ସରକାର ଜୋର୍‌ଦାର୍ ପ୍ରଚାର କରୁଥିଲେ ବି ଦାଦନ ରୋକିବା ନେଇ ସୁଦୂରପ୍ରସାରୀ ଯୋଜନା ସରକାର କରିପାରୁନାହାନ୍ତି।

ଗତ କିଛି ମାସ ଭିତରେ ଶ୍ରମିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଦାଦନ ଶ୍ରମିକ ଓ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାରେ ସର୍ବାଧିକ ଶ୍ରମିକ ପ୍ରାଣ ହରାଇଛନ୍ତି। ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ ୮୨ ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇଥିବା ବେଳେ ନବରଙ୍ଗପୁରର ସର୍ବାଧିକ ୧୦ଜଣ ପ୍ରବାସୀ ଶ୍ରମିକ ଅଛନ୍ତି। ଅନ୍ୟପକ୍ଷରେ ପ୍ରବାସୀ ଦାଦନମାନଙ୍କୁ ଅକଥନୀୟ ଅତ୍ୟାଚାର, ଶୋଷଣ

### ଆଖିଦୃଶିଆ ହେଉନି ଦାଦନ ଟାସ୍କଫୋର୍ସ କାର୍ଯ୍ୟ

କରାଯାଉଥିବା ସେମାନେ ଅଭିଯୋଗ ହୋଇଛି। ବର୍ତ୍ତମାନ ଆମ ଦେଶରେ ୪୧ କୋଟି ୪ଲକ୍ଷ ୨ ହଜାର ୯୧୭ ପ୍ରବାସୀ ଶ୍ରମିକ ଥିବାବେଳେ ଆମ ରାଜ୍ୟର ସଂଖ୍ୟା ୧୪ତମ ସ୍ଥାନରେ ରହିଥିବା ଜଣାପଡ଼ିଛି। ସାଧାରଣତଃ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିବା ସବୁପ୍ରକାର ଶ୍ରମିକ, ଦାଦନ ଶ୍ରମିକ ବୋଲି ସାଧାରଣ ଲୋକଙ୍କ ଧାରଣା; କିନ୍ତୁ କିଛି ଅଗ୍ରୀମ ଟଙ୍କା ନେଇ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମିକମାନଙ୍କୁ ଦାଦନ ଶ୍ରମିକ କୁହାଯାଏ। ଠିକାଦାରମାନେ ଏହି ଅଗ୍ରୀମ ଅର୍ଥ ଶ୍ରମିକମାନଙ୍କୁ ଦିଅନ୍ତି। ସେମାନେ ସେଥିପାଇଁ ବାହାର ରାଜ୍ୟର ବଡ଼ ଠିକାଦାର କିମ୍ବା ନିଯୁକ୍ତିଦାତାଙ୍କ ପାଖରୁ ଆଗୁଆ ଟଙ୍କା ଆଣିଥା'ନ୍ତି। ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁସାରେ କେବଳ ଅଗ୍ରୀମ ନେଇ ଠିକାଦାରଙ୍କ ଜରିଆରେ



୫ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବା ବ୍ୟବସ୍ଥାକୁ ଦାଦନ ଶ୍ରମିକ ବା ପ୍ରବାସିକ ଶ୍ରମିକ ଆଇନର ପରିସରଭୁକ୍ତ।

ଦାଦନଜନିତ ବିସ୍ଥାପନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଯେଉଁ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି ସେଥିରେ, ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ମହିଳା ଓ ଶିଶୁବିକାଶ, ମିଶନଶକ୍ତି, ପର୍ଯ୍ୟଟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବମାନେ ସଦସ୍ୟ ଭାବରେ ଅଛନ୍ତି। ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଓଡ଼ିଶାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଭାବରେ ଆଲୋଚନା କରିବା ସହ ସେସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସରକାର ଜୋର୍‌ଦାର ପ୍ରଚାର କଲେ। ମାତ୍ର ଗତ ଦେଢ଼ ବର୍ଷ ଭିତରେ ଏହାର କୌଣସି ସୁଫଳ ଶ୍ରମିକମାନଙ୍କୁ ମିଳିନି। ନିକଟ ଅତୀତରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇଁ ପାଳନ କରିବାକୁ ବାହାର ରାଜ୍ୟରୁ ହଜାର ହଜାର ଶ୍ରମିକ ଭିଟାମାଟି ମୁହାଁ ହୋଇଥିଲେ ପରବର୍ତ୍ତୀ ସମୟରେ ସେମାନେ ପୁଣିଥରେ ଦଲାଲ୍‌ମାନଙ୍କ ସାହାଯ୍ୟରେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ମାତ୍ର ସରକାର ଏହାକୁ ରୋକିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇପାରୁନାହାନ୍ତି।

## ଡାହା ମିଛ କହୁଛନ୍ତି ଶ୍ରୀମୟୀ: ବିଜେଡି

ଭୁବନେଶ୍ୱର,୨୪।୯(ସମିସ): ବିଜେଡିରୁ ନିଲମ୍ବିତ ହେବା ପରେ ଶ୍ରୀମୟୀ ମିଶ୍ର ଗଣମାଧ୍ୟମରେ ଦେଇଥିବା ପ୍ରତିକ୍ରିୟାକୁ ମିଛ ପ୍ରମାଣିତ କରିଛି ବିଜେଡି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଁ ଗତ ଏକ ବର୍ଷ ହେଲା ବିଜେଡିରେ ନଥିଲି ବୋଲି କହିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଶ୍ରୀମୟୀ ଜଣେ ଡାହା ମିଛେଇ ବୋଲି କହିଛି।ଏହା ସହିତ ଗତ ଏକ ବର୍ଷ ଭିତରେ ଦଳର ସଦସ୍ୟ ସଂଗ୍ରହ ଅଭିଯାନ ସମେତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଶ୍ରୀମୟୀ ସାମିଲ ହୋଇଥିବାର ଫଟୋ ଓ ଭିଡିଓକୁ ପ୍ରମାଣ ସ୍ୱରୂପ ଆଜି ଗଣମାଧ୍ୟମ ସମ୍ମୁଖରେ ପ୍ରଦର୍ଶିତ କରିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଶ୍ରୀମୟୀଙ୍କ ମନ୍ତବ୍ୟକୁ ମିଥ୍ୟା ବୋଲି ପ୍ରମାଣିତ କରିବା ସହିତ ସେ ଜଣେ ଅଭ୍ୟାସଗତ ମିଛୁଆ ବୋଲି କହିଥିଲେ। ଶ୍ରୀମତୀ ଛୁରିଆ କହିଥିଲେ ଯେ ବିଜେଡି ହେଉଛି ଭାରତର ସଫଳତମ ରାଜନୈତିକ ଦଳ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଏହି ଦଳ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇଁ ୨୪ ବର୍ଷ ରାଜ୍ୟର ଶାସନଭାର ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲା । ଶୃଙ୍ଖଳା ଭଙ୍ଗ କରିଥିବାରୁ ଗତକାଲି ଶ୍ରୀମୟୀ ମିଶ୍ରଙ୍କ ସମେତ ତିନି ଜଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ନିଲମ୍ବନ ଆଦେଶ ଗଣମାଧ୍ୟମରେ ପ୍ରସାରିତ ହେବା ପରେ



ଶ୍ରୀମୟୀ ଗତ ଏକ ବର୍ଷ ହେଲା ବିଜେଡିରେ ନାହାନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ମାତ୍ର ଗତ ଏକ ବର୍ଷ ଭିତରେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଛନ୍ତି, ଦଳର ନେତୃତ୍ୱ ଓ କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ଏହି ସମୟରେ ଦଳ ତାଙ୍କୁ ଭିନ୍ନ ଭିନ୍ନ ପଦବୀରେ ଦାୟିତ୍ୱ ଦେଇଛି। କୌଣସି ସମୟରେ ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ରଖିନାହାନ୍ତି । ମାତ୍ର ଗତକାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଦଳ ତାଙ୍କୁ ନିଲମ୍ବନ କରିବା ପରେ, ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ଦେବା ଡାହା ମିଛ ବୋଲି ପ୍ରମାଣିତ ହେଉଛି ।

ଡ. ଲେନିନ ମହାନ୍ତି କହିଥିଲେ ଯେ ଗତ ନିର୍ବାଚନ ପରଠାରୁ ବିଜେଡିର ପୁନର୍ଗଠନ ହୋଇଥିବା ବିଭିନ୍ନ ପଦବୀରେ ଶ୍ରୀମୟୀଙ୍କ ନାମ ଘୋଷଣା କରାଯାଇଥିଲା।

### ଫଟୋ ଓ ଭିଡିଓ ଜାରି କରି ଦଳ ଦେଲା ପାଲଟା ଜବାବ

ଯେତେବେଳେ ପଦବୀ ପାଉଥିଲେ ଶ୍ରୀମୟୀ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ମାତ୍ର ଗତକାଲି ଯେତେବେଳେ ଦଳ ତାଙ୍କୁ ଶୃଙ୍ଖଳାଗତ କାରଣରୁ ନିଲମ୍ବନ କଲା, ସେ ଗଣମାଧ୍ୟମକୁ ମନ୍ତବ୍ୟ ଦେଇ ସେ ଦଳରେ ନାହାନ୍ତି ବୋଲି କହୁଛନ୍ତି । ତାଙ୍କ ମନ୍ତବ୍ୟ ସ୍ପଷ୍ଟ ଦିବାଲୋକରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି। ଦଳ ତାଙ୍କୁ ବିଭିନ୍ନ ପଦ ପଦବୀ ଦେଇ ଯଥେଷ୍ଟ ସମ୍ମାନ ଦେଇଥିଲା, କିନ୍ତୁ ସେହି ସମ୍ମାନର ମାନ ସେ ରଖିନାହାନ୍ତି ବୋଲି ଲେନିନ୍ କହିଛନ୍ତି ।

## ଫେବୃଆରୀ ୧୭ରୁ ସିବିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର, ୨୪।୯(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଫେବୃଆରୀ ୧୭ ତାରିଖରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ପରୀକ୍ଷା ଆରମ୍ଭ ହେବାର ପ୍ରାୟ ପାଞ୍ଚ ମାସ ଅର୍ଥାତ୍ ୧୪୬ ଦିନ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ପରୀକ୍ଷା ସୂଚୀ ଅନୁଯାୟୀ, ଦଶମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ ୪ ତାରିଖରେ ସରିବ। ଚଳିତବର୍ଷ ଉଭୟ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ଛାତ୍ରଛାତ୍ରୀ ୨୦୪ ଟି ବିଷୟରେ ପରୀକ୍ଷା ଦେବେ। ସିବିଏସ୍‌ଇ ବିଦ୍ୟାଳୟ ଥିବା ୨୬ ଟି ଦେଶରେ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଦିନକୁ ଗୋଟାଏ ଲେଖାଏଁ ସିଫ୍ଟରେ ସକାଳ ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ। ଏହା ଚୁଡ଼ାନ୍ତ ସୂଚୀ ହୋଇ ନ ଥିଲେ ମଧ୍ୟ ସାମ୍ଭାବ୍ୟ ତାରିଖ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଆବଶ୍ୟକ ହେଲେ ଏଥିରେ ସଂଶୋଧନ ହୋଇପାରେ।

## ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା

ଭୁବନେଶ୍ୱର,୨୪।୯(ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା ମିଳିବ। ଚଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି ୨.୦ ସଂସ୍କାର ପରେ ସାରା ଦେଶରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି।

**ସିଏଜି ରିପୋର୍ଟ**

## ସିସିଟିଏନ୍ ପାଇଁ ରାଜ୍ୟ ସରକାର ଦେଇଛନ୍ତି ୧୦୯ କୋଟି

ଭୁବନେଶ୍ୱର,୨୪।୯(ସମିସ): ମାର୍ଚ୍ଚ ୨୦୨୩ରେ ସମାପ୍ତ ଆର୍ଥିକ ବର୍ଷ ପାଇଁ ପ୍ରକାଶ ପାଇଛି ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ ରିପୋର୍ଟ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବ୍ୟୟ ଉପରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ରାଜ୍ୟରେ ଆରମ୍ଭ କରାଯାଇଥିବା କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍)ଯୋଗୁ ପୁଲିସ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ନାଗରିକ କୈନ୍ଦ୍ରିକ ସେବାରେ ଉନ୍ନତି ଆସିଛି। ସିସିଟିଏନ୍ ପାଇଁ ପ୍ରକଳ୍ପ ରାଜ୍ୟ ସରକାର ୧୦୯ କୋଟି ଟଙ୍କା ପ୍ରଦାନ କରିଥିବା ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ସୁବ୍ରୁ ଆର୍ ଏବଂ ଅତୁଲ ପ୍ରକାଶ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଙ୍ଗ ନେଟୱାର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍) ହେଉଛି ଭାରତ ସରକାରଙ୍କ ଜାତୀୟ ଇ-ଗଭର୍ଣ୍ଣାସ୍ ଯୋଜନା (ଏନଇଜିପି) ଅଧିନରେ ଏକ ମିଶନ୍ ମୋଡ୍ ପ୍ରକଳ୍ପ। ରାଜ୍ୟରେ ସିସିଟିଏନ୍‌ଏସ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଭାରତ ସରକାର ଏବଂ ଓଡିଶା ସରକାର ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସାକ୍ଷରିତ ହୋଇଥିଲା। ଏହି ପ୍ରକଳ୍ପ ୨୦୧୩ରେ ଆରମ୍ଭ କରାଯାଇଥିଲା । ମାର୍ଚ୍ଚ ୨୦୨୩ ସୁଦ୍ଧା ନବୀନ୍ ସରକାରଙ୍କ ଅମଳରେ ରାଜ୍ୟରେ ଏହି ପ୍ରକଳ୍ପ ଅଧିନରେ ଏହାର ପ୍ରାରମ୍ଭରୁ ମୋଟ ୧୭୬.୧୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିମଧ୍ୟରୁ କେନ୍ଦ୍ର ସରକାର ୬୬.୭୫ କୋଟି ଟଙ୍କା ପଦାନ କରିଥିବାବେଳେ ରାଜ୍ୟ ସରକାର ୧୦୯.୪୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି), ରାଜ୍ୟ



ସରକାର, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ((ଡିଆଇଟି), ଭାରତ ସରକାର ଏବଂ ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି) ସମେତ ସମସ୍ତ ହିତାଧିକାରୀଙ୍କ ସହ ପରାମର୍ଶ କରି ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍) ଦ୍ୱାରା ଏହା ସଂକଳିତ ହୋଇଥିଲା। ସିସିଟିଏନ୍ ଲାଗୁ ହେବା ପୂର୍ବରୁ କ୍ରାଇମ ଏବଂ କ୍ରିମିନାଲ ଇନ୍‌ଫର୍ମେସନ ସିଷ୍ଟମ (ସିସିଆଇଏସ) ଏବଂ କମନ ଇଣ୍ଟିଗ୍ରେଟେଡ ପୋଲିସ ଆପ୍ଲିକେସନ୍ (ସିଆଇପିଏ) ଯଥାକ୍ରମେ ୧୯୯୦ ଏବଂ ୨୦୦୪ରେ ଆରମ୍ଭ କରାଯାଇଥିଲା ।

କେବଳ ଅପରାଧ ଏବଂ ଅପରାଧ ସମ୍ବନ୍ଧୀୟ ଡାଟାବେସ ସୃଷ୍ଟି କରିବା ପାଇଁ ସିସିଆଇଏସ ଏକ ପଦକ୍ଷେପ ଥିଲା ଯାହା ସୁରକ୍ଷା ଏଜେନ୍ସି ଦ୍ୱାରା ଅପରାଧ ମନିଟରିଂ ପାଇଁ ବ୍ୟବହୃତ ହୋଇପାରୁଥିଲା।ସିସିଟିଏନ୍ ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ଯାହାକି ସମସ୍ତ ସ୍ତରରେ ପୋଲିସର ଦକ୍ଷତା ଏବଂ କାର୍ଯ୍ୟକାରିତାକୁ ବଢ଼ାଇବା ପାଇଁ ଏକ ବ୍ୟାପକ ତଥା ସମନ୍ୱିତ ବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛି, ବିଶେଷ କରି ଥାନା

### ପୁରୁଣା ରେକର୍ଡର ହୋଇଛି ଡିଜିଟାଇଜେସନ୍

ସ୍ତରରେ ଇ-ଗଭର୍ଣ୍ଣାନ୍ସ ନୀତି ଆପଣାଇବା ଏବଂ ଆଇଟି ସକ୍ଷମ ଟ୍ରାକିଂ ସିଷ୍ଟମର ବିବର୍ତ୍ତନ ପାଇଁ ଦେଶବ୍ୟାପୀ ନେଟୱାର୍କ ଭିତିଭୂମି ସୃଷ୍ଟି କରିବା। ସିସିଟିଏନ୍‌ଏସ୍ କୋର ଆପ୍ଲିକେସନ ସଫ୍ଟୱେର (ସିଏଏସ) ରେ ପଞ୍ଜୀକରଣ, ଅନୁସନ୍ଧାନ ଏବଂ ପ୍ରବର୍ତ୍ତନ ପରି ମଡ୍ୟୁଲ ଅଛି। ସିଏଏସ୍ ବ୍ୟତୀତ, ଅଭିଯୋଗ ପଞ୍ଜୀକରଣ, ଚରିତ୍ର ସାର୍ଟିଫିକେଟ ଅନୁରୋଧ, ଆୟୋଜନ ପ୍ରଦର୍ଶନ ଅନୁରୋଧ, ବିରୋଧ/ ହରତାଳ/ ରାଲି ପଞ୍ଜୀକରଣ ଅନୁରୋଧ, ବିଦେଶୀ ପଞ୍ଜୀକରଣ ଅନୁରୋଧ ଇତ୍ୟାଦି ସେବା ପାଇଁ ନାଗରିକ ସେବା ପୋର୍ଟାଲ ଏନ୍‌ସିଆଇବି ଦ୍ୱାରା ବିକଶିତ ହୋଇଛି ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସେମାନଙ୍କ ସ୍ତରରେ ବିନ୍ୟାସ, କଷ୍ଟମାଇଜେସନ୍, ବୃଦ୍ଧି ଏବଂ ନିୟୋଜନ ପାଇଁ ପ୍ରଦାନ କରାଯାଇଛି ।

## ଚୁକଟିଆ ଭୁଞ୍ଜିଆ ଜନଜାତିର ସୁନା ଝିଅ ଜାମିନୀ

ଭୁବନେଶ୍ୱର,୨୪।୯(ସମିସ): ଚୁକଟିଆ ଭୁଞ୍ଜିଆ ଜନଜାତି ସମ୍ପ୍ରଦାୟର ପ୍ରଥମ ରିସର୍ଚ୍ଚ ସ୍କଲାର ହେବାର ଗୌରବ ଅର୍ଜନ କରିଛନ୍ତି ଜାମିନୀ ଝାଙ୍କର। ଜାମିନୀ କିସ୍ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର ଭାବେ ଯୋଗ ଦେଇଥିବା ବେଳେ ତାଙ୍କର

■ ପ୍ରଥମ ରିସର୍ଚ୍ଚ ସ୍କଲାର୍ ହୋଇଥିବାରୁ ଛୁଟୁଛି ପ୍ରଶଂସାର ସୁଅ
■ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ ଜାମିନୀ

ଗବେଷଣା ସଫଳତାର ସହ ଶେଷ କରି ପିଏଚ୍‌ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାମିନୀ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ। ଜାମିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଜାମିନୀ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଶୀର୍ବାଦ ନେଇଥିବା ବେଳେ



ଶ୍ରୀ ସାମନ୍ତ ଜାମିନୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂଆପଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଘେରା ଏକ ଦୁର୍ଗମ ଗାଁ ସାନବାହାଲିର ଝିଅ ଜାମିନୀ। ବାପା ବିଜୟ ଝାଙ୍କର ଓ ମା' ବୈଦେହୀଙ୍କ ଶିକ୍ଷା ପ୍ରତି ସଚେତନତା ଯୋଗୁଁ ଜାମିନୀ ଏହି ସ୍ଥାନରେ ପହଞ୍ଚିପାରିଥିବା ବେଳେ ଅନ୍ୟ ୬ ଭଉଣୀ ମଧ୍ୟ ଏବେ ଶିକ୍ଷାରତ। ଝିଅ ଜାମିନୀ ଆଜି ଜନଜାତି ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଜାମିନୀ ନିଜ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନିଜର କୃତଜ୍ଞତା ଜଣାଇବା ସହ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ଗାଇଡ୍ ଡ. ରଶ୍ମି ମହାପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। କିସ୍‌ରେ ପାଠପଢ଼ି ବହୁ ଗରିବ ଜନଜାତି ଛାତ୍ରଛାତ୍ରୀ ଆଜି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ଓଏଏସ୍ ଓ ଓଜେଏସ୍ ହୋଇପାରିଥିବା ବେଳେ ଅନେକ ଛାତ୍ରଛାତ୍ରୀ ଆଇଆଇଟି, ଏନ୍‌ଆଇଟି, ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି।

## ଆୟରଲ୍ୟାଣ୍ଡ ଗଲା ଢେଙ୍କାନାଳ ଅମୃତଭଣ୍ଡା ଓ ସାରୁ

ଭୁବନେଶ୍ୱର,୨୪।୯(ସମିସ): ପ୍ରଥମଥର ପାଇଁ ଢେଙ୍କାନାଳର ସବୁଜ ପନିପରିବା ଆୟରଲ୍ୟାଣ୍ଡ ରପ୍ତାନୀ ହୋଇଛି। ପ୍ରାୟ ୧୦୦ କିଲୋ ସାରୁ ଏବଂ ୩୨୦ କିଲୋ ସବୁଜ ଅମୃତଭଣ୍ଡା ନେତାଜୀ ସୁବାସ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦର କଲିକତା ଦେଇ ସୁଦୂର ଆୟରଲ୍ୟାଣ୍ଡକୁ ଯାଇଛି। କୃଷି ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୃଢ଼ ନେତୃତ୍ୱ, ଗେଟ୍ସ ଫାଉଣ୍ଡେସନ୍‌ର ସହାୟତା ଏବଂ ପାଲାଡିୟମର ମିଳିତ ସମନ୍ୱୟରେ ଏହି ସଫଳତା ସମ୍ଭବ ହୋଇଛି। ଢେଙ୍କାନାଳର 'ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ' ଚାଷୀ ଭାଇଭଉଣୀଙ୍କୁ ନିଜ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରି ବିଶ୍ୱ ବଜାରରେ ଓଡ଼ିଶାର କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛି। ଚଳିତ ଥର ଅମୃତଭଣ୍ଡା ସହ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସାରୁ ରପ୍ତାନୀ କରି ଏହି କୃଷକ ଉତ୍ପାଦକ ସଂଗଠନ ନିଜ ସଫଳତାର ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବା ସହ କୃଷି ବିଭାଗ ନେତୃତ୍ୱରେ ପାଲାଡିୟମର ସମନ୍ୱୟରେ




୨୦୨୪ ଠାରୁ ଏପର୍ଯ୍ୟନ୍ତ ୧୪୦ ମେଟ୍ରିକ୍ ଟନ୍‌ରୁ ଅଧିକ ସତେଜ ପନିପରିବା ଓ ଫଳ ୧୦ଟି ଅନ୍ତର୍ଜାତୀୟ ବଜାରକୁ ରପ୍ତାନୀ କରାଯାଇଛି। ଏହି ରପ୍ତାନୀକରଣ ମାଧ୍ୟମରେ ସମ୍ପୃକ୍ତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ୪୦ ପ୍ରତିଶତରୁ ୬୨ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ମୂଲ୍ୟ ପାଇବାରେ ସକ୍ଷମ ହେଇପାରିଛନ୍ତି। ଏହି ପଦକ୍ଷେପ ଚାଷୀମାନଙ୍କୁ କେବଳ ଉଚିତ୍ ମୂଲ୍ୟ ଦେଇନି, ବରଂ ଆତ୍ମନିର୍ଭରଶୀଳ କରାଇବା ସହ ବିଶ୍ୱ ବଜାରର ଚାହିଦା ପୂରଣ କରିବା ପାଇଁ ସକ୍ଷମ କରାଉଛି।

ସତ୍ୟମେବ ଜୟତେ
ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ
ଭାରତ ସରକାର

# ଭାରତୀୟ ଖାଦ୍ୟ ଅର୍ଥନୀତି ପାଇଁ

## ଏକ ପ୍ରବେଶ ଦ୍ୱାର



ଚତୁର୍ଥ ସଂସ୍କରଣ

WORLD FOOD INDIA 2025

୨୫ ରୁ ୨୮ ସେପ୍ଟେମ୍ବର

ସମୃଦ୍ଧି ପାଇଁ ପ୍ରକ୍ରିୟାକରଣ

## ଉଦ୍‌ଘାଟନ କରିବେ

# ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀ

**୨୫ ସେପ୍ଟେମ୍ବର, ୨୦୨୫ | ସନ୍ଧ୍ୟା ୧୮:୦୦ ଘଟିକା | ଭାରତ ମଣ୍ଡପମ୍, ନୂଆଦିଲ୍ଲୀ**

### ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ମୁଖ୍ୟ ଆକର୍ଷଣ

**ବିଶ୍ୱସ୍ତରୀୟ ସମ୍ମେଳନ, ଅସୀମିତ ସୁଯୋଗ**
୧୮୦୦+ ପ୍ରଦର୍ଶକ, ୫୦୦+ ଆନ୍ତର୍ଜାତୀୟ କ୍ରେତା, ୧୦୦+ ଦେଶ

**ସ୍ୱାଦ, ଭବିଷ୍ୟତ ଏବଂ ଭାଗିଦାରୀ**
ଲାଇଭ୍ ଫୁଡ୍ ଜୋନ୍, ନବୀନତା କେନ୍ଦ୍ର, କ୍ରେତା-ବିକ୍ରେତା ସମ୍ମିଳନୀ

**ଗତିଶୀଳ ପରିବେଶକୁ ପ୍ରୋତ୍ସାହନ**
ବିଶ୍ୱ ଖାଦ୍ୟ ନିୟାମକ ସମ୍ମିଳନୀ, ୨୦୨୫ ଓ ଭାରତୀୟ ଆନ୍ତର୍ଜାତୀୟ ସିଫୁଡ୍ ମେଳା, CEO କାର୍ଯ୍ୟକ୍ରମ, ଷ୍ଟାର୍ଟ-ଅପ ପ୍ରଦର୍ଶନୀ ଓ ବିଷୟବସ୍ତୁ ଆଧାରିତ ଆଲୋଚନାଚକ୍ର

**ବିଶ୍ୱରୁ ଭାରତକୁ, ଏକ କେନ୍ଦ୍ରସ୍ଥଳୀରେ**
୨୦+ ଦେଶର ପ୍ୟାଭିଲିଅନ୍ ଓ ୨୫+ ରାଜ୍ୟ ଭାଗ ନେଉଛନ୍ତି

### ଗତ ୧୧ ବର୍ଷର ସଫଳତା

**ଗତିଶୀଳ ମୂଲ୍ୟବୋଧ, କ୍ଷମତାଶାଳୀ ପ୍ରଗତି**
ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗରେ ସମୁଦାୟ ମୂଲ୍ୟ ବୃଦ୍ଧି (GVA) ୨୦୧୪ ରୁ ୧୫ରେ ଟ.୧.୩୪ ଲକ୍ଷ କୋଟିରୁ ୨୦୨୩-୨୪ରେ ଟ.୨.୨୪ ଲକ୍ଷ କୋଟିକୁ ବୃଦ୍ଧି ପାଇଛି

**ଭାରତୀୟ ପଦାର୍ଥକୁ ବିଶ୍ୱସ୍ତରୀୟ କରିବା**
ଭାରତୀୟ ପ୍ରକ୍ରିୟାଜାତ ଖାଦ୍ୟର ରପ୍ତାନି ଦ୍ୱିଗୁଣ ହୋଇ ୨୦୧୪-୧୫ରେ ଟ.୩୩ ହଜାର କୋଟିରୁ ୨୦୨୪-୨୫ରେ ଟ.୮୬ ହଜାର କୋଟିରେ ପହଁଞ୍ଚିଛି

**ବିଶ୍ୱସ୍ତରୀୟ ଆତ୍ମବିଶ୍ୱାସ, ଭାରତର ସୁଯୋଗ**
୨୦୧୪-୧୫ ରୁ ୨୦୨୪-୨୫ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣରେ ବିଦେଶୀ ପୁଞ୍ଜି ବିନିଯୋଗ ଟ. ୫୩,୦୦୦ କୋଟିରୁ ଅଧିକ

**ଏକ ଦଶକର ସ୍ଥିର, ନିରନ୍ତର ଅଭିବୃଦ୍ଧି**
୨୦୨୩-୨୪ ରେ ଶେଷ ହୋଇଥିବା ଗତ ନଅ ବର୍ଷ ମଧ୍ୟରେ ଏହି କ୍ଷେତ୍ର ପ୍ରଭାବଶାଳୀ ଅଭିବୃଦ୍ଧି ହାସଲ କରିଛି ଏବଂ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର - ୬.୫୫%କୁ ଅତିକ୍ରମ କରିଛି ।

**ସିଧା ପ୍ରସାରଣ ଡିଡି ନ୍ୟୁଜ୍**

www.worldfoodindia.gov.in @worldfoodindia

Scan to Visit WFI 2025

ସକାଳ THE SAKALA



## ଜିଲ୍ଲା ପ୍ରଶାସନ, ନାଲ୍‌କୋ କର୍ତ୍ତୃପକ୍ଷ ଓ ଜମିହରାଙ୍କ ମଧ୍ୟରେ ଆଲୋଚନା

# ଜମିହରାଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା କରିବାକୁ ସହମତି

କୋରାପୁଟ,୨୪।୯ (ସମିସ): ନବରତ୍ନ କମ୍ପାନୀ ନାଲ୍‌କୋ ପ୍ରତିଷ୍ଠା ଯୋଗୁଁ କ୍ଷତିଗ୍ରସ୍ତ ଜମିହରାଙ୍କ ବିଭିନ୍ନ ଦାବି ସମ୍ପର୍କରେ ବୁଧବାର ଅପରାହ୍ନରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ, ନାଲ୍‌କୋ କର୍ତ୍ତୃପକ୍ଷ ଏବଂ ଜମିହରା ସଂଘ ପ୍ରତିନିଧିଙ୍କୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ତଥା ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପୀତମ୍ ପାଢ଼ୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଆଲୋଚନାରେ ନାଲ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ବରିଷ୍ଠ ଅଧିକାରୀ ଆଶୁତୋଷ ରଥଙ୍କ ସମେତ ଅନ୍ୟାନ୍ୟ



ଅଧିକାରୀ ଉପସ୍ଥିତ ଥିବା ବେଳେ ଜମିହରା ସଂଘର ପ୍ରତିନିଧି ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ନାଲ୍‌କୋ କର୍ତ୍ତୃପକ୍ଷ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ ନକରିବା ଓ ଜମିହରାଙ୍କ ଉତ୍ତରାଧିକାରୀ ମାନଙ୍କୁ ନିଯୁକ୍ତି ଦେଉନଥିବା ବିଷୟକୁ ନେଇ ଜମିହରା ସଂଘ ତୀବ୍ର ପ୍ରତିକ୍ରିୟା ଦେଇ ଜମିହରାଙ୍କୁ ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ କୌଣସି ନିଯୁକ୍ତି କରାଇ ଦିଆଯିବ ନାହିଁ ବୋଲି ସଂଘ ଦାବି କରିଥିଲା। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଜମିହରା ସଂଘ ପ୍ରତିନିଧି ଏହି ସମସ୍ୟାର ସମାଧାନ ନିଜେ ଜିଲ୍ଲାପାଳ କରିବାକୁ ଦାବି କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ କ୍ଷତିଗ୍ରସ୍ତ ପରିବାର ସଦସ୍ୟ ମାନଙ୍କ ପାଇଁ ନାଲ୍‌କୋ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବେ ଓ ସେହି ସମୟ ପର୍ଯ୍ୟନ୍ତ ବର୍ତ୍ତମାନ ଚାଲିଥିବା ନିଯୁକ୍ତି ପ୍ରକ୍ରିୟାର ଫଳ ପ୍ରକାଶ ନକରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିବା ପୂର୍ବତନ ବିଧାୟକ ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି। ଆଜିର ଆଲୋଚନାରେ ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରବନ୍ଧ ପ୍ରତିଯୋଗିତା

କୋରାପୁଟ,୨୪।୯ (ସମିସ) ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବ୍ଲକ ପ୍ରଶାସନ ତରଫରୁ ଆଧୁନିକ ଯୁଗରେ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ଆଗାମୀ ପିଢୀ ସହିତ ସମ୍ପର୍କ କୁ ସୁଦୃଢ଼ କରିବାର ପନ୍ଥା ଉପରେ ଏକ ପ୍ରବନ୍ଧ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଏହି ପ୍ରବନ୍ଧ ପ୍ରତିଯୋଗୀତାରେ ଲମତାପୁଟ ନିକଟବର୍ତ୍ତି ବିଭିନ୍ନ ବିଦ୍ୟାଳୟରୁ ୯୨ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଡଃ. ବି.ଆର୍ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଶ୍ରୁତିଲେଖା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ସେହିପରି ଏସ୍. ଏସ୍. ଡି ଜି.ଏଚ୍. ଏସ୍ ବିଦ୍ୟାଳୟ, ଲମତାପୁଟର ଦଶମ ଶ୍ରେଣୀର ଛାତ୍ରୀ ଇଶ୍ୱରୀ ବଡନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଲମତାପୁଟର ନବମ ଶ୍ରେଣୀ ଛାତ୍ରୀ ପୂଜାରାଣୀ ସ୍ୱାଇଁ, ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ପ୍ରତିଯୋଗୀତାରେ ମୁଖ୍ୟ ଅତିଥି ଭାବେ ଲମତାପୁଟ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ଯୋଗଦାନ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ସୁବ୍ରତ କିସ୍କୁ, ସରକାରୀ ବିଦ୍ୟାଳୟ, ଲମତାପୁଟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେନିଆ, ଜି.ପି.ଡି.ଓ ଅରୁଣ ସାହୁ, ଶିକ୍ଷକ ସଂଜୟ କୁମାର ପଣ୍ଡା ଏବଂ ଆମ୍ବେଦକର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବାସୁଦେବ ପଲେଇ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗୁମାଗୁଡିଆ, କନିଷ୍ଠ ସହାୟକ ଜଗନ୍ନାଥ ନାୟକ ଏବଂ କାର୍ଯ୍ୟକ୍ରମ ସହାୟକ ଶିବ ଖେମୁଣ୍ଡୁ ଆୟୋଜନ ଓ ପରିଚାଳନା କରିଥିଲେ।

## ଡ଼ଙ୍ଗରରାଣୀ କୃଷି ଉତ୍ପାଦକ କମ୍ପାନୀର ସାଧାରଣ ସଭା

କୋରାପୁଟ,୨୪।୯ (ସମିସ) କୋରାପୁଟ ଜିଲ୍ଲା ପୋଡ଼ାଗଡ଼ଠାରେ ଥିବା ଡଙ୍ଗରରାଣୀ କୃଷି ଉତ୍ପାଦକ କମ୍ପାନୀର ପଞ୍ଚ ବାର୍ଷିକୀ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଡ଼ଙ୍ଗରରାଣୀ କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ଼ର ବୋର୍ଡର୍ ଅଫ ନିର୍ଦ୍ଦେଶକ ଉର୍ମିଳା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶମନ୍ତପୁର ଗୋଷ୍ଠି ଉନ୍ନୟନ ଅଧିକାରୀ ମିଳନ ଝାଙ୍କର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ଏହି ଅଂଚଳର ମହିଳା ଚାଷୀଙ୍କୁ ଉନ୍ନତି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଦଶମନ୍ତପୁର ବ୍ଲକ ଅଞ୍ଚଳର କାଉଗୁଡା ଗ୍ରାମର ଚାଷୀ ମାଳତୀ ଗାଦବା ଓ ଖଜୁରୀଗୁଡା ଗ୍ରାମର ଚାଷୀ ବୁଦୁରି ସାଉଁତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କୋରାପୁଟ ଲିଡ୍ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର କୁମାର ତ୍ରିପାଠୀ, ଦଶମନ୍ତପୁର ଭି ଏ ଏସ ଗୋପାଳକୃଷ୍ଣ ଦଣ୍ଡବତ, ଦଶମନ୍ତପୁର ବ୍ଲକର ମୁଜାଙ୍ଗ କୃଷି ଅଧିକାରୀ କୃଷ୍ଣପ୍ରିୟା ମହାନ୍ତି, ସିୱାଇଏସଡି ପରିଚାଳକ ଆନନ୍ଦ ମଲ୍ଲିକ, ଅଜିତ କୁମାର ବିଷୋୟୀ, ଏ ମାଲକାନଗିରି ପଞ୍ଚାୟତର ସରପଞ୍ଚ କୁମୁଟି ଜାନି, ପରଜା ଫୁଲବେଡା ପଞ୍ଚାୟତର ସରପଞ୍ଚ ମହେଶ୍ୱର ଗୌଡ଼ ପ୍ରମୁଖ ଉପସ୍ଥିତ ରହି ମହିଳା ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦଶମନ୍ତପୁର ବ୍ଲକ ଅଞ୍ଚଳର ପାଇକ ଫୁଲବେଡା, ମୁଜାଙ୍ଗ, ପୋଡ଼ାଗଡ଼, ଗାଦିଆଗୁଡା, ନନ୍ଦିଗାଁ, ଆଡ଼ମଣ୍ଡା ମାଲକାନଗିରି, ପରଜା ବେଡାପଦର ଆଦି ୭ଟି ଗ୍ରାମପଞ୍ଚାୟତର ପ୍ରାୟ ୫ ଶହ ମହିଳା ଚାଷୀ ଉପସ୍ଥିତ ରହି ଡଙ୍ଗରରାଣୀ କୃଷି ଉତ୍ପାଦକ କମ୍ପାନୀ ଦ୍ୱାରା ବିଭିନ୍ନ କୃଷି ସାମଗ୍ରୀର ଉତ୍ପାଦନରେ ବୃଦ୍ଧି ସହ ସେଗୁଡିକର ଉଚିତ ମୂଲ୍ୟ ପାଇବା ପାଇଁ ସହଯୋଗ କରିବା ଉପରେ ନିଜ ନିଜର ମତ ରଖିଥିଲେ।

## ମୋବାଇଲ ପାଇଁ ଛାତ୍ରୀଙ୍କ ଆତ୍ମହତ୍ୟା

ବୈପାରୀଗୁଡ଼ା,୨୪।୯ (ସମିସ): ମୋବାଇଲ୍ ପାଇଁ ଦୁଇ ଭଉଣୀଙ୍କ ମଧ୍ୟରେ ସାମାନ୍ୟ ବଚସାକୁ ନେଇ ଜଣେ ଯୁକ୍ତ ଦୁଇ ଛାତ୍ରୀ ଆତ୍ମହତ୍ୟା କରିଛି। ବୁଧୁବାର ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ମୁର୍ଜା ଦିଶାରୀଗୁଡା ଠାରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ସେହି ଗାଁ ର ୧୭ ବର୍ଷୀୟ ଡମୁଣି ଗୌଡ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ସେ ମାଥିଲି କଲେଜରେ +୨ ସାଇନ୍ସ ପାଠ ପଢୁଥିଲା। କଲେଜରୁ ଫେରିବା ପରେ ତାଙ୍କ ସାନ ଭଉଣଙ୍କ ସହ ମୋବାଇଲ ପାଇଁ ସାମାନ୍ୟ ବଚସା ହୋଇଥିଲା । ଖବର ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ନବରାତ୍ରୀ ପୂଜାରେ କମ୍ପୁଛି ତାରିଣୀ ମନ୍ଦିର

ବେହେଡା, ୨୪।୯ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକର ବେହେଡା ଠାରେ ମା'ଙ୍କ ନବରାତ୍ରୀ ପୂଜାରେ କମ୍ପୁଛ ଅଞ୍ଚଳ। ସୋମବାର ଦିନ ଠାରୁ ପୂଜା ଆରମ୍ଭ ହୋଇଛି। ସକାଳ ଓ ସନ୍ଧ୍ୟା ସମୟରେ ପୂଜାରେ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି। ବହୁତ ଦୂରଦୁରାନ୍ତରୁ ଭକ୍ତମାନେ ଦର୍ଶନ କରିବା ପାଇଁ ଆସନ୍ତି। ମନ୍ଦିର ପ୍ରତିଷ୍ଠାତା ସୁଦାମ ମିଶ୍ରଙ୍କ କହିବା ଅନୁଯାୟୀ ପ୍ରତେକ ବର୍ଷ ଏହା ପାଳନ କରାଯାଏ। ଏହାସହ ଘଟଗାଁ ମନ୍ଦିରରେ ନୀତି ଅନୁସାରେ ପର୍ବ, ଯାତ୍ରା ପାଳନ ହୁଏ।

## ସହିଦ ପ୍ରଶାନ୍ତ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

କୋଷାଗୁମୁଡା,୨୪।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ସ୍ଥିତ ଲକ୍ଷ୍ମଣ ନାୟକ ଖେଳ ପଡିଆ ଠାରେ ଆଜି ସହିଦ ପ୍ରଶାନ୍ତ ପାତ୍ରଙ୍କ ୧୪ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ସହିଦଙ୍କ ପ୍ରତିମୂର୍ତ୍ତି ଠାରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ କରାଯାଇଥିଲା। ଆଜିର ଦିନରେ ତତ୍କାଳୀନ ଉମରକୋଟ ବିଧାୟକ ଜଗବନ୍ଧୁ ମାଝି ରାଇଘରର ଗନା ହାଟପଦା ଠାରେ ଏକ ଗୃହ ପଟ୍ଟା ବିତରଣ ସଭାରେ ଆତତାୟୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ। ଏହି ସମୟରେ ସୁରକ୍ଷାରେ ଥିବା ପୋଲିସ କନଷ୍ଟେବଳ(ପିଏସ ଓ) ପ୍ରଶାନ୍ତ ପାତ୍ର(ପିଙ୍କୁ) ମଧ୍ୟ ଆତତାୟୀଙ୍କ ଗୁଳିରେ ସହିଦ ହୋଇଥିଲେ। ସେ ଜଣେ ଅଞ୍ଚଳର ଜଣେ ସୁନାମଧନ୍ୟ ଭଲ ଫୁଟବଲ ଓ କ୍ରିକେଟ ଖେଳାଳି। ସୁପରିଚିତ ବ୍ୟକ୍ତିତ୍ୱ ଥିବାରୁ ଅଞ୍ଚଳର ଯୁବ ଗୋଷ୍ଠୀ ଏବଂ କୋଷାଗୁମୁଡ଼ା ଅଞ୍ଚଳବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆଜି ର ଏହି ପୁଣ୍ୟତିଥୀରେ ସହିଦଙ୍କ ପିତା କାହ୍ନୁ ଚରଣ ପାତ୍ର ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ତାଙ୍କ ଶ୍ରାଦ୍ଧ ଓ ଜନ୍ମବାର୍ଷିକୀ ପାଳନ କରାଯିବାକୁ ଦାବି କରାଯାଇଛି।

## ପୂର୍ବତନ ବିଧାୟକ ଜଗବନ୍ଧୁ ମାଝୀଙ୍କ ଶ୍ରାଦ୍ଧବାର୍ଷିକୀ

ରାଇଘର,୨୪।୯ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗୋନା ଠାରେ ପୂର୍ବତନ ବିଧାୟକ ଜଗବନ୍ଧୁ ମାଝୀଙ୍କ ୧୪ ତମ ଶ୍ରାଦ୍ଧ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜଗବନ୍ଧୁ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶ୍ରାଦ୍ଧ ଦିବସରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ସାଂସଦ ପ୍ରଦିପ ମାଝୀ, ପୂର୍ବତନ ବିଧାୟକ ତଥା ବ୍ଲକ ସଭାପତି ସୁବାଷ ଗଣ୍ଡ, ପୂର୍ବତନ ବ୍ଲକ ଅଧକ୍ଷା ନବୀନା ନାୟକ, ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସୁକଦେବ ଗଣ୍ଡ, ଉମରକୋଟ ମ୍ୟୁନିସିପାଲଟି ଚେୟାରମେନ ରାଧା ଭତ୍ରା, କାଜମ ମାଦାନି, ଜିଲ୍ଲାପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଖଗେଶ୍ୱର ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଆଜି କୁ ୧୪ ବର୍ଷ ତଳେ ଜଗବନ୍ଧୁ ମାଝି ଗୋନାହାଟ ପଦାଠାରେ




ପଟ୍ଟା ବଣ୍ଟନ କରୁଥିବା ସମୟରେ ସହିଦ ହୋଇଥିଲେ। କନଷ୍ଟେବଲ ପ୍ରଶାନ୍ତ କୁମାର ପାତ୍ର ତାଙ୍କ ସୁରକ୍ଷା ଦାୟିତ୍ୱରେ ଥାଇ ପ୍ରାଣ ହରାଇଥିଲେ।

## ନନ୍ଦପୁର ବ୍ଲକ୍‌ର ୧୮ ସ୍କୁଲକୁ ଜମି ପଟ୍ଟା ବଣ୍ଟନ

ନନ୍ଦପୁର,୨୪।୯ (ସମିସ): ନନ୍ଦପୁର ତହସିଲ କାର୍ଯ୍ୟାଳୟ ଅଧୀନରେ ଅବସ୍ଥିତ ବିଭିନ୍ନ ସରକାରୀ ସ୍କୁଲମାନଙ୍କୁ ନିଜସ୍ୱ ଜମିର ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତହସିଲଦାର ଦେବବ୍ରତ ମହାରଣା ନିଜେ ସ୍କୁଲ ପ୍ରଧାନଶିକ୍ଷକଙ୍କ ହାତକୁ ପଟ୍ଟା ପ୍ରଦାନ କରିଛନ୍ତି। ସ୍କୁଲଗୁଡ଼ିକର ନିଜସ୍ୱ ପଟ୍ଟା ମିଳିବାପରେ ଭବିଷ୍ୟତରେ ଭୂମି ସମ୍ପର୍କୀୟ ବିବାଦ ଓ ଅସୁବିଧାର ସମସ୍ୟା ନିବାରଣ ହେବ ବୋଲି ପ୍ରଧାନଶିକ୍ଷକ ମାନେ କହିଛନ୍ତି। ଏହା ସହିତ ସ୍କୁଲ ଭବନ ନିର୍ମାଣ, ଖେଳପଡିଆ, ବଗିଚା ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ ପ୍ରକଳ୍ପ ଅଧିଗ୍ରହଣର ସହାୟକ ହେବ ବୋଲି ମତ ପ୍ରକାଶ କରିଛନ୍ତି। ବିଭାଗୀୟ ସୂଚନା ଅନୁସାରେ ପୁଲିକୋଣ୍ଡା, ଗାଡ଼ିଆଗୁମା, ଜିରା, ହତିବାରି, ସିନ୍ଧିପୁଟ, ଟାଙ୍କୁଲି, ଟାଙ୍କେଲ, ହରଗଣ୍ଡା, ସାଉନି ପୂଜାରିପୁଟ, ଖିଲୁଆ, ହାଟଗୁଡ଼ା, ସୋଲପ, ଖୁର୍ଜି, ଖୁଜେଲ୍, ଲାମ୍ପି, କଟିଆପୁଟ, ହରିଡ଼ା ଗୁଡ଼ା, ତୋଟାପେଟ ର ମୋଟ ୧୮ ଗୋଟି ବିଦ୍ୟାଳୟକୁ ଆଜି ନିଜସ୍ୱ ଜମି ପଟ୍ଟା ହସ୍ତାନ୍ତର କରାଗଲା। ଏହି ଅବସରରେ ଉକ୍ତ ବିଦ୍ୟାଳୟ ମାନଙ୍କର ପ୍ରଧାନ ଶିକ୍ଷକ, ଏବିଡିଓ ମମତାଜ ଗମାଙ୍ଗ, ବ୍ଲକ ଶିକ୍ଷା ମଙ୍ଗଳ ଅଧିକାରୀ ନଗେନ ତ୍ରିପାଠୀ, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ସହ ନିଜେ ତହସିଲଦାର ଦେବବ୍ରତ ମହାରଣା ଉପସ୍ଥିତ ଥିଲେ।

## ଫେରାର ଗଞ୍ଜେଇ ମାଫିଆ ଗିରଫ

ଜୟପୁର, ୨୪।୯ (ସମିସ) : ଜୟପୁର ଟାଉନଥାନା ପୁଲିସକ ଏକ ବଡ ସଫଳତା ମିଳିଛି। ଗତକାଲି ରାତିରେ ସ୍ଥାନୀୟ ବାରିଣିପୁଟ ଅଞ୍ଚଳରେ ଚଢଉ କରାଯାଇ ସହରର ଗଞ୍ଜେଇ ମାଫିଆ କାର୍ତ୍ତିକ ଲାମ୍ବା ଓରଫ ନରସିଂହ ବାହାଦୁରକୁ ଗିରଫ କରାଯାଇଛି। ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଗତ ମେ ମାସ ୨୯ ତାରିଖରେ ଜୟପୁର ଟାଉନ ପୁଲିସ ପକ୍ଷରୁ ୧୩ କ୍ୱିଣ୍ଟାଲ ୧୮ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏହି ମାମଲାରେ ଟାଉନ ପୁଲିସ ପୂର୍ବରୁ ୮ ଜଣକୁ ଗିରଫ କରିଥିବା ବେଳେ ଆଜି ଏହି ଗଞ୍ଜେଇ ଚାଲାଣର ମାଷ୍ଟର ମାଇଣ୍ଡ ତଥା ଦୁର୍ଦ୍ଦାନ୍ତ ଗଞ୍ଜେଇ ମାଫିଆ କାର୍ତ୍ତିକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲ ଏବଂ ଆଜି ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଉଲ୍ଲାସଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ସ୍ଥାନୀୟ ହାଲୋ ଜୟପୁର ନିକଟସ୍ଥ ଏକ ପୁରୁଣା ଗୋଦାମରେ ଏକ ମିନି ଟ୍ରକରୁ ଅନ୍ୟଏକ କୁଣ୍ଡା ବୋଝେଇ ହୋଇଥିବା ୬ଚକିଆ ଟ୍ରକରେ ଗଞ୍ଜେଇ ଲୋଡିଂ ଚାଲୁଥିବା ବେଳେ ଟାଉନଥାନା ପୁଲିସ ଏସଆଇ ରାଜେନ୍ଦ୍ର ପାଙ୍ଗୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ୨୬ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଲୋଡିଂ ହେଉଥିବା ଉକ୍ତ ପୁରୁଣା ଗୋଦାମ ଭିତରୁ ଦୁଇଜଣ ଯୁବକ ପୁଲିସ ପେଟ୍ରୋଲି ଗାଡିକୁ ଦେଖି ଦୌଡିଥିଲେ। ପୁଲିସ ଦଳକୁ ଏଥିନେଇ ସନ୍ଦେହ ହେବରୁ ଉକ୍ତ ଗୋଦାମ ଭିତରୁକୁ ପୁଲିସ ଗାଡି ସହିତ ପ୍ରବେଶ କରିଥିଲେ। ଏହି ସମୟରେ ଗଞ୍ଜେଇ ପ୍ୟାକେଟ ଗୁଡିକ ଲୋଡିଂ ଚାଲୁଥିଲା ଏବଂ ସେଠାରେ ୧୦ରୁ ୧୨ ଜଣ ଠିଆ ହୋଇଥିଲେ। ପୁଲିସକୁ ଦେଖି ସେମାନେ ଦୌଡ଼ିବାରୁ ପୁଲିସ ଗୋଡାଇ ୪ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ ଏବଂ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲେ। ପଚରା ଉଚରା ବେଳେ ଏହି ଗଞ୍ଜେଇ ଲମତାପୁଟ ଅଞ୍ଚଳରୁ ଅଣାଯାଇଥିବା ବେଳେ ହରିୟାନା ରାଜ୍ୟକୁ ଚାଲାଣ ପାଇଁ ବ୍ୟବସ୍ଥା ହେଉଥିବା ନେଇ ଜଣାପଡିଥିଲା। ଏହିପରି ଏହି ଚାଲଣର ମୁଖ୍ୟ ଅଭିଯୁକ୍ତ ଗଞ୍ଜେଇ ମାଫାଇ କାର୍ତ୍ତିକ ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ନେଇ ପୁଲିସ ଭୁବନେଶ୍ୱର ଅଭିଯୁକ୍ତଙ୍କ କାରକୁ ଠାବ କରିଥିଲା। କିନ୍ତୁ ଉକ୍ତ କାର ପୂର୍ବରୁ ଟାଉନଥାନାରେ ଏସଆଇ ତଥା ଅସ୍ତରଙ୍ଗ ଥାନାଅଧିକାରୀ ଚଲାଉଥିବା ବେଳେ ପୁଲିସ ଧରିଥିଲେ। ଏହିପରି ଉକ୍ତ ଥାନା ଅଧିକାରୀଙ୍କ ଭୁବନେଶ୍ୱର ଘର ଯାଞ୍ଚ ବେଳେ କୌଶଳରେ ଥାନା ଅଧିକାରୀ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ଥାନା ଅଧିକାରୀଙ୍କୁ ରାଜ୍ୟ ପୁଲିସ ଡି.ଜି ଗଞ୍ଜେଇ ମାଫିଆଙ୍କ ସମ୍ପର୍କ ରଖିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

## ଆରଟିଆଇ ତଥ୍ୟ ପ୍ରଦାନକୁ ନେଇ ଥାନାରେ ଏତଲା

ରାୟଗଡ଼ା,୨୪।୯ (ସମିସ): ସୂଚନା ଅଧିକାର ଆଇନ ବଳରେ ବିଭାଗୀୟ ତଥ୍ୟ ମାଗିବା ଘଟଣାକୁ ନେଇ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଛନ୍ତି ଜଣେ ଆବେଦନକାରୀ । ଆବେଦନକାରୀ ହେଲେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଖରଜୋଡ଼ା ଗ୍ରାମର ଗୁରୁଦେବ ଗାଂତା। ଆଇଟିଡିଏ କାର୍ଯ୍ୟାଳୟରେ ଗୁରୁଦେବଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ନେଇ ଥାନାରେ ଏତଲା ଦେଇଥିବା ବେଳେ ରାୟଗଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି ମଧ୍ୟ ଗୁରୁଦେବ କାର୍ଯ୍ୟାଳୟକୁ ଆସି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ନେଇ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ ଅଟେ ବୋଲି କହିଛନ୍ତି। ଏହା ସହିତ ଗୁରୁଦେବଙ୍କ ସହିତ ବରୁଣ ନାମକ ଯୁବକ ଆସି ପାଟିତୁଣ୍ଡ କରିବା ସହିତ ଦୁର୍ବ୍ୟବହାର କରିଥିଲେ ବୋଲି କହିଛନ୍ତି। ଗୁରୁଦେବଙ୍କ ଅଭିଯୋଗ ଅନୁସାରେ ସେ ଅଗଷ୍ଟ ୨୦ ତାରିଖରେ ରାୟଗଡ ଆଇଟିଡିଏରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ(ଏମଏମଜେଜେଏମ) ଯୋଜନାରେ ହୋଇଥିବା ବିଭିନ୍ନ ଆର୍ଥିକ ଖର୍ଚ୍ଚ ଓ କାର୍ଯ୍ୟର ବିବରଣୀ ମାଗିଥିଲେ। ତେବେ ଏ ବିଷୟରେ ଆଲୋଚନା ପାଇଁ ଗୁରୁଦେବଙ୍କୁ ଆଇଟିଡିଏ କାର୍ଯ୍ୟାଳୟ ଚିଠି ନଂ ୧୬୮୭(୦୮.୦୯.୨୫) ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ୧୮ ସେପ୍ଟେମ୍ବର ତାରିଖରେ ଗୁରୁଦେବ ଓ ତାଙ୍କ ସମ୍ପର୍କୀୟ ଭାଇ ବରୁଣ ନାଏକ ଆଇଟିଡିଏ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଗୁରୁଦେବଙ୍କୁ ଆରଟିଆଇ ଫର୍ମ ଫେରାଇ ନେବା ସହିତ ଲାଞ୍ଚ ନେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଅନୁରୋଧ କରିଥିଲେ ବୋଲି ଗୁରୁଦେବ କହିଛନ୍ତି। ଏତଦ୍‌ବ୍ୟତିତ ଗୁରୁଦେବ ଓ ତାଙ୍କ ଭାଇ ବରୁଣଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରିଥିବା ଗୁରୁଦେବ ଅଭିଯୋଗ କରିଛନ୍ତି। ଏ ନେଇ ଆଇଆଇସି ପ୍ରସନ୍ନ ବେହେରାଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି ଏବଂ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ନନ୍ଦପୁର,୨୪।୯ (ସମିସ): ଲଗାଣ ବର୍ଷାରେ ନନ୍ଦପୁର ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ନନ୍ଦପୁର ଅଞ୍ଚଳରେ ଅନେକ କ୍ଷତି ହୋଇଛି। ଗୋଟିଏ ପଟେ ଚାଷୀକୁଳ ମୁଣ୍ଡରେ ହାତ ଦେଇଥିବା ବେଳେ ବୁଧବାର ସଂଧ୍ୟାରେ ନନ୍ଦପୁର ବ୍ଲକ ଭେଜା ପଞ୍ଚାୟତ ଅନ୍ତର୍ଗତ ହଞ୍ଜରପେଣ୍ଠ ଗ୍ରାମର ସିଦ୍ଧେଶ୍ୱର ବଡନାୟକଙ୍କ ଘର ଲଗାଣ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି। ତାଙ୍କ ପରିବାର ସଦସ୍ୟମାନେ ନାହିଁ ନଥିବା ଅସୁବିଧାରେ ପଡ଼ିଛନ୍ତି। ସିଦ୍ଧେଶ୍ୱରଙ୍କ ନିକଟରେ ସ୍ଥାନୀୟ ପ୍ରଶାସନ ତଥା ରାଜସ୍ୱ ନିରୀକ୍ଷକ ପହଞ୍ଚି ଘଟଣାର ସମୀକ୍ଷା କରୁଥିବା ଜଣାପଡିଛି। ଗ୍ରାମବାସୀ ସରକାରଙ୍କୁ ତୁରନ୍ତ ସହାୟତା ଓ ପୁନର୍ବାସ ବ୍ୟବସ୍ଥା ପାଇଁ ଦାବି କରିଛନ୍ତି।

## ପରମ୍ପରା ବଜାୟ ରଖିଛନ୍ତି ପଣସପୁଟ ଭାଗବତ ଟୁଙ୍ଗି ସଂକୀର୍ତ୍ତନ ମଣ୍ଡଳୀ

କୋରାପୁଟ,୨୪।୯ (ସମିସ) : ପ୍ରାଚୀନ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ କୀର୍ତ୍ତନ ସବୁ ଧର୍ମ ସହ ଜଡ଼ିତ। ହିନ୍ଦୁ ,ବୌଦ୍ଧ ଓ ଶିଖ୍ ଧର୍ମରେ ଏହା ବିଶେଷ ଭାବେ ପ୍ରଚଳିତ। ଜନମାନସରେ ଏହାକୁ ରୁଚିକର କରିବା ପାଇଁ ସଂକୀର୍ତ୍ତନ ବୋଲି କୁହାଯାଏ। ପୂର୍ବରୁ ପ୍ରାୟ ସବୁ ଗ୍ରାମରେ ଏଭଳି ସଂକୀର୍ତ୍ତନ ମଣ୍ଡଳୀ ଥିଲା। କାଳକ୍ରମେ ଏହି ସଂକୀର୍ତ୍ତନ ଜନମାନସରୁ ଲୋପ ପାଇବାକୁ ବସିଲାଣି। କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ଅନ୍ତର୍ଗତ ପଣଶପୁଟ ଗ୍ରାମର ଭାଗବତ ଟୁଙ୍ଗି ସଂକୀର୍ତ୍ତନ ମଣ୍ଡଳୀ ଏହି ପରମ୍ପରାକୁ ବଞ୍ଚେଇ ରଖିବାକୁ ପ୍ରୟାସ ଜାରି ରଖିଛି। ବିଶେଷକରି କାର୍ତ୍ତିକ, ଫାଲଗୁନ, ଚୈତ୍ର ଓ ବୈଶାଖ ଆଦି ମାସରେ କିମ୍ବା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଏହି ମଣ୍ଡଳୀ ପକ୍ଷରୁ କରାଯାଉଥିବା ସଂକୀର୍ତ୍ତନ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଦୃତ ଲାଭ କରିଛି। ଗ୍ରାମର ଉଭୟ ପୁରୁଷ ଓ ମହିଳା ନାମ ସଂକୀର୍ତ୍ତନରେ ସାମିଲ ହେଉଛନ୍ତି। ବହୁ ଘାତ ପ୍ରତିଘାତର



ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହି ସଂକୀର୍ତ୍ତନ ମଣ୍ଡଳୀ ଏବେବି ନିଜ ପରମ୍ପରା ବଞ୍ଚେଇ ରଖିଛି। ନୂତନ ପିଢ଼ିକୁ ସଂକୀର୍ତ୍ତନ ସହ ଯୋଡିବା ପାଇଁ ଏହି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଖୋଳ ତାଳ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

## ମାର୍କଫେଡ଼ ପାଖରେ ପହଞ୍ଚିଲା ବୈପାରୀଗୁଡା ବାଦାମ ସମସ୍ୟା

# ବାଦାମ ଚାଷୀ ପ୍ରାପ୍ୟ ପାଇବା ନେଇ ଅନିଶ୍ଚିତତା

ବୈପାରୀଗୁଡ଼ା,୨୪।୯ (ସମିସ): ଭୁବନେଶ୍ୱରସ୍ଥିତ ମାର୍କଫେଡ଼ କାର୍ଯ୍ୟାଳୟରେ ପହଞ୍ଚିଲା ବୈପାରୀଗୁଡା ବାଦାମ ଚାଷୀଙ୍କ ସମସ୍ୟା। କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ନେତୃତ୍ୱରେ ବୈପାରୀଗୁଡା ବ୍ଲକ୍‌ରେ ବିଭିନ୍ନ ଗାଁର ବାଦାମ ଚାଷୀ ମାନେ ଭୁବନେଶ୍ୱର ସ୍ଥିତ ମାର୍କଫେଡ଼ କାର୍ଯ୍ୟାଳୟରେ ପହଞ୍ଚି ଏମଡି ସନ୍ତୋଷ ନାୟକଙ୍କୁ ଭେଟିଛନ୍ତି । ବାଦାମ ଚାଷୀଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ଚାଷୀ ବୈପାରୀଗୁଡା ଲ୍ୟାମ୍ପସ ମଣ୍ଡି ମାଧ୍ୟମରେ ମାର୍କଫେଡ଼କୁ ବାଦାମ ବିକ୍ରି କରିଥିଲା। ହେଲେ ତିନିମାସ ବିତିଲେ ବି ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସିଲାନି। ଯାହାକୁ ନେଇ ଚାଷୀ ଆନ୍ଦୋଳନ ମଧ୍ୟ କରିଥିଲେ। ଆନ୍ଦୋଳନ ପରେ କିଛି ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ବେଳେ ୭୦ଜଣ ବାଦାମ ଚାଷୀଙ୍କ ପ୍ରାପ୍ୟ ଆସିଲାନି। ଯାହାକି ଟଙ୍କା ପାଇବା ନେଇ ଅନିଶ୍ଚିତତା ଦେଖାଦେଇଛି। ସେମାନଙ୍କ ମୋଟ ୭୦୦ କ୍ୱିଣ୍ଟାଲ ବାଦାମ ଯାହାକି ପଖାପଖି ୪୬ ଲକ୍ଷ ପ୍ରାପ୍ୟ ପାଇବାରୁ ବଞ୍ଚିତ ଅଛନ୍ତି । ଏଥିଲାଗି ଆଜି ଭୁବନେଶ୍ୱର ସ୍ଥିତ ମାର୍କଫେଡ଼ କାର୍ଯ୍ୟାଳୟରେ ଏମଡିଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି । ଏମଡି ଚାଷୀଙ୍କୁ କହିଛନ୍ତି ଯେ, କିଛି ଦିନ ମଧ୍ୟରେ ଲ୍ୟାମ୍ପସରେ ବୈଠକ ବସିବ ଏବଂ



ବାଦାମ ନିଲାମ ପ୍ରକ୍ରିୟା ପାଇଁ ଆଲୋଚନା ହେବ। ବାଦାମ ବିକ୍ରି ପରେ ଚାଷଙ୍କୁ ଟଙ୍କା ଆକାଉଣ୍ଟକୁ ପଠାଯିବ। ସୂଚନା ଅନୁଯାୟୀ, ବାଦାମ ଚାଷୀଙ୍କ ସମସ୍ୟାକୁ ନେଇ ବୈପାରୀଗୁଡା ଲ୍ୟାମ୍ପସ ସଭାପତି କୁନ୍ତଳା ନାୟକ କାର୍ଯ୍ୟରେ ଅବହେଳା ଦର୍ଶାଇ ସ୍ଥାନୀୟ ଏମ୍‌ଡି ରବି ମିଶ୍ରଙ୍କୁ ନିଲମ୍ବିତ କରିଛନ୍ତି।

## ବକେୟା ଦରମା ଦାବି କଲା ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ

କୁନ୍ଦୁରା,୨୪।୯ (ସମିସ): କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମେଡିକାଲ ଇନ୍‌ଚାର୍ଜଙ୍କୁ ୩ ମାସର ଦରମା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀ। ଦାବି ଅନୁଯାୟୀ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ତଥା ସୁଇପର, ଏଟେନାଣ୍ଡ , ସିକ୍ୟୁରିଟି ଗାର୍ଡ ଓ ଏଲ୍‌ଟି ସର୍ଭିସ୍ କର୍ମଚାରୀ ସମୁଦାୟ ୩୫ ଜଣ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କୁ ତିନି ମାସ ହେଲା ଦରମା ମିଳି ନାହିଁ । ଏବେ ଦଶହରା ପୂଜା ରହିଛି । ଏଣୁ ଆସନ୍ତା ୨୬ ତାରିଖ ସୁଦ୍ଧା ଦରମା ପ୍ରଦାନର ବ୍ୟବସ୍ଥା କରାଗଲେ ସମସ୍ତେ ଉପକୃତ ହୋଇ ପାରିବେ। ଦରମା ନ ମିଳିଲେ ୨୭ ତାରିଖରେ ସମସ୍ତ କର୍ମଚାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ ଦୁଇ ଦିନ ମଧ୍ୟରେ ଦରମା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।












# ଜିଲ୍ଲାପାଳଙ୍କୁ ପଛୁଆ ବର୍ଗ ଉନ୍ନୟନ ପରିଷଦର ଦାବିପତ୍ର ପ୍ରଦାନ



କୋରାପୁଟ,୨୪।୯ (ସମିସ): ବିଭିନ୍ନ ଦାବି ନେଇ କୋରାପୁଟ ଜିଲ୍ଲା ପଛୁଆ ବର୍ଗ ଉନ୍ନୟନ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲା ପଛୁଆ ବର୍ଗ ସଭାପତି ହରିହର ନାୟକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଜିଲ୍ଲାପାଳ କାର୍ଯ୍ୟାଳୟଠାରେ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପରିଷଦ କର୍ମକର୍ତ୍ତା ମାନଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ସରକାର ସବୁବେଳେ କେବଳ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ଆଜି ମଧ୍ୟ ସେମାନେ ଅବହେଳିତ ଅବସ୍ଥାରେ ରହିଥିଲେ ସୁଦ୍ଧା ସେମାନଙ୍କର ଦୁଃଖ କେହି ବୁଝି ପାରି ନାହାଁନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ମାଛକୁଣ୍ଡ, କୋଲାବ, ବାଲିମେଳା, ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ସମେତ ନାଲକୋ, ହାଲ, ନେଭାଲ ଡିପୋ ପାଇଁ ଜମିହରା ହୋଇ ୭୦ ବର୍ଷରୁ ଅଧିକ ସମୟ ହେଲା ସେମାନେ ବିସ୍ଥାପିତ ଜୀବନ ବିତାଉଛନ୍ତି। ସରକାର ଆଦିବାସୀଙ୍କ ପାଇଁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରି ସେମାନଙ୍କ ଜୀବନ ଜୀବିକା ରାସ୍ତା ଦେଇଛନ୍ତି। କିନ୍ତୁ ପଛୁଆ ବର୍ଗ ଲୋକ ରାଜ୍ୟ ଓ ଦେଶର ସ୍ୱାର୍ଥ ପାଇଁ ନିଜ ପୂର୍ବ ପୁରୁଷର ଜମି, ଘର ତ୍ୟାଗ କରି ମଧ୍ୟ କିଛି ପାଇ ନାହାନ୍ତି। ପଟ୍ଟା ଜମି ନଥିବାରୁ ଆବଶ୍ୟକ ସ୍ଥଳେ ସେମାନଙ୍କୁ କିମ୍ବା ତାଙ୍କ ବଂଶଧର ମାନଙ୍କୁ ଜାତିଗତ କିମ୍ବା ବାସିନ୍ଦା ପ୍ରମାଣପତ୍ର ମିଳୁନି ବୋଲି ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପଛୁଆ ବର୍ଗ ଜମିହୀନ ପରିବାରଙ୍କୁ ସରକାର ଘରଡିହ ଓ ଚାଷ ଜମିର ପଟ୍ଟା ଯୋଗାଇବା, ପାଠପଢ଼ା ପୁଅ ଝିଅ ମାନଙ୍କୁ ମାଗଣା ଶିକ୍ଷା ସହ ସେବାଶ୍ରମରେ ସରକାରୀ ସୁବିଧା, ଜଙ୍ଗଲରେ ରହୁଥିବା ପଛୁଆ ବର୍ଗ ପରିବାର ମାନଙ୍କ ଦଖଲ ଜମିରେ ଗଛ ଲଗାଇବା ବନ୍ଦ କରିବା ସହ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ରାମଗିରି ଠାରେ ବ୍ଲକ୍ କାର୍ଯ୍ୟାଳୟ ସ୍ଥାପନା, ଜିଲ୍ଲା ଭିତ୍ତିକ ନିଯୁକ୍ତି, ଧାନ, ମାଣ୍ଡିଆ ବିକ୍ରୀ ପାଇଁ ଜିଲ୍ଲାଭିତ୍ତିକ ଟୋକେନ ପ୍ରଦାନ, ପଛୁଆ ବର୍ଗ ମାନଙ୍କୁ ରାଜନୀତି କ୍ଷେତ୍ରରେ ସୁଯୋଗ, ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପାଇଁ ଉଚ୍ଛେଦ ହୋଇଥିବା ପରିବାରଙ୍କ ବର୍ତ୍ତମାନ ପରିସ୍ଥିତି ଯାଞ୍ଚ କରିବାକୁ କମିଶନ ଗଠନ, ୧୯୩୬ ମସିହାରେ ନିର୍ମିତ ପାତ୍ରପୁଟ ନିକଟସ୍ଥ ବ୍ରିଟିଶ ଅମଳର ଲୌହ ବ୍ରିଜ ତଦନ୍ତ ପୂର୍ବକ ମରାମତି କରିବା ପ୍ରମୁଖ ଦାବି ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଶ୍ୟାମ ମାଳି, ବୈପାରିଗୁଡା ବ୍ଲକ୍ ପଛୁଆ ବର୍ଗ ସଭାପତି ଜିନୁ ଦୋରା, ବୈପାରିଗୁଡା ବ୍ଲକ୍ ସମ୍ପାଦକ କାଶୀନାଥ ପ୍ରଧାନୀ, ବୈପାରିଗୁଡା ବ୍ଲକ୍ ପଛୁଆ ବର୍ଗ ଜିଲ୍ଲା କାର୍ଯ୍ୟକର୍ତ୍ତା ବିଜୟ କୁମାର ବେଜ, ବରିଷ୍ଠ ସଭ୍ୟ ଜଗନ୍ନାଥ ଦୋରା, କର୍ପୁର ହନ୍ତାଳ, ଡମ୍ବରୁଧର ଗୌଡଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଡେପୁଟି କଲେକ୍ଟର ସୁବ୍ରତ ସାହୁ ଦାବିପତ୍ର ଗ୍ରହଣ କରିଛନ୍ତି।

### ବିଭାଗ ନୀରବଦ୍ରଷ୍ଟା

# ରାଜପଥ ମରାମତି କଲେ ଯୁବ ସମାଜସେବୀ



କୋରାପୁଟ,୨୪।୯ (ସମିସ): ଜାତୀୟ ରାଜପଥ ମଝିରେ ଗାତ। ସାମାନ୍ୟ ଅସାବଧାନତା ହେଲେ ଚାଲିଯିବ ଜୀବନ। ବିଶେଷ କରି ଦୁଇ ଚକିଆ ଯାନ ଚାଳକ ମାନଙ୍କ ପାଇଁ ବଡ଼ ବିପଦ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଖି ମଧ୍ୟ ନଦେଖିଲା ଭଳି ରହୁଛନ୍ତି। ତେଣୁ କୋରାପୁଟ ସହରର କେତେକ ଯୁବ ସମାଜସେବୀ ସ୍ୱଇଚ୍ଛାରେ ରାଜପଥର ଗାତ ପୋତିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସୂଚନା ଥାଉକି, କୋରାପୁଟ ସହରର ତେନ୍ତୁଳି ଗଛ ଟ୍ରାଫିକ ଛକ ଏକ ମୁଖ୍ୟ ସ୍ଥାନ। ଏହି ଛକ ଦେଇ ଜୟପୁର, ସୁନାବେଡା, ରାୟଗଡ଼ା ଯିବାକୁ ପଡେ। ସହରର କେନ୍ଦ୍ର ସ୍ଥଳରେ ଏହି ଛକ ଥିବାରୁ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଭିଡ଼ ମଧ୍ୟ ହୋଇଥାଏ। ଏହି ରାସ୍ତା ଦେଇ ଦିନ ରାତି ବସ୍ ଓ ମାଲବାହୀ ଭାରୀ ଯାନ ଯାତାୟାତ କରିଥାଏ। ହେଲେ ଛକ ନିକଟରେ କେବେଠାରୁ ଏକ ବଡ଼ ଗାତ ହୋଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତାର ମରାମତି କରିବାକୁ ପଦକ୍ଷେପ ନେଇ ନାହାନ୍ତି। ଗତକାଲି ଉକ୍ତ ଗାତରେ ପଡ଼ି ଜଣେ ବାଇକ ଚାଳକ ଆହତ ହୋଇଥିଲେ। ପ୍ରତିଦିନ ଏହି ରାସ୍ତାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ ଯାତାୟାତ କରି ଥାଆନ୍ତି, କିନ୍ତୁ କେହି ଧ୍ୟାନ ଦେଇ ନାହାନ୍ତି। ତେଣୁ କୋରାପୁଟ ସହରର ଯୁବ ସମାଜସେବୀ ଆଇନଜୀବୀ ରୂପକ ତୁରୁକ, ମନୋଜ ହିଆଲ, ଜୟନ୍ତ କଟିମ୍ ପ୍ରମୁଖ ଅନ୍ୟମାନଙ୍କୁ ନେଇ ନିଜ ଖର୍ଚ୍ଚରେ ସିମେଣ୍ଟ, ଗୋଡ଼ି, ବାଲି କିଣି ହାତରେ କୋଦାଳ, ବେଲଚା ଧରି ଗାତ ପୋତି ଥିଲେ। ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହା ନକରିବା ଯୋଗୁଁ ସେମାନେ ଅଭିନବ ଢଙ୍ଗରେ ପ୍ରତିବାଦ ସ୍ୱରୂପ ମରାମତି କାର୍ଯ୍ୟ କରି ଜନ ସାଧାରଣଙ୍କୁ ସଚେତନ ବାର୍ତ୍ତା ଦେଇଥିବା ସମାଜସେବୀ ମନୋଜ ହିଆଲ ଏବଂ ରୂପକ ତୁରୁକ କହିଛନ୍ତି।

# ଜାତୀୟ ସେବା ଦିବସ

ବିଷମ କଟକ,୨୪।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାଶଙ୍କର ନେମାଲ ପୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଜାତୀୟ ସେବା ଯୋଜନା ସଂଯୋଜକ କରମେନ୍ଦ୍ର ସାହୁ। ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କେଦାର ସାହୁକାର, ଅକ୍ଷୟ ଷଡ଼ଙ୍ଗି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଦୟାନିଧି ବାଙ୍ଗାରି ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀଯୋଗ ଦାନ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକୀ ପାଳନ

ନନ୍ଦପୁର,୨୪।୯ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଉତ୍ସବ କୋରାପୁଟ ଜିଲ୍ଲା ନନ୍ଦପୁର ଖଣ୍ଡରେ ପାଳନ କରାଯାଇଛି । ନନ୍ଦପୁର ଖଣ୍ଡ ଅଧୀନରେ ଥିବା ବିଭିନ୍ନ ଶାଖାରୁ ପ୍ରାୟ ୨୦୦ ସ୍ୱୟଂସେବକ ଗଣ ବେଶରେ ଏହି ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ପରିସରରେ ପୂର୍ଣ୍ଣ ଗଣବେଶରେ ସ୍ୱୟଂସେବକ ମାନେ ଏକତ୍ରିତ ହୋଇଥିଲେ। ଏହି ଉତ୍ସବରେ ସିମିଳିଗୁଡା ଖଣ୍ଡ କାର୍ଯ୍ୟବାହ ରଞ୍ଜନ ଭାଇ ଯୋଗ ଦେଇ ସଂଘ ଶତ ବାର୍ଷିକୀ ଉତ୍ସବର ମହତ୍ତ୍ୱ ସହ ଆଗାମୀ ଦିନରେ ସଂଘ କାର୍ଯ୍ୟ ଉପରେ ମତ ପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ନନ୍ଦପୁର ଖଣ୍ଡ କାର୍ଯ୍ୟବାହ ଏନ୍ ପ୍ରସାଦ ଦାସ ପରିଚାଳନା କରିଥିବା ବେଳେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନ ସମେତ ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଗୁଣପୁର,୨୪।୯ (ସମିସ): ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ନମ୍ବର ୧ ଓ ୨ ଦ୍ୱାରା ଜାତୀୟ ସେବା ଯୋଜନା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁଣପୁର ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶଶୀ ଭୂଷଣ ମହାନ୍ତି ପରିଚାଳନା କରିଥିଲେ। ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିବିରରେ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଗଂଜୁମା ପ୍ରଧାନ ଓ ଲକ୍ଷଣ ଶବରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦେବି ପ୍ରସାଦ ରାଉତ, ଦଣ୍ଡପାଣି ଭୁୟାଁ ଓ ଲକ୍ଷଣ ଶବର ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ନିଜେ ରକ୍ତଦାନ କରିଥିଲେ। ସୁଶ୍ରୀ ସାରଳା ଦେବୀ ପ୍ରଧାନ, ଯସ୍ମିନ ପ୍ରୀୟା ଦର୍ଶନି ସିୟା, କେ.ଗୌତମୀ, ସୁମିତ୍ରଓ ବେହେରା ଓ ଶିବ ଭବାନୀ ଦାଶ , ମୁନା ପାଲକା, ତାରିଣି ବେହେରା, ଡି. ମଣିକଣ୍ଠା, ଭବାନି ଶଙ୍କର ବାଉରି ଓ ଅନ୍ୟମାନେ ରକ୍ତଦାନ କରିଥିଲେ।

# ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା

ବୈପାରୀଗଡ଼ା,୨୪।୯ (ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମ ପଞ୍ଚାୟତର କେ. ଦିଶାରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନଙ୍କ ଦ୍ୱାରା ଚାରାରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧିକ ଗଛ ଲଗାଇବା ଓ ପରିବେଶ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ ସୃଷ୍ଟି କରି ଆସୁଛନ୍ତି ଶିକ୍ଷକ ଶ୍ରୀ କାହ୍ନୁ ଚରଣ ବେହେରା। ତାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷାର୍ଥୀ, ଗ୍ରାମବାସୀ, ଅଭିଭାବକମାନେ ଅଂଶ ଗ୍ରହଣ କରି ଗାଁ, ଗାଁ ବୁଲି ସଚେତନତାର ବାର୍ତ୍ତା ବାଣ୍ଟିବା ସହିତ ଏକ ଶହରୁ ଅଧିକ ଚାରାରୋପଣ କରିଥଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଦେବ ବିଶ୍ୱାଳ, ଶିକ୍ଷକ ସମାରୁ କୋପେ, ଶିକ୍ଷୟିତ୍ରୀ ମନୋରମା ସ୍ୱାଇଁ, ଜୟନ୍ତୀ ମାଝୀ ପ୍ରଭୃତି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥଲେ। କାହ୍ନୁ ସାର୍‌ଙ୍କ ଏହି ପ୍ରକାର କାର୍ଯ୍ୟକୁ ଗ୍ରାମବାସୀ ବେଶ ପ୍ରଶଂସା କହିଛନ୍ତି।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ପ୍ରସ୍ତୁତି

ଜୟପୁର,୨୪।୯ (ସମିସ): ଜୟପୁର ସିଟିଜେନ କମିଟି ପକ୍ଷରୁ ଆସନ୍ତା ଅକ୍ଟୋବର ୧ ତାରିଖରେ ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପ ଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡୀ, ଏସଡିପିଓ ପାର୍ଥ କାଶ୍ୟପଙ୍କୁ ଯୋଗଦାନ ପାଇଁ ଅନୁରୋଧ କରାଯିବ ବୋଲି ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଥିଲେ। ଏହି ଅବସରରେ ୩ ଜଣ ବରିଷ୍ଠ ପୁରୁଷ ନାଗରିକ ଏବଂ ୨ ଜଣ ମହିଳା ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତି ହୋଇଛି। କମିଟିର ସଭାପତି ବିନୋଦିନୀ ସାନ୍ତ୍ରାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଜି.ଭି.ରେଡ୍ଡୀ, ଉପଦେଷ୍ଟା ଇଂ.କେଦାରନାଥ ବେହେରା ଏବଂ ମୀନକେତନ ଦାସ କୋଷାଧ୍ୟକ୍ଷ ରବି ନାରାୟଣ ନନ୍ଦ କାର୍ଯ୍ୟକାରିଣୀ ସଦସ୍ୟ ଭୀମସେନ ଅଗ୍ରୱାଲ, ଯାଦବ ସୁବୁଦ୍ଧି ଜି.ଭି. ରାଓ, ମହେଶ ରାଓ, ନରସିଂହ ଚୌଧୁରୀ ଏବଂ ନରସିଂହ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲା କିନ୍ନର ସଂଘର ଆର୍ଥିକ ସହାୟତା



ନବରଙ୍ଗପୁର,୨୪।୯ (ସମିସ): ନବରଙ୍ଗପୁର ଜିଲ୍ଲା ସଦର ମହକୁମାରେ ଚାଲିଥିବା ଦଶହରା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ନିମନ୍ତେ କିନ୍ନର ସଂଘର ସଂପାଦକ ଚୁମୁକୀ କିନ୍ନର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ କ୍ରୀଡ଼ାର ବିକାଶ ନିମନ୍ତେ କିନ୍ନର ମାନଙ୍କ ଆର୍ଥିକ ଅନୁଦାନ ନିଶ୍ଚିତ ଭାବରେ ଫୁଟବଲ୍ କ୍ରୀଡ଼ାବିତ ନିମନ୍ତେ ଏକ ପ୍ରେରଣା ଦାୟକ ହେବ ବୋଲି କହିଥିଲେ। ମିଳୁଥିବା ଆର୍ଥିକ ସହାୟତାରୁ କିଛି ବଳକା କରି ସାମାଜିକ କାର୍ଯ୍ୟ କରାଯାଉଛି ବୋଲି ସଂଘର ପ୍ରୋଜେକ୍ଟ ଲିଡର ଏମ୍. ବାଲାକୃଷ୍ଣ ରାଓ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ, କିନ୍ନର ସଂଘର ପାପଡାହାଣ୍ଡି ବ୍ଲକର ଉପଦେଷ୍ଟା ତଥା ବ୍ଲକ ଉପସଭାପତି ସୁଶାନ୍ତ କୁମାର ବେହେରା , ନବରଙ୍ଗପୁର ପୌରାଞ୍ଚଳର ଉପଦେଷ୍ଟା ନିନୀବାବୁ ତ୍ରିପାଠୀ, ସଂଘର କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ରକ୍ତ ଦାନ ଭଳି ମହାନ୍ କାର୍ଯ୍ୟ କରାଯିବା ସହ ଅସହାୟଙ୍କୁ ସାହାଯ୍ୟ ସହଯୋଗ ଏବଂ ବିଭିନ୍ନ ସମୟରେ ଗରିବ ମାନଙ୍କୁ ଛତା, କମ୍ବଳ ଇତ୍ୟାଦି ରୀତିମତ ବଣ୍ଟନ କରାଯାଉଛି। କିନ୍ନର ସଂଘର ଏପରି ସାମାଜିକ କାର୍ଯ୍ୟକଳାପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ

ନାରାୟଣପାଟଣା,୨୪।୯ (ସମିସ): ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠାନ ପରିସରରେ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠାନର ଅଧ୍ୟକ୍ଷ ସୁଧିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାରାୟଣପାଟଣା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨ ଜଣ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ତଥା ଅର୍ଥନୀତି ଅଧ୍ୟାପକ ସୁଶାନ୍ତ କୁମାର ପରିଡା ଏବଂ ଇଂରାଜୀ ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ରଙ୍କ ବଳିଷ୍ଠ ସହଯୋଗରେ କାର୍ଯ୍ୟକ୍ରମଟି ଉତ୍ସବମୁଖର ହୋଇଥିଲା।କ୍ରୀଡା ଶିକ୍ଷକ ରଜତ କୁମାର ହିଆଲ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀଣି ଡଃ. ତ୍ରିବେଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନକାରୀଙ୍କୁ ବ୍ଲକ୍ ଉପାଧ୍ୟକ୍ଷଙ୍କ ସମର୍ଥନ

ନନ୍ଦପୁର,୨୪।୯ (ସମିସ): ନବରାତ୍ର ଠାରୁ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ବାତାବରଣ ତଥା ଉତ୍ସବମୟ ପରିବେଶ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଘରଦ୍ୱାର ଛାଡ଼ି ପେଟପାଟଣା, ନିଜର ନ୍ୟାର୍ଯ୍ୟ ଦାବି, ସମାନ କାର୍ଯ୍ୟ ସମାନ ଦରମା ଦାବି ନେଇ ମିଶନ ଶକ୍ତିର କର୍ମଚାରୀମାନେ ଆନ୍ଦୋଳନ କରି ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ବୁଧବାର ତୃତୀୟ ଦିନରେ ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ ଧାରଣା ସ୍ଥଳରେ ପହଞ୍ଚି ଜିପିଏଲଏଫ୍ କର୍ମିଙ୍କ ନ୍ୟାଯ୍ୟ ଦାବିକୁ ସରକାର ତୁରନ୍ତ ମାନି ନେବାକୁ ଦାବି କରିଥିଲେ। ଯଦି ରାଜ୍ୟ ସରକାର ମହିଷାସୁର ସାଜିବେ, ତେବେ ଜିପିଏଲଏଫ୍ ସଂଘର ମା'ମାନେ ଦୁର୍ଗା ସାଜିବେ ବୋଲି ସେ କହିବା ସହ ସରକାର ତୁରନ୍ତ ସଂଘର ଦାବିକୁ ମାନି ନେବାକୁ ସେ କହିଥିଲେ।

# ଜାତୀୟ ସେବା ଯୋଜନା ପାଳିତ

ଲକ୍ଷ୍ମୀପୁର,୨୪।୯ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ସଭାପତିତ୍ୱରେ ଏହା ଆରମ୍ଭ ହୋଇଛି। ଅଧ୍ୟକ୍ଷ ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ ଜଣାଇବା ସହ ସେବା ମନୋବୃତ୍ତି ନେଇ କାମ କରିବାକୁ ଆହ୍ୱାନ ଦେଇ ଥିଲେ। ମୁଖ୍ୟବକ୍ତା ତଥା ପୂର୍ବତନ ଜାତୀୟ ସେବା ଯୋଜନା ସଂଯୋଜିକା ବରିଷ୍ଠ ଅଧ୍ୟାପିକା ତିଳୋତ୍ତମା ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଯୋଜନାର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନିସ୍ୱାର୍ଥପର ଭାବେ ଅନ୍ୟକୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୁକ୍ତ ତିନି ଯୁବ ରେଡକ୍ରସ କାଉନ୍‌ସିଲର ତଥା ଅଧ୍ୟାପିକା ସନ୍ତୋସିନି ଦାସ, ଅଧ୍ୟାପକ ରମାକାନ୍ତ ଖରା, ମହିମା ରାଣୀ ରାଜୁ, ଜୟଶ୍ରୀ କରସୁଧା ପଟ୍ଟନାୟକ, ଅଙ୍କିତା ୱାଡେକା, ସଂଗୀତା ନାଗ, ବବୁଲୁ ବେନିଆ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନା ଦିବସ ପାଳିତ

ସୁନାବେଡା,୨୪।୯ (ସମିସ): ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ପୋଷ୍ୟଗ୍ରାମ ମାଳିଗୁଡ଼ାର କାଉନ୍‌ସିଲର ରାମ ବେନିୟା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏନ୍‌ଏସ୍‌ଏସର ପତାକା ଉତ୍ତୋଳନ କରିଥିଲେ। ନିଜର ଅଭିଭାଷଣରେ ବେନୀୟା ସ୍ୱଚ୍ଛତା, ସମାଜସେବା , ସମାଜରେ ସଚେତନତାକୁ ଗୁରୁତ୍ୱ ଦେଇଥିଲେ ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରତ ସ୍କାଉଡ୍ ଗାଇଡ୍‌ର ରେଞ୍ଜର ଲିଡର ତଥା ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ନିର୍ଝରଣୀ ବିଶ୍ୱାଳ ଯୋଗଦେଇ ଉଦବୋଧନ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ମହାରଣାଙ୍କ ତତ୍ତ୍ୱାବଧାନରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳାର ଛାତ୍ରୀ ସନ୍ତୋଷୀ ତାଡ଼ିଙ୍ଗୀ ସଭା ପରିଚାଳନା କରିଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନର ଛାତ୍ରୀ ଦିବ୍ୟାଂଶି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ତନ୍ତ୍ର ଓ ମନ୍ତ୍ର ପୀଠ ପୁରୁଣାଗଡ଼ ଦେବୀ ଦକ୍ଷିଣକାଳୀ



ଜୟପୁର,୨୪।୯ (ସମିସ): ଜୟପୁର ରାଜାରାଜୁଡା ସମୟରେ ଅନ୍ୟତମ ଦେବୀପୀଠ ଭାବେ ପୁରୁଣାଗଡ ଠାରେ ଦକ୍ଷିଣକାଳୀ ମନ୍ଦିର ରହିଛି। ଏହି ଦେବୀ ପୀଠର ମୁଖ୍ୟତଃ ତନ୍ତ୍ରମନ୍ତ୍ର ପୂଜା ପାଇଁ ପ୍ରସିଦ୍ଧି ରହିଥିବା ନେଇ ସ୍ଥାନୀୟ ବୟଜ୍ୟେଷ୍ଠ ପ୍ରକାଶ କରିଛନ୍ତି। ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏଠାରେ ନରବଳି ରାଜା ରାଜୁଡା ସମୟରେ ଦିଆଯାଉ ଥିବା ନେଇ ଜନଶୃତି ରହିଛି। କିନ୍ତୁ ବର୍ତ୍ତମାନ ଆଶ୍ୱିନ ମାସ ଅଷ୍ଟମୀ ତିଥିରେ ଦେବୀଙ୍କ ମନ୍ଦିର ପରିସରରେ ଦୁଇଟି ଛାଗ ବଳି ଦିଆଯାଇଥାଏ। କିନ୍ତୁ ସ୍ଥାନୀୟ ବାସିନ୍ଦା କହିବା ଅନୁଯାୟୀ ଦେବୀ ମାଁ ଦକ୍ଷିଣକାଳୀଙ୍କ ମୁଖ୍ୟପୀଠ ଜୟପୁର ସହରଠାରୁ ମାତ୍ର ୭ କିଲୋମିଟର ମାଲକାନଗିରି ରାସ୍ତାରେ ପଣସପୁଟ ବାଗ୍ରା ଗ୍ରାମର ପର୍ବତ ଉପରେ ପୀଠ ରହିଛି। ସେଠାରେ ପରଜା ଜନଜାତିଙ୍କ ପୂଜକଙ୍କ ଦ୍ୱାରା ଶହଶହ ବର୍ଷ ଧରି ଦେବୀ ପୂଜା ପାଉଛନ୍ତି। କିନ୍ତୁ ସ୍ଥାନୀୟ କିଛି ପୁରାତନ ବ୍ୟକ୍ତି ଏବଂ ଜୟପୁର ଇତିହାସର ବିଭିନ୍ନ ପୁସ୍ତକ ଅନୁଯାୟୀ, ପଣସପୁଟ ବାଗ୍ରା ନିକଟସ୍ଥ ଦୁର୍ଗାଡଙ୍ଗର (ପାହାଡ଼) ଉପରେ ବିରାଜିତ ଦକ୍ଷିଣକାଳୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଜୟପୁର ରାଜା ନିୟମିତ ଯାଇ ପୂଜାର୍ଚ୍ଚନା କରୁଥିଲେ। ଦେବୀଙ୍କ ଜୟପୁର ରାଜାଙ୍କୁ ସ୍ୱପ୍ନାଦେଶ ପରେ ଦେବୀଙ୍କୁ ପୂଜାର୍ଚ୍ଚନା ଏବଂ ବିଧିବିଧାନ ଅନୁଯାୟୀ ସ୍ଥାନୀୟ ପୁରୁଣାଗଡ ଠାରେ ମାଟି ଏବଂ ଚାଳ ଛପର ଗୃହ ନିର୍ମାଣ କରିବା ସହ ଦେବୀଙ୍କୁ ସ୍ଥାପନ କରିଥିଲେ। କିନ୍ତୁ ୧୯୧୫ ମସିହାରେ ପାରମ୍ପରିକ ଚୂନ ଓ ମାଟି ମିଶ୍ରିତ ଇଟା ଯୋଡାଇ ମନ୍ଦିର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇ ଦେବୀ ଦକ୍ଷିଣକାଳୀଙ୍କୁ ସେଠାରେ ସ୍ଥାପିତ କରାଯାଇ ହୋମଯଜ୍ଞରେ ବ୍ରାହ୍ମଣ ପୂଜକ ଓ ପୁରୋହିତଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଦେବୀଙ୍କ ପ୍ରତିମୂର୍ତ୍ତି ତଳେ ତନ୍ତ୍ର, ମନ୍ତ୍ରର ଯନ୍ତ୍ର ସ୍ଥାପନ କରାଯାଇଛି ଏବଂ ଦେବୀଙ୍କ ଶକ୍ତିପୀଠ ଭାବେ ଚଣ୍ଡୀପାଠ ଓ ହୋମଯଜ୍ଞ ଆଶ୍ୱିନ ଏବଂ ଚୈତ୍ର ମାସରେ ଆୟୋଜିତ ହୋଇଥାଏ। ଗତ ମୂଳାଷ୍ଟମୀ ଠାରୁ ଷୋଡଶ ଉପଚାରରେ ରୀତିନୀତିରେ ଦୈନିକ ହୋମଯଜ୍ଞ ସହିତ ପୂଜାର୍ଚ୍ଚନା କରାଯାଉଥିବା ବେଳେ ମୁଖ୍ୟ ପୂଜକ ଭାବେ କାଳୀ ପ୍ରସାଦ ରଥ ଏବଂ ଚଣ୍ଡୀପାଠ ଯୁଗଳ କିଶୋର ରଥଙ୍କ ଦ୍ୱାରା ଆସନ୍ତା ଅଷ୍ଟମୀ ତିଥି ପର୍ଯ୍ୟନ୍ତ ସମ୍ପାଦିତ ହୋଇଥାଏ। ନବମୀ ଏବଂ ଦଶମୀ ତିଥି ଶାନ୍ତି ଯଜ୍ଞ ଏବଂ ଦଶହରା ରାତିରେ ପରମ୍ପରା ଅନୁଯାୟୀ ଦେବୀ ବିମାନରେ ବସି ଭଗବତୀ ମନ୍ଦିରରେ ପହଞ୍ଚି ଆୟୋଜିତ ପଟୁଆରରେ ସାମିଲ ହେବାକୁ ଯାଇଥାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀପୀଠରୁ ଆସିଥିବା ଦେବୀ ମାନଙ୍କ ପ୍ରତୀକ ଲାଠି ଓ ଗାଦୀ ସହିତ ଭଗବତୀ ମନ୍ଦିରକୁ ଯାତ୍ରା କରିଥାନ୍ତି। ସେଠାରୁ ଦେବୀ ଭଗବତୀ, କନକ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ବସନ୍ତାୟୀଙ୍କ ବିମାନ ସହିତ ଏକ ବିରାଟ ଶୋଭାଯାତ୍ରାରେ ବିଳମ୍ବିତ ରାତ୍ରୀରେ ପାରାବେଡା ଦଶହରା ପଡିଆ ଠାରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ଅପରାଜିତା ପୂଜାପରେ ଦଶହରା ପକ୍ଷ ରାତି ୧୧ଟାରେ ଦଶହରା ପଡିଆକୁ ଯାତ୍ରା କରିଥାଆନ୍ତି। ସେଠାରେ ଦେବୀ ମାନଙ୍କ ସମ୍ମୁଖରେ ଅପରାଜିତା ପୂଜାର୍ଚ୍ଚନା ପରେ ଦଶହରା ପାର୍ବଣ ସମାପ୍ତ ହୋଇଥାଏ।

ସକାଳ
THE SAKALA

# ସମ୍ପାଦକୀୟ



ବଞ୍ଚିବା ପାଇଁ ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ଜଳ ସମସ୍ତଙ୍କର ମୌଳିକ ଅଧିକାର।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ଦୁଷ୍କର୍ମ ଓ ନିର୍ଯାତନା ବଢୁଛି

ସରକାର ବଦଳିଛି, ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ପ୍ରତିଶ୍ରୁତ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପ୍ରତି ଆରମ୍ଭରୁ ଅଗ୍ରାଧିକାର ଦେଇ ନିଜର ସମ୍ବେଦନଶୀଳତା ଓ ସହାନୁଭୂତିଶୀଳତା ପ୍ରଦର୍ଶନ କରିଛି କ୍ଷମତାକେନ୍ଦ୍ର। ପ୍ରଚାର ଓ ପ୍ରସାରର ମୁଖ୍ୟ ଆଧାର ହେଲା ସୁଭଦ୍ରା ଯୋଜନା। ନାରୀ କେନ୍ଦ୍ରିକ ସୁଶାସନ ପ୍ରଦାନ ଆରମ୍ଭରୁ କାହିଁକି ନିର୍ଯାତନାରେ ପରିଣତ ହେଲା? ଗୃହ ଦାୟିତ୍ୱରେ ନିଜେ ଅଛନ୍ତି ମୁଖ୍ୟମନ୍ତ୍ରୀ। ଏହାସତ୍ତ୍ୱେ ରାଜ୍ୟର ଆଇନ ଶୃଙ୍ଖଳା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବିଗିଡ଼ି ଯାଉଥିବାର ପରିଲକ୍ଷିତ ହେଉଛି। ଅପରାଧ ପ୍ରବଣତା ବୃଦ୍ଧି ପାଇବା ପୁଲିସ ପ୍ରଶାସନର ଦୁର୍ବଳତାକୁ ଇଙ୍ଗିତ କରୁଛି। ବିଳମ୍ବିତ ତଦନ୍ତ ପ୍ରକ୍ରିୟା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଅପରାଧ ପ୍ରବଣତା ବଢୁଛି ବୋଲି କିଛି ସମାଜତତ୍ତ୍ୱବିତ୍ ମତ ଦିଅନ୍ତି। ଅଥଚ ତୁରନ୍ତ ଅନୁକମ୍ପା ରାଶି ଘୋଷଣା କରି ସରକାର ନିଜର ସମ୍ବେଦନଶୀଳତା ଜାହିର କରିଚାଲିଛନ୍ତି। କିନ୍ତୁ ଅପରାଧତତ୍ତ୍ୱଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଚାଲିଛି ଶାସନ ବ୍ୟବସ୍ଥା।

ରାଜ୍ୟରେ ନାରୀ ନିର୍ଯାତନା ମାମଲା ଏଥିମଧ୍ୟରେ ସୀମା ଅତିକ୍ରମ କରିଛି। ଗତ ୧୪ ମାସର ଶାସନ ସମୟରେ ଏହି ସଂଖ୍ୟା ୩୭,୬୧୧ ଅତିକ୍ରମ କରିଛି। ଏହା ହେଉଛି ସରକାରୀ ପରିସଂଖ୍ୟାନ। ଅର୍ଥାତ୍ ପୁଲିସରେ ମାମଲା ରୁଜୁ ହୋଇଥିବା ଘଟଣା। ଅନେକ କ୍ଷେତ୍ରରେ ପାରିବାରିକ ହିଂସା ସମ୍ମାନ ଓ ମର୍ଯ୍ୟାଦା ଦୃଷ୍ଟିରୁ ପୁଲିସ ତଦନ୍ତ ପରିସରକୁ ଆସିପାରେନି। ସେସବୁକୁ ମିଶାଇଲେ ଏହି ସଂଖ୍ୟା ଆଗକୁ କେତେ ବଢ଼ିଯିବ। ୯୧୮୧ ଅସଦାଚରଣ ମାମଲାକୁ ବାଦଦେଲେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସଂଖ୍ୟା ୪୫୪୪ରେ ପହଞ୍ଚିଛି। ଆମ ସାମାଜିକ ବ୍ୟବସ୍ଥା କ୍ରମେ ଭୁଶୁଡ଼ି ପଡୁଥିବା ଭଳି ମନେ ହେଉଛି। ସତେଯେପରି ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ସୂକ୍ଷ୍ମ ଅନୁଭବ ଆମ ଭିତରୁ ହଜିଯାଉଛି। ବିଧାନସଭାରେ ଉପସ୍ଥାପିତ ହୋଇଥିବା ରିପୋର୍ଟ କହେ ଯେ ୨୯୩୩ ଦୁଷ୍କର୍ମ, ୧୨୭୮ ଯୌନ ନିର୍ଯାତନା ଓ ୮୨୨୭ ଅପହରଣ ମାମଲା ରୁଜୁ ହୋଇଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ଦୁଷ୍କର୍ମ ମାମଲାରେ ୩୯୪ଙ୍କୁ ଦଣ୍ଡିତ କରାଯାଇଛି।

ଆତ୍ମାହୁତି ଓ ଆତ୍ମହତ୍ୟା ପ୍ରବଣତା ଦିନକୁ ଦିନ ବୃଦ୍ଧି ପାଉଛି। କାରଣ ଓ ନିରାକରଣ ଯେତେ ବଡ଼ କଥା ନୁହେଁ, ବଡ଼ କଥା ହେଉଛି ବ୍ୟବସ୍ଥା ଉପରୁ କ୍ରମେ ଆସ୍ଥା ତୁଟୁଥିବାରୁ। ଯେଉଁଠି ନ୍ୟାୟ ଓ ସହାନୁଭୂତି ମିଳିବାର ଆଶା ତୁଟିଯାଏ ସେ କ୍ଷେତ୍ରରେ ଏଭଳି ଅପରାଧିକ ଚିନ୍ତା ମନ ଭିତରେ ଉଦ୍ରେକ ହେବା ସ୍ୱାଭାବିକ। ଗତ ୧୫ ମାସ ମଧ୍ୟରେ ୧୫ ଜଣ ଯୁବତୀ ଓ ମହିଳା ଆତ୍ମାହୁତି ହେଇଥିବା ବେଳେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ସତରେ ଚିନ୍ତା ଓ ଉଦ୍‌ବେଗର ବିଷୟ। ସାମ୍ପ୍ରତିକ ସମୟର ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକଙ୍କ ଆଶା ଓ ଭରସାର କେନ୍ଦ୍ର ତାଙ୍କ ପିଲାମାନେ। ଦିନକୁ ଦିନ ପ୍ରତିକୂଳ ପରିସ୍ଥିତିର ପିଲାମାନେ ସମ୍ମୁଖୀନ ହୋଇପାରୁନଥିବା ବେଳେ ବ୍ୟବସ୍ଥାଠାରୁ ଉଚିତ୍ ନ୍ୟାୟ ପାଇବାରୁ ବଂଚିତ ହେବା କ୍ଷେତ୍ରରେ ଏହି ଆତ୍ମହତ୍ୟା ଓ ଆତ୍ମାହୁତି ଘଟଣା ପରିଲକ୍ଷିତ ହେଉଛି। ବିଶେଷକରି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ସର୍ବସମ୍ମୁଖରେ ଆତ୍ମାହୁତି ଦେବାର ଉଦ୍ୟମକୁ ବ୍ୟବସ୍ଥିତ ଢଙ୍ଗରେ ରୋକାଯାଇପାରନ୍ତା। ଏକ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ଦାୟୀ କରାଯାଇପାରେ। ସେହିଭଳି ଅନୁଷ୍ଠାନର ଶିଥିଳତା ଓ ସମ୍ବେଦନଶୀଳତା ଅଭାବ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଅନୁପ୍ରେରିତ କରିଥାଏ। ସତେଯେପରି ମନେ ହେଉଛି ବ୍ୟବସ୍ଥା ବିରୋଧରେ ଲଢ଼ିବାର ମାନସିକତା ପିଲାଙ୍କ ଭିତରେ ହ୍ରାସ ପାଇଛି। ଅନ୍ୟ ଏକ ଦିଗ ହେଉଛି, ଅଭିଭାବକଙ୍କ ଆଶା ଓ ଭରସାର ଅନୁରୂପ ହୋଇନପାରୁଥିବାର କ୍ଷୋଭ ବେଳେ ବେଳେ ପିଲାଙ୍କୁ ଏଭଳି ଏକ ଭୁଲ ଦିଗକୁ ଟାଣି ନେଇଥାଏ। ତେଣୁ ଶିକ୍ଷାନୁଷ୍ଠାନରେ ପିଲାଙ୍କ ଭଲ-ମନ୍ଦ ବୁଝିବା ଓ ଆବଶ୍ୟକ ସ୍ଥଳେ କାଉନସେଲିଙ୍ଗ କରିବାର ବ୍ୟବସ୍ଥା ଉପଲବ୍ଧ ହେଲେ ସେଥିରୁ ସୁଫଳ ମିଳିବାର ସମ୍ଭାବନା ରହିଛି। ●

## ତ୍ରିକୋଣୀୟ ସଂପର୍କ

ବେଲୁଚିସ୍ତାନ ସହ ଆଫଗାନିସ୍ତାନ ସୀମା ସଂଲଗ୍ନ ପାର୍ବତ୍ୟ ଅଞ୍ଚଳ ଘେରା ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶ ପାକିସ୍ତାନ ପାଇଁ ଚିନ୍ତା ବଢ଼ାଇଛି। ବାଲୋଚ୍ ମୁକ୍ତି ବାହିନୀ ଓ ତେହେରିକ୍ ଇ ତାଲିବାନ୍(ଟିଟିପି) ବିଦ୍ରୋହ ଓ ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା କରି ନପାରି ପାକ୍ ସେନାବାହିନୀ ଦେଶବାସୀଙ୍କ ନିନ୍ଦା ଓ ଅପଯଶ ମୁଣ୍ଡାଇଛି। ସେମାନଙ୍କ ଆହ୍ୱାନର ମୁକାବିଲା କରିନପାରି ସାମରିକ ମୁଖ୍ୟ ମୁନୀର ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଇଚାଲିଛନ୍ତି। ଭାରତର ପାଲଟା କାର୍ଯ୍ୟାନୁଷ୍ଠାନର ପରିଣତି ଓ ପରିଣାମ କ'ଣ ହେଲା ସେ ସଂପର୍କରେ ଅଧିକ ଆଲୋଚନା ଅନାବଶ୍ୟକ। ଏହି ପ୍ରେକ୍ଷାପଟରେ ବିଏଲଏ ଓ ମଜିଦ୍ ବ୍ରିଗେଡ୍ ବିରୋଧରେ ନିଷେଧାଦେଶ ଜାରି ସକାଶେ ଜାତିସଂଘରେ ଚୀନ ସହାୟତାରେ ପାକିସ୍ତାନ କରିଥିବା ଉଦ୍ୟମ ବ୍ୟର୍ଥ ହୋଇଛି। ଏହି ଦୁଇ ସଂଗଠନ ବିରୋଧରେ ଯଥେଷ୍ଟ ପ୍ରମାଣ ନଥିବା ଦର୍ଶାଇ ଆମେରିକା ୟୁକ୍ରେନ ଓ ଫ୍ରାନ୍ସ ସମର୍ଥନ ନଦେବାରୁ ତାହା ଜାତିସଂଘ ନିରାପତ୍ତା ପରିଷଦରେ କାଟ୍ ଖାଇ ଯାଇଛି। ପରସ୍ପର ବିରୋଧୀ ଆମେରିକା ଓ ଚୀନ ସହ ନିବିଡ଼ କୂଟନୈତିକ ସଂପର୍କ ରଖି ପାକିସ୍ତାନ ଫାଇଦା ହାସଲ ଉଦ୍ୟମ ବ୍ୟର୍ଥ ହୋଇଛି।

ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ନିଜକୁ ସ୍ୱତନ୍ତ୍ର ଘୋଷଣା କରୁଥିବା ବେଲୁଚିସ୍ତାନ ଚୀନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହୋଇଛି। ଗଦ୍ଦର ବନ୍ଦର ଓ ମୂଲ୍ୟବାନ ଖଣିଜ ସାମଗ୍ରୀ ଉପରେ ନଜର ଥିବା ଚୀନ କ୍ରମାଗତ ଭାବେ ବିଏଲଏ ପ୍ରତିରୋଧର ସମ୍ମୁଖୀନ ହୋଇଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ଆମେରିକା ନିୟନ୍ତ୍ରଣରୁ ମୁକ୍ତ ହେବା ପରେ କାବୁଲ୍ କ୍ଷମତାକେନ୍ଦ୍ର ସହ ସଂପର୍କ ରକ୍ଷା କରି ଇରାନ ସହ ସଂଯୋଗ ରକ୍ଷା ପାଇଁ ଚୀନର ମହତାକାଂକ୍ଷାର ଅନ୍ୟତମ ସହଯୋଗୀ ପାକିସ୍ତାନ। ଏହି ଭୂ-ରାଜନୈତିକ କୂଟନୀତିରେ ଆମେରିକା ଯେ ଆଗାମୀ ଦିନରେ ପ୍ରତିବନ୍ଧକ ସାଜିବ ତାହାର ପରବର୍ତ୍ତୀ ଗୋଟିଚାଳନାରୁ ସ୍ପଷ୍ଟ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନରେ ଥିବା ବାଗ୍ରାମ୍ ବାୟୁସେନା କେନ୍ଦ୍ର ହାତକୁ ନେବା ସକାଶେ ଆଗ୍ରହୀ। ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ୱାଶିଂଟନ ସେଠାରେ ଚୀନକୁ ଚେକ୍ ଦେବା ପାଇଁ ନିଜର ସ୍ଥିତି ଜାହିର କରିବାକୁ ମସୁଧା ଚଳାଇଛି। ତାଲିବାନ ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଟ୍ରମ୍ପଙ୍କ ଆଗାମୀ ପଦକ୍ଷେପ କ'ଣ ହେବ ତାହା ଆକଳନ କରିବା କଷ୍ଟକର।

ଏହି କୂଟନୈତିକ ଗଣିତରେ ପାକିସ୍ତାନର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏକଥା ସ୍ୱୀକାର କରିବାକୁ ପଡ଼ିବ। ସାଉଦୀ ଆରବ, ଚୀନ ଓ ଆମେରିକା ସହ ସଂପର୍କ ରକ୍ଷା କରି ସମସ୍ତଙ୍କଠାରୁ ବିନା ଦ୍ୱିଧାରେ ଇସଲାମାବାଦ ଯେ ଫାଇଦା ହାସଲ କରିପାରିବ ଏକଥା ନୁହେଁ। ଏବେ ହସ୍ତଗତ ହୋଇଥିବା ଖବରରୁ ପ୍ରକାଶ ଯେ ଆଫଗାନିସ୍ତାନ ସୀମା ସଂଲଗ୍ନ ପଖ୍‌ତୁନ୍‌ଖ୍ୱାର କିଛି ଅଞ୍ଚଳ ଉପରେ ଚୀନ ଯୁଦ୍ଧ ବିମାନରୁ ଘନଘନ ବୋମାମାଡ଼ କରିଛି ପାକିସ୍ତାନ। ଆତଙ୍କବାଦୀ ସଂଗଠନ ଟିଟିପି ବିରୋଧରେ ନିଜର ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଇସଲାମାବାଦ ବାଦି କରୁଥିଲେ ହେଁ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଆତଙ୍କୀ କାର୍ଯ୍ୟକଳାପ ଯୋଗୁଁ ଅଶାନ୍ତ ରହିଛି। ପାକ୍ ସରକାରଙ୍କ କର୍ତ୍ତୃତ୍ୱରୁ ମୁକ୍ତଥିବା ଏହି ଅଞ୍ଚଳ ଶାସନତାନ୍ତ୍ରିକ ସୁବିଧା ସୁଯୋଗରୁ ମଧ୍ୟ ବଞ୍ଚିତ। ଭୌଗୋଳିକ ଦୃଷ୍ଟିକୋଣରୁ ନିଜ ଅଞ୍ଚଳ ଦାବି କରି ଆସୁଥିବା ସରକାର ବିରୋଧରେ ଟିଟିପି ବିଦ୍ରୋହ ଘୋଷଣା କରିଆସିଛି। ବେଲୁଚିସ୍ତାନ ସହ ଏହି ଅଞ୍ଚଳ ପାକିସ୍ତାନଠାରୁ ବିଚ୍ଛିନ୍ନ ଓ ପୃଥକ ହୋଇଯିବା ସପକ୍ଷରେ ସେଠିକାର ଜନସମୁଦାୟର ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବା ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା। ଏଥିସହ ବିଶ୍ୱର ଦୁଇଟି ପରସ୍ପର ବିରୋଧୀ ଶକ୍ତି ସହ ଇସଲାମବାଦ ଯେଉଁ ତ୍ରିମୁଖୀ ସଂପର୍କ ରଖିଛି ତାହାର ଗତି ଓ ପ୍ରକୃତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆଗାମୀ ଦିନରେ ଏଥିଲାଗି ବେଶ ମୂଲ୍ୟ ଦେବାକୁ ପଡ଼ିବ ପାକିସ୍ତାନକୁ। ●

# ରାଜନୈତିକ କ୍ଷେତ୍ରରେ ମହିଳା ସୁରକ୍ଷା ଆଇନ

ଡକ୍ଟର ଅବଶ ପରିଡ଼ା

"ଭାରତୀୟ ରାଜନୀତି ଏକପ୍ରକାର କର୍ପୋରେଟ ସଂସ୍ଥା ଭଳି। ଏଠାରେ ଦଳୀୟ କର୍ମୀ, ସ୍ୱେଚ୍ଛାସେବକ, ପ୍ରଚାରକ ଏବଂ ପ୍ରାୟ ସମସ୍ତେ ଦଳର କାମରେ ଅତ୍ୟନ୍ତ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜକୁ ଏକ 'ଟିମ୍' ବୋଲି ଭାବନ୍ତି। ଉଭୟ ମହିଳା ହେଉ ବା ପୁରୁଷ, ଯଦି ଆପଣ ରାଜନୀତିରେ ସକ୍ରିୟ ଅଛନ୍ତି, ତେବେ ମଧ୍ୟରାତ୍ରିରେ ବ୍ୟାନର ଲଗାଇବାଠାରୁ ଆରମ୍ଭ କରି ରାଜରାସ୍ତାରେ ଧାରଣା ଦେବା ଯାଏଁ ସମସ୍ତ କାର୍ଯ୍ୟ କରିବାକୁ ଦଳରୁ ନିର୍ଦ୍ଦେଶ ଆସିଥାଏ। ଆପଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ ଏ ସବୁ କାର୍ଯ୍ୟ ସତ୍ତ୍ୱେ କର୍ପୋରେଟ ସଂସ୍ଥା ଭଳି ଆପଣ କର୍ମଚାରୀ ନୁହନ୍ତି କି ଚାକିରିରେ ନାହାନ୍ତି ଏବଂ ଆପଣଙ୍କ କିଛି 'କାର୍ଯ୍ୟ ବର୍ଣ୍ଣନା' ବା 'ଜବ୍ ଡେସକ୍ରିପସନ' ନାହିଁ।"- ଏସବୁ ଲେଖକର ନିଜସ୍ୱ ନୁହେଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତ।

କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଘୋଷଣା କଲେ ଯେ ଯୌନ ଉତ୍ପୀଡ଼ନ ନିବାରଣ ଆଇନ (POSH) ଅନୁଯାୟୀ ରାଜନୈତିକ ଦଳଗୁଡ଼ିକ କର୍ମକ୍ଷେତ୍ର ନୁହେଁ। ଏହାର ଅର୍ଥ ହେଉଛି ରାଜନୀତି ଆନୁଷ୍ଠାନିକ କାମ ନୁହେଁ। ଏହା କେବଳ ରାଜନୀତି। ଏହାର ପୃଷ୍ଠଭୂମି କଥା ଟିକେ ଜାଣିବା। ରାଜନୈତିକ ଦଳଗୁଡ଼ିକୁ POSH ଆଇନର ପରିସରଭୁକ୍ତ କରିବା ପାଇଁ ଏକ ଆବେଦନ କରାଯାଇଥିଲା, ଯାହା ଦ୍ୱାରା ରାଜନୈତିକ କ୍ଷେତ୍ରରେ ନିୟୋଜିତ ମହିଳା, ଯେପରିକି ତୃଣମୂଳସ୍ତରରେ ଏବଂ ସ୍ୱେଚ୍ଛାସେବା କରୁଥିବା ମହିଳାକର୍ମୀମାନେ ସୁରକ୍ଷା ଓ ଆଭ୍ୟନ୍ତରୀଣ ଅଭିଯୋଗ ବ୍ୟବସ୍ଥା ପାଇପାରିବେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରିବାକୁ ମନା କରି କହିଥିଲେ ଯେ ରାଜନୈତିକ ଦଳଗୁଡ଼ିକ POSH ଆଇନ ଅନୁଯାୟୀ 'କାର୍ଯ୍ୟସ୍ଥଳ' ନୁହନ୍ତି। ଏଠାରେ କୌଣସି ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନାହିଁ। ଏହି କ୍ଷେତ୍ରରେ ଆଇନକୁ ବିସ୍ତାର କରିବା ଦ୍ୱାରା ଏହାର ଅପବ୍ୟବହାର କିମ୍ବା ବ୍ଲାକମେଲ୍ ହୋଇପାରେ। ମୂଳତଃ, ଅଦାଲତ ଯେକୌଣସି ପରିବର୍ତ୍ତନ ପାଇଁ କାର୍ଯ୍ୟପାଳିକାର ଦୃଷ୍ଟିକୋଣ ଉପରେ ନିର୍ଭର କରିଛନ୍ତି ବୋଲି ଯୁକ୍ତି ମଧ୍ୟ ବାଢ଼ିଥିଲେ।

ଏ କଥା ଶୁଣି ଜଣେ ମହିଳା ଦଳୀୟ କର୍ମୀ ଭାବିବା ସ୍ୱାଭାବିକ ଯେ ଯଦି ଏହା କାମ ନୁହେଁ, ତେବେ ପଚାଶ ଡିଗ୍ରୀ ଖରାରେ ମୁଁ କାହିଁକି ଏତେ ଥର ପତାକା ଧରିଥିଲି? ଶହ ଶହ ଅବୈତନିକ ଘଣ୍ଟା କ'ଣ କାର୍ଯ୍ୟ ନୁହେଁ କି? ଏହି ବିଷୟବସ୍ତୁ ମଧ୍ୟରେ ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗ ଲୁକ୍କାୟିତ। ରାଜନୈତିକ ଦଳଗୁଡ଼ିକୁ POSHରୁ ବାଦ ଦେବା ଦ୍ୱାରା ପ୍ରଚାର, ଦଳୀୟ କାର୍ଯ୍ୟାଳୟ ଓ ରାଲିରେ ପରିଶ୍ରମ କରୁଥିବା ହଜାର ହଜାର ମହିଳା ଆଇନଗତ ସୁରକ୍ଷା ହାସଲ କରିବାରୁ ବଞ୍ଚିତ ହେବେନି ତ?

ପ୍ରାୟ ଊଣା ଅଧିକେ ଆମେ ସଭିଏଁ ଜାଣୁ ଯେ ରାଜନୀତି ହେଉଛି ଲିଙ୍ଗ ପ୍ରାଧାନ୍ୟ ଏବଂ କ୍ଷମତାର ଏକ ଅନୁଷ୍ଠାନ। ଏକ ତଥ୍ୟ ଅନୁଯାୟୀ ଭାରତୀୟ ମହିଳା ରାଜନେତାଙ୍କ ସଂଖ୍ୟା ଲୋକସଭାରେ ୧୩.୬%, ରାଜ୍ୟସଭାରେ ୧୭%, ରାଜ୍ୟ ବିଧାନସଭାରେ ୯% ଏବଂ ପଞ୍ଚାୟତ ସ୍ତରରେ ୪୬% ଅଛି। ସେହିପରି ଏକ ଅନୁମାନ ସଂଖ୍ୟା କୁହେ ଯେ ମହିଳାମାନେ ସ୍ଥାନୀୟ ଦଳୀୟ କର୍ମୀ ଭୂମିକାରେ ୨୦-୪୦% ପର୍ଯ୍ୟନ୍ତ ସାମିଲ ଅଛନ୍ତି। ରାଜନୀତିରେ କ୍ଷମତା ଏକ ପିରାମିଡ୍ ଭଳି, ଯାହାର ଶୀର୍ଷରେ ଦଳୀୟ ନେତା -ପ୍ରାୟତଃ ପୁରୁଷ, ମହିଳା ନେତ୍ରୀ, ସ୍ୱେଚ୍ଛାସେବକ, ପ୍ରଚାରକ, ଦଳୀୟ ପୁରୁଷ କର୍ମୀ ଶେଷରେ ଦଳୀୟ ମହିଳା କର୍ମୀ। ପରିବାର ଭଳି ରାଜନୀତିରେ ମଧ୍ୟ ମହିଳାଙ୍କ ଅଦୃଶ୍ୟ ଶ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଶ୍ରମ ଅତ୍ୟାବଶ୍ୟକ, କିନ୍ତୁ ଏହା ଏବେ ବି ଅଦୃଶ୍ୟ, ଅବୈତନିକ ଓ ଅପରିଚିତ।

ଅଦାଲତଙ୍କ କଥାଟି ଭାରି ସିଧା ଓ ସରଳ। ଯଦି ଆପଣ ଆନୁଷ୍ଠାନିକ ଭାବରେ ଜଣେ 'କର୍ମଚାରୀ' ନୁହନ୍ତି, ତେବେ ଆପଣ କର୍ମକ୍ଷେତ୍ର ସୁରକ୍ଷା ପାଇଁ ଯୋଗ୍ୟ କେମିତି ହେବେ? ଅବଶ୍ୟ ଏଠି ଯୁକ୍ତି ଆସିପାରେ ଯେ ରାଜନୈତିକ ଦଳଗୁଡ଼ିକ ହେଉଛି ଆନୁଷ୍ଠାନିକ ଭାବରେ ସ୍ୱେଚ୍ଛାସେବୀ ସଂଗଠନ, ଏହା ସ୍ୱେଚ୍ଛାକୃତ କାର୍ଯ୍ୟ। ଏଠି ନିଯୁକ୍ତି ଓ ବେତନ କଥା ନାହିଁ। କିନ୍ତୁ କ୍ଷମତା, ଅର୍ଥ ଓ ପ୍ରତିଷ୍ଠା ଭରପୂର। ଲିଙ୍ଗଭିତ୍ତିକ ଦୃଷ୍ଟିକୋଣ ଅନୁଯାୟୀ ପ୍ରଚାର, ସଂଗଠନ, ଆନ୍ଦୋଳନ ଭଳି ରାଜନୈତିକ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ସ୍ଥାନଗୁଡ଼ିକରେ ମହିଳାମାନେ ପ୍ରାୟତଃ କମ୍ ଶକ୍ତିଶାଳୀ ପଦବୀରେ ଅଧିଷ୍ଠିତା। ତେଣୁ ଆନୁଷ୍ଠାନିକ ସୁରକ୍ଷା ସେମାନଙ୍କ ନିମନ୍ତେ ଅପରିହାର୍ଯ୍ୟ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ଆଉ ଏକ ଯୁକ୍ତି ବାଢ଼ିଥିଲେ ଯେ ରାଜନୀତିରେ POSH ନିୟମର ଅପବ୍ୟବହାର ହେବାର ଆଶଙ୍କା ଅଧିକ। ଏହାବ୍ୟତୀତ ମହିଳାମାନଙ୍କ ଅଭିଯୋଗର ସତ୍ୟାସତ୍ୟ, ଅବିଶ୍ୱାସ ସହିତ 'ବ୍ଲାକମେଲ୍' ବିଷୟରେ ମଧ୍ୟ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି।

ଏହି ଯୁକ୍ତି ଏକ ବ୍ୟାପକ ସାମାଜିକ କାହାଣୀର ପ୍ରତିଫଳନ। ଯେମିତିକି ମହିଳାମାନେ ବ୍ୟକ୍ତିଗତ ଲାଭ ପାଇଁ ଉତ୍ପୀଡ଼ନ ଅଭିଯୋଗକୁ ଅତିରଞ୍ଜିତ କରନ୍ତି, ମିଛ କହିପାରନ୍ତି କିମ୍ବା ପୁରୁଷ ବିପକ୍ଷରେ ଏହି ଆଇନକୁ ବ୍ୟବହାର ମଧ୍ୟ କରିପାରନ୍ତି। ବିଶ୍ୱବ୍ୟାପୀ ଗବେଷଣା ଦର୍ଶାଏ ଯେ ମିଥ୍ୟା ଅଭିଯୋଗ ଅପେକ୍ଷା ପୁରୁଷ-ପ୍ରଧାନ ରାଜନୀତିରେ ଏହାର ଅପବ୍ୟବହାର ଭୟ ଅଧିକ। ଏକ ଅଧ୍ୟୟନ କୁହେ ଯେ ଯୌନ ଉତ୍ପୀଡ଼ନ ପ୍ରସଙ୍ଗରେ ମିଥ୍ୟା ଅଭିଯୋଗର ମାତ୍ରା ଦୁଇରୁ ଦଶ ପ୍ରତିଶତ। କିନ୍ତୁ ମିଥ୍ୟା ଅଭିଯୋଗ ଉପରେ ସାଧାରଣ ବିଶ୍ୱାସ ଆଶାଠାରୁ ଅଧିକ। ଏହାର କାରଣ ହେଉଛି 'କାଷ୍ଟିଂ କାଉଚ' ଭଳି ଲୋକପ୍ରିୟ ଶବ୍ଦ ଓ '#ମିଟୁ' ଭଳି ସାମାଜିକ ଆନ୍ଦୋଳନ। 'ପ୍ରମାଣ ଭିତ୍ତିକ ନୁହେଁ', 'ଅପର୍ଯ୍ୟାପ୍ତ ପ୍ରମାଣ', 'ପ୍ରତ୍ୟାହାର କରାଯାଇଥିବା ଅଭିଯୋଗ' ଏବଂ 'ମିଥ୍ୟା ଅଭିଯୋଗ' ଭଳି ଶବ୍ଦ ମଧ୍ୟରେ ଏସବୁ ଦ୍ୱନ୍ଦ୍ୱ ଅଧିକ ହୋଇଥାଏ। ଏକ ସାଧାରଣ ଧାରଣା ଅଛି ଯେ ଯଦି ମାମଲା ଖାରଜ ହେଉଛି ତେବେ ଏସବୁ ମିଥ୍ୟା ଅଭିଯୋଗ। ସମାଜଶାସ୍ତ୍ରୀଙ୍କ ମତରେ 'ମିଥ୍ୟା ମାମଲା ଏକପ୍ରକାରର ନୈତିକ ଆତଙ୍କ', ଯାହା ମହିଳାଙ୍କ ସ୍ୱରକୁ ଅବୈଧ କରିବା ଏବଂ କ୍ଷମତା ଗଠନକୁ ଅକ୍ଷୁର୍ଣ୍ଣ ରଖିବାର ଏକ ଉପାୟ।

ଗଣତନ୍ତ୍ରରେ ରାଜନୈତିକ ଦଳ ହେଉଛି ନାଗରିକ ଓ ରାଷ୍ଟ୍ର ମଧ୍ୟରେ ଥିବା ଏକ ସାଧାରଣ ବିନ୍ଦୁ। ରାଜନୈତିକ ଦଳ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସଂସ୍ଥା ନୁହନ୍ତି। କିନ୍ତୁ କାର୍ଯ୍ୟର ଆଶା, ନିୟନ୍ତ୍ରଣ, ପଦାନୁକ୍ରମ, ପୁରସ୍କାର ଓ ଦଣ୍ଡ ଭଳି କର୍ମକ୍ଷେତ୍ର ସମାନ ଉପାଦାନ ଏଠାରେ ଅଛି। ଅନୌପଚାରିକ ଶ୍ରମର ଏକ ସମାଜିକ ଅଧ୍ୟୟନ ଦର୍ଶାଏ ଯେ ଅନେକ ଅତ୍ୟାବଶ୍ୟକ ଶ୍ରମ ଏବେ ବି ଆନୁଷ୍ଠାନିକ ସ୍ୱୀକୃତି ବିନା ବିଦ୍ୟମାନ। ଏହି ଶ୍ରମ ସମ୍ପର୍କଗୁଡ଼ିକରେ ମହିଳାମାନେ ପ୍ରାୟତଃ ଅଧିକ ବିପଦପୂର୍ଣ୍ଣ ଶୋଷଣ କିମ୍ବା ଉତ୍ପୀଡ଼ନର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜନୈତିକ ଅଂଶଗ୍ରହଣର ବାସ୍ତବତା, 'କର୍ମସ୍ଥଳ' ଓ 'କର୍ମଚାରୀ'ର ଆଇନଗତ ପରିଭାଷା ମଧ୍ୟରେ ମେଳ ନାହିଁ ବୋଲି ଆଶଙ୍କା ସୃଷ୍ଟି ହେଉଛି। POSHରୁ ରାଜନୈତିକ ଦଳଗୁଡ଼ିକୁ ବାଦ ଦେଇ ଅଦାଲତ ଏକ ଆଇନଗତ ସୀମା ଆଙ୍କି ଦେଇଛନ୍ତି ବୋଲି ବୁଦ୍ଧିଜୀବୀ ମହଲ ମତ ରଖୁଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସମର୍ଥନ କରୁଥିବା ଏକ ମହଲ ଯୁକ୍ତି କରନ୍ତି ଯେ ଆନୁଷ୍ଠାନିକ କର୍ମକ୍ଷେତ୍ର, ନିଯୁକ୍ତିଦାତା ଓ କର୍ମଚାରୀ ସମ୍ପର୍କ ପାଇଁ POSH ଆଇନ ପ୍ରସ୍ତୁତ କରାଯାଇଛି। ଏହାକୁ ରାଜନୈତିକ ଦଳଗୁଡ଼ିକ ଉପରେ ଲଦିବା ବାସ୍ତବିକ ଭାବରେ କଷ୍ଟକର। କାରଣ ଏଥିରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଅନେକ ପ୍ରକାରର ଯଥା ସ୍ୱେଚ୍ଛାସେବୀ, ଅନୌପଚାରିକ ଓ ଅଂଶକାଳୀନ ଇତ୍ୟାଦି। ଏଣୁ ଏହା ସ୍ୱାଭାବିକ ଯେ ଏଭଳି ନିଯୁକ୍ତି ଆଇନଗତ ଅସ୍ପଷ୍ଟତା ସୃଷ୍ଟି କରିପାରେ। ସେହିପରି କେବଳ ଅପବ୍ୟବହାର ବିଷୟରେ ଚିନ୍ତା ନୁହେଁ, ବରଂ ଉଭୟ ଅଭିଯୋଗକାରୀ ଓ ପ୍ରତିପକ୍ଷଙ୍କୁ ସୁରକ୍ଷା ଦେବା ପାଇଁ ଯେକୌଣସି ଆଇନଗତ ପ୍ରସାରଣର କର୍ତ୍ତବ୍ୟ। ତେଣୁ ନିୟମ ଆଣିବା ଓ ପ୍ରୟୋଗ ବେଳେ ଏ ସବୁକୁ ଦୃଷ୍ଟିରେ ରଖିବା ଜରୁରୀ। ଅନ୍ୟ ଏକ ମହଲର ଯୁକ୍ତି ଯେ ଗଣତନ୍ତ୍ର କେବଳ ଆନୁଷ୍ଠାନିକ ଅଧିକାର ନୁହେଁ, ବରଂ ସମାନ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେଉଥିବା ଏକ ପ୍ରକ୍ରିୟା। ଯଦି ରାଜନୈତିକ ଦଳଗୁଡ଼ିକ ନିରାପଦ କର୍ମକ୍ଷେତ୍ର ଆଇନ ଅଧୀନରେ ଆସିବେ ନାହିଁ ତେବେ ଲିଙ୍ଗଗତ ଅସମାନତା, ବାଦମୁକ୍ତ ଓ ପକ୍ଷପାତୀ ହେବାର ଆଶଙ୍କା ବଢ଼ିଯାଏ।

ଯଦି POSHନିୟମ ଲାଗୁ ହେବ ନାହିଁ ତେବେ ଏହା ରାଜନୀତିରେ ଥିବା ମହିଳା କର୍ମୀଙ୍କ ପାଇଁ ଅନ୍ୟାୟ ହେବ କି? ଏହାର ସମ୍ଭାବ୍ୟ ସମାଜତାତ୍ତ୍ୱିକ ଓ ନୀତିଗତ ସମାଧାନରେ ଆଇନଗତ ସଂସ୍କାର, ଦଳ ମଧ୍ୟରେ ଏକ ସକ୍ରିୟ ଓ କାର୍ଯ୍ୟକ୍ଷମ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଚରଣ ସଂହିତା ଅନ୍ତର୍ଭୁକ୍ତ। ଏହାବ୍ୟତୀତ ନାଗରିକ ସମାଜ ଦ୍ୱାରା ତଦାରଖ ଓ ସମର୍ଥନ ସହିତ ଏକ ଆଦର୍ଶ ରାଜନୈତିକ ସଂସ୍କୃତିର ମଧ୍ୟ ଆବଶ୍ୟକତା ଅଛି। ତେଣୁ POSHର ଅପବ୍ୟବହାରକୁ ଦୃଷ୍ଟିରେ ରଖି ଯଦି ନିୟମ ଲାଗୁ ହୋଇନାହିଁ ତେବେ ଏହା ଅତ୍ୟନ୍ତ ଦୁଃଖଦ। ରାଜନୀତିରେ କ୍ଷମତା, ଆନୁଗତ୍ୟ, ପ୍ରତିଶ୍ରୁତିବଦ୍ଧତା ଓ ମେଣ୍ଟର ଅପବ୍ୟବହାର POSHଠାରୁ ମଧ୍ୟ ଅଧିକ ଚିନ୍ତାଜନକ। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଆମେ ଏବେ କେଉଁଠି?

ଡ. କିଶୋର ମହାନ୍ତି

ଦୀର୍ଘଦିନର ଜନଆନ୍ଦୋଳନର ଫଳଶ୍ରୁତି ହେଲା ସ୍ୱାଧୀନତା ପ୍ରାପ୍ତି। ଗାନ୍ଧିଜୀ ଥିଲେ ଏହାର ପଥ ପ୍ରଦର୍ଶକ। ସୁଭାଷ ଚନ୍ଦ୍ର ବୋଷ ଏ ମାଟିର ସୁଯୋଗ୍ୟ ସନ୍ତାନ। ଆଜାଦ୍ ହିନ୍ଦ୍ ଫୌଜ୍ ଗଢ଼ି ବ୍ରିଟିଶ ଏ ଭାରତ ମାଟିରୁ କିପରି ହଟିବ ତା'ର ସଙ୍କଳ୍ପ ନେଇଥିଲେ। ତେଣୁ ଯେଉଁ ଯୁଗପୁରୁଷମାନେ ଅତୀତରେ ନିଜ ଜୀବନକୁ ଉତ୍ସର୍ଗୀକୃତ କଲେ ସେମାନେ ଏବେ ବି ଜନମାନସରେ ପ୍ରକୃତରେ ଦେବତାର ଆସନରେ ଅଧିଷ୍ଠିତ ହେଇ ରହିଛନ୍ତି।

ସ୍ୱାଧୀନତା ପ୍ରାପ୍ତି ପରେ ପରେ ଆମେ ଗଣତନ୍ତ୍ର ପ୍ରତିଷ୍ଠା କଲେ ସତ, କିନ୍ତୁ ଲୋକଶାସନର ପଦ୍ଧତି ଲୋକକଲ୍ୟାଣ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ଅଧିକରୁ ଅଧିକ ହେଲା। ନିପୀଡ଼ିତ ଜନତାର ସୁଖ-ଦୁଃଖ କଥାକୁ ହେୟଜ୍ଞାନ କରି ବ୍ୟଭିଚାର, ପ୍ରିୟାପ୍ରୀତିତୋଷଣ ବଢ଼ି ଚାଲିଲା। ଶ୍ରେଣୀ ବିବାଦ, ଜାତିବାଦ ବିବାଦ, ସାମନ୍ତବାଦୀ ଚିନ୍ତାଧାରା ଗଣତନ୍ତ୍ରକୁ ମୂଳଲକ୍ଷ୍ୟଠାରୁ ଦୂରେଇ ନେଲା। ନିରୀହ ଜନତା, ବାସହୀନଙ୍କ ଥଇଥାନ ପାଇଁ କୌଣସି ସୁଚିନ୍ତିତ ଯୋଜନା ନାହିଁ। ସହରର ଉପାନ୍ତରେ ବସ୍ତି ସଂସ୍କୃତିର ପ୍ରତିଷ୍ଠା ହୋଇଛି। ଗୁଜୁରାଣ ମେଣ୍ଟାଉଥିବା ଓ ଛୋଟ ଛୋଟ ପରିବାରର କୁଡ଼ିଆ, ଚାଳଘର ନିର୍ମାଣ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଇଛି। କିନ୍ତୁ ଲୋକେ ରହିବେ କେଉଁଠି?

କ୍ଷମତାସୀନ ବ୍ୟକ୍ତିବିଶେଷ ଜୀବନସାରା ପିନ୍ଧିଥିବା ଖୋଳଟାକୁ ଜାବୁଡ଼ି ଧରିଥା'ନ୍ତି। ପୁରୁଣାକାତିର ବୋଝଗୁଡ଼ିକୁ ଖସାଇ ମଣିଷପଣର ଖୋଳ ଧାରଣ କରିବାକୁ ସେମାନେ ନାରାଜ। ଶାସକ ଓ ଶାସିତ ଭିତରେ ସୁଦୀର୍ଘ ଦୂରତା। ଏବେ ମଣିଷ ସ୍ୱାଧୀନତା ପ୍ରତି ପଦ ପଦେରେ ବିପଦ। ବନ୍ଧୁକ, ହାତକଡ଼ି, ଜେଲ ଓ ବୁଲଡୋଜର ଫାଶ। ଯେଉଁମାନେ ସରଳ, ସ୍ୱଚ୍ଛ ସେମାନେ କୂଟକପଟତା ଓ କୂଟନୀତିର ଧାର ଧରନ୍ତିନି। ସେମାନଙ୍କ ଉପରେ ଅତ୍ୟାଚାର ହୁଏ। ସାମାଜିକ ଭୟ, ସରକାରୀ ଦମନ ପ୍ରତି ଭୟ, ନୂତନ ଚିନ୍ତା ଓ ଭାବର ଭୟ, ଆଜି ମଣିଷକୁ ବହୁ ଭାବରେ ଦହଗଞ୍ଜ କରୁଛି। ଗଣଶୋଷଣ, ଗଣଧର୍ଷଣ, ଟିକସ ଫାଙ୍କି, ଠକାମୀ, କଳାବଜାରୀ, ପ୍ରତାରଣା ଗଣତାନ୍ତ୍ରିକ ଓ ସାମାଜିକ ମୂଲ୍ୟବୋଧକୁ ତଳିତଳାନ୍ତ କରିଦେଇଛି। ଲୋକଙ୍କର ତନ୍ତ୍ର ଲୋକଙ୍କ ହାତରେ ଆଉ ନାହିଁ।

ସ୍ୱାଧୀନତାର ସାଧକ ଅବିଶ୍ରାନ୍ତ ଭାବରେ ଦୁଃଖ ଦୈନ୍ୟ, ଯାତନା, ଯନ୍ତ୍ରଣା, ଲାଞ୍ଛନା, ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ, ଯୁଦ୍ଧ କରେ। ସେହିପରି ସ୍ୱାଧୀନଚେତା ସାଧକର ଲହୁ ଲୁହର କାହାଣୀ ଆମକୁ ବିସ୍ମୃତ କରେ। ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜିର ଜନନେତାମାନେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା, ଅଧିକାର ସୁରକ୍ଷା ଓ କଲ୍ୟାଣ ସାଧନ ପ୍ରତି ସେମାନଙ୍କଠାରୁ ପ୍ରତ୍ୟାଶିତ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ନିଷ୍ଠାର ନ୍ୟୂନତା ପ୍ରକଟ କରୁଛନ୍ତି। ବିଶେଷତଃ କ୍ଷମତା ପ୍ରଲୋଭନ ତାଙ୍କୁ ଜନସାଧାରଣଙ୍କ ସେବଠାରୁ ଦୂରେଇ ରଖୁଛି। ପ୍ରଥମତଃ ଅର୍ଥବଳ, ବାହୁବଳ ପ୍ରୟୋଗ, କ୍ଷମତାକୁ ହାତମୁଠାରେ ରଖି ସେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଏ। ଫଳରେ ବିକାଶରେ ବାଧା ଉପୁଜେ।

ଏଠି ସରକାର କହିଲେ, ନେତା, ପ୍ରଶାସନ ଓ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା। ଏଠି ଜନତାର ସହଭାଗିତା ଓ ସହଯୋଗିତା ନଥିଲେ କୌଣସି ଯୋଜନା କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ଉପୁଜେ। କଥାରେ କୁହନ୍ତି ଦୁର୍ନୀତି ଗିଳେ ପ୍ରଗତି। ଦୁର୍ନୀତି ଯେଉଁ ପରିମାଣରେ ବୃଦ୍ଧି ପାଇବ ସେହି ପରିମାଣରେ ପ୍ରଗତି କ୍ଷେତ୍ରରେ ଯୋଜନା ତ୍ୱରାନ୍ୱିତ ହେବା ସମ୍ଭବପର ହୋଇପାରେ ନାହିଁ। ଏଥିପାଇଁ ପ୍ରଶାସନ କଳ ଯେତିକି ଦାୟୀ, ସେତିକି ଦାୟୀ ନେତା ଓ ମନ୍ତ୍ରୀ। ଅମଲାମାନଙ୍କର କାର୍ଯ୍ୟ ପାଇଁ କୁଣ୍ଠା ପ୍ରକାଶ ଏବଂ ହାତଗୁଞ୍ଜା ଦେବାରେ ଦୁର୍ନୀତିକୁ ସର୍ବାନ୍ତକରଣରେ ଆମେ ଉତ୍ସାହିତ କରୁଛେ ବୋଲି କହିବାକୁ ହେବ। ଏଥିପ୍ରତି ଜନସାଧାରଣଙ୍କ ସଚେତନତା ଲୋଡ଼ା। ଜନସାଧାରଣ ସକ୍ରିୟ ହେଲେ ଏହାକୁ କେବେ ହେଲେ ପ୍ରଶ୍ରୟ ଦେବେ ନାହିଁ। ଏଠାରେ ସହଭାଗିତା ଓ ସହଯୋଗିତା ହିଁ ଲୋଡ଼ା ପଡ଼େ।

କହିବାକୁ ଗଲେ କଳାବଜାର, ସରକାରୀ ଅର୍ଥ ଭାଗବଣ୍ଟା, ଅଣ୍ଟାଗୁଞ୍ଜା, ଲାଇସେନ୍ସ, ପରମିଟ୍ ବିକ୍ରି, ରେସନ ଜିନିଷ ହରଣଚାଳ ଏସବୁ ଦୁର୍ନୀତି ଆଜି ସମାଜକୁ ରୁଗ୍‌ଣ କରିବାକୁ ବସିଲାଣି। ପୂଜା ଧ୍ୱଜା ପ୍ରଭୃତି ସାମାଜିକ ଚଳଣି ରୂପେ ପ୍ରଚଳିତ ହେବା ଫଳରେ ସାମାଜିକ ମୂଲ୍ୟବୋଧ ବିଡ଼ମ୍ବିତ ହେବା ସଙ୍ଗେ ସଙ୍ଗେ ଜାତୀୟ ଚରିତ୍ରର ମଧ୍ୟ ସ୍ଖଳନ ଦେଖାଦେଉଛି। କିଛି କିଛି ଭୟ ଆଜି ସାଧାରଣଙ୍କ ମନରେ ଅହେତୁକ ଆଶଙ୍କା ସୃଷ୍ଟି କରୁଛି। ଶାସକ ଓ ଶାସିତ ଭିତରେ ସମନ୍ୱୟ ନାହିଁ। ନେତା ଓ ଜନତା ମଧ୍ୟରେ ଯେଉଁ ଦୂରତା ଥିଲା ତାହା ଏବେ ବି ରହିଛି।

ଗଣତନ୍ତ୍ରରେ ପୁଞ୍ଜିବାଦର ଅବୈଧ ପ୍ରବେଶ ଗଣତାନ୍ତ୍ରିକ ଚେତନାକୁ ଦୂଷିତ କରୁଛି। ସଭ୍ୟତା ଓ ଆଧୁନିକତା ନାଁରେ ମଣିଷକୁ କିଭଳି ଦୁର୍ବଳ ଓ ପଙ୍ଗୁ କରି ଦିଆଯାଉଛି ତାହା ମଧ୍ୟ ଆଜିର ସମାଜ ପ୍ରତି ଦୃଷ୍ଟିପାତ କଲେ ଭଲ ଭାବରେ ଜଣାପଡ଼େ। ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଯେଉଁସବୁ ସମସ୍ୟା ଦେଖା ଦେଉଛି ତାହା ଆମରି ଦ୍ୱାରା ସୃଷ୍ଟ ବୋଲି ବୁଝିବାକୁ ହେବ। ଏଥିପାଇଁ ଆଶୁ ସମାଧାନ ପାଇଁ ସାଧାରଣ ଜନତା ଅଣ୍ଟା ଭିଡ଼ିବା ଦରକାର। ●

ମୋ: ୯୪୩୭୭୨୮୪୭୫

# ଅନ୍ନଦାଶଙ୍କର : ଅଳ୍ପଦିନର ଅତିଥି, ସୀମାହୀନ ସଂପ୍ରୀତି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

'ଆହା ଯଉବନ ଥରେ ଗଲେ ଆଉ ଆସେନା, ବୃଥା ବିଧୂର ପରାଣ ପୂରେ ଝୁରେ ବାସନା।' - ଯୌବନର ଉଷ୍ମତାକୁ ଅନ୍ନଦାଶଙ୍କର ଅନୁଭବ କରିଥିଲେ ଯଥାର୍ଥ ଭାବରେ। ଯୌବନ-ବିହୀନ ଜୀବନ କାହାକୁ କ'ଣ ଭଲ ଲାଗେ? ସେଥିପାଇଁ କବି ଗାଇଥିଲେ -'ଯଉବନ ସାଥେ ଯାଉ ଜୀବନ ମୋର'। ଭଗବାନଙ୍କ କରୁଣାରୁ ସେ ପ୍ରାୟ ୯୮ ବର୍ଷ ବୟସ ପର୍ଯ୍ୟନ୍ତ ରହିଲେ ମର୍ତ୍ତ୍ୟଭୂମିରେ। କିନ୍ତୁ ଯୌବନ ଅତିକ୍ରମ କରିବା ପୂର୍ବରୁ ସେ ଓଡ଼ିଆ ସାହିତ୍ୟ ଜଗତରୁ ବିଦାୟ ନେଇ ପ୍ରବେଶ କଲେ ବଙ୍ଗଳା ସାହିତ୍ୟ କ୍ଷେତ୍ରକୁ। ଯୌବନ-ଦୀପ୍ତି ସ୍ତିମିତ ହୋଇଯିବା ଯୋଗୁଁ ସେ ଝୁରି ହୋଇଥିବେ ଅତୀତକୁ ନିଶ୍ଚୟ। କିନ୍ତୁ ଓଡ଼ିଆ ପାଠକମାନେ ତାଙ୍କର ଏ ଆକସ୍ମିକ ପ୍ରସ୍ଥାନରେ ବେଦନା-ବ୍ୟଥିତ ପ୍ରାଣରେ ତାଙ୍କୁ ସ୍ମରଣ କରିଛନ୍ତି ଅତି ଆନ୍ତରିକ ଭାବରେ।

୧୯୩୧ରେ 'ପଥେପ୍ରବାସେ' ନାମକ ବଙ୍ଗଳା ପୁସ୍ତକ ରଚନା ପରେ ସେ ଯେଉଁ ସୁଖ୍ୟାତି ଲାଭ କଲେ, ତାହା ହିଁ ଓଡ଼ିଶାରୁ ବିଦାୟ ନେବାର କାରଣ ବୋଲି ଅନେକେ ମନେ କରନ୍ତି। ସେ ନିଜେ ମଧ୍ୟ ଏକାଧିକ ସ୍ଥାନରେ ସ୍ୱୀକାର କରିଛନ୍ତି ଯେ ବଙ୍ଗଳା ସାହିତ୍ୟର ପାଠକ ସଂଖ୍ୟା ଓଡ଼ିଆ ତୁଳନାରେ ବହୁ ଅଧିକ ବୋଲି ସେ ବଙ୍ଗଳା ସାହିତ୍ୟ-ସୃଜନରେ ନିଜକୁ ନିମଗ୍ନ ରଖିଲେ। ଅଠର ବର୍ଷ ବୟସରେ ସେ ପ୍ରବେଶ କରନ୍ତି ଓଡ଼ିଆ ସାହିତ୍ୟ-ଭୂମିକୁ। ତରୁଣ କାଳରେ ଜଣେ ସାହିତ୍ୟ ସ୍ରଷ୍ଟା ଯେପରି ସାମାଜିକ ପରିବର୍ତ୍ତନର ପ୍ରେରଣା ଅନୁଭବ କରେ ଅନ୍ନଦାଶଙ୍କର ତାହା ହିଁ କରିଛନ୍ତି। ସବୁକଥାକୁ ମାନି ନ ନେବା ତାରୁଣ୍ୟର ଧର୍ମ ବୋଲି ପ୍ରତିପାଦନ କରିଛନ୍ତି ବଳିଷ୍ଠ ଭାବରେ। 'ପ୍ରଳୟ ପ୍ରେରଣା' ନାମକ କବିତା ରଚନା କରି ସମାଜର ମିଥ୍ୟା, ପ୍ରତାରଣା ଆବର୍ଜନାର ସ୍ତୂପ ଭାଙ୍ଗିଦେଇ ନୂତନ ସମାଜ ଗଠନର ପରିକଳ୍ପନାରେ ଅଧୀର ହୋଇ ଉଠିଛନ୍ତି। ଅଥଚ ତାଙ୍କର ଏହି ବୈପ୍ଲବିକ ବିଚାର ତାଙ୍କ ମନର ଅସ୍ଥିରତା ବୋଲି ଅନୁଭବ କରି ପ୍ରିୟ ପ୍ରଣୟିନୀ ଉଦ୍ଦେଶ୍ୟରେ କହିଛନ୍ତି - ଶୁଣିବ ଯଦି ଶୁଣ ଗୋ ରାଣୀ, ସେ ନୁହେଁ ମୋର ମରମବାଣୀ / ସେ ନୁହେଁ ମନ କଥା ମୋ, ଯେ ଗୀତ ଦେଲି ସେ ଦିନ ଗାଇ ସେ ଗୀତେ ମୋର ହୃଦୟ ନାହିଁ ନାହିଁ ସେ ଗୀତେ ବ୍ୟଥା ମୋ।'

ସାହିତ୍ୟ ସରିତ୍

ତା'ହେଲେ କବିଙ୍କ ଜୀବନର ଆଭିମୁଖ୍ୟ କ'ଣ? ସେ କହିଲେ - 'ଯିବି ପଳାଇ ଦୂରେ ସୁଦୂରେ ସପନ ଲୋକେ ଗୋପନ ପୂରେ ଗ୍ରହ ତାରକା ଏଡ଼ାଇ, ଯଉବନର ଝରଣା କୂଳେ ମଳୟ ଯହିଁ ନିୟତ ବୁଲେ କୁସୁମ କେତୁ ଉଡ଼ାଇ।' ପ୍ରଣୟିନୀ ସହିତ ସେ ପଳାୟନ କରିବାର ସମ୍ବାଦ କାହିଁ? ବରଂ ଓଡ଼ିଶା ଛାଡ଼ି ଦେଇ ବଙ୍ଗଳା ରାଜ୍ୟକୁ ପ୍ରବେଶ କରିଥିବାର ସତ୍ୟତା ଅବିସମ୍ବାଦିତ।

୧୯୨୧-୨୭ ମସିହା ମଧ୍ୟରେ ମାତ୍ର କେତୋଟି କବିତା ଆଉ ଉଚ୍ଚକୋଟୀର ପ୍ରବନ୍ଧ ଲେଖି ସେ ତୀବ୍ର ଆଲୋଡ଼ନ ସୃଷ୍ଟି କଲେ। 'ସବୁଜ ଅକ୍ଷର' ନାମକ ପୁସ୍ତକରେ ତାହା ସଂକଳିତ ହୋଇ ରହିଛି। କବି ପଦ୍ମଚରଣ, ସମର ଓ ସାହିତ୍ୟ, ମଥୁରା ମଙ୍ଗଳ, ଶାନ୍ତିନିକେତନ, ଜର୍ଜ ବର୍ଣାଡ଼ ଶ ଙ୍କ ସମ୍ପର୍କରେ ତାଙ୍କ ମୌଳିକ ଚିନ୍ତନ ପ୍ରକଟିତ। 'ବାସନ୍ତୀ' ଉପନ୍ୟାସର କେତୋଟି ପରିଚ୍ଛେଦ ମଧ୍ୟ ତାଙ୍କ ଦ୍ୱାରା ରଚିତ। ଓଡ଼ିଆ ଭାଷାରେ ସେ ଯେଉଁ ନୂତନ ଛନ୍ଦ-ସ୍ପନ୍ଦନ ସୃଷ୍ଟି କରିଗଲେ ତାହା ପାଠକମାନଙ୍କ ଅନ୍ତରକୁ ଉଦବେଳିତ କରିଦେଇଥିଲା ଏବଂ ଆଜିବି ତାହା ଏକାନ୍ତ ସ୍ମରଣୀୟ ହୋଇ ରହିଛି। ଓଡ଼ିଆ ସାହିତ୍ୟ ସୃଜନରୁ ସେ ବିରତି ନେଇଥିଲେ ମଧ୍ୟ ଓଡ଼ିଶା ପ୍ରତି ତାଙ୍କ ହୃଦୟର ଆକର୍ଷଣ ଆଦୌ ମଳିନ ପଡ଼ିଯାଇ ନଥିଲା। ଓଡ଼ିଶାର ଲେଖକ/ପାଠକଙ୍କୁ ଦେଖିବା ମାତ୍ରକେ ତାଙ୍କ ଅନ୍ତର ପୁଲକିତ ହୋଇ ଉଠୁଥିଲା। ବଙ୍ଗଳା ସାହିତ୍ୟକୁ ପରିମାଣାତ୍ମକ ଦୃଷ୍ଟିରୁ ତାଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ। ଓଡ଼ିଆ ସାହିତ୍ୟରେ ତାଙ୍କ ସୃଷ୍ଟି ସ୍ୱଳ୍ପ ହେଲେ ମଧ୍ୟ ସେ ସ୍ୱତନ୍ତ୍ର ମର୍ଯ୍ୟାଦାରେ ବିଭୂଷିତ। ଗୁଣାତ୍ମକ ଦୃଷ୍ଟିରୁ ଏହାର ମୂଲ୍ୟ ଯେ ନିଶ୍ଚୟ ଚିରସ୍ମରଣୀୟ। ଓଡ଼ିଆ ସାହିତ୍ୟର ସେଥିଲେ ସଚେତନ ଶ୍ରଦ୍ଧାଶୀଳ ପାଠକ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ। ପୁଣି ତାଙ୍କ ବଙ୍ଗଳା କୃତିର ଓଡ଼ିଆ ଅନୁବାଦ ପାଇଁ ସେ ସର୍ବଦା ଦେଇଆସିଛନ୍ତି ସାନନ୍ଦ ସ୍ୱୀକୃତି। ଓଡ଼ିଶା ହିଁ ହେଉଛି ତାଙ୍କ କବିତ୍ୱପୂର୍ଣ୍ଣ ଶିଶୁ-ଆତ୍ମାର ଯଥାର୍ଥ ଜନ୍ମଦାତ୍ରୀ। ଜଣେ ସାଧୁ ସାହିତ୍ୟ ସାଧକ ଭାବରେ ସେ ଥିଲେ ବିଶ୍ୱସାହିତ୍ୟ ପ୍ରତି ସର୍ବଦା ଅନୁରକ୍ତ। ସାହିତ୍ୟକୁ କୌଣସି ସୀମାରେଖା ମଧ୍ୟରେ ଆବଦ୍ଧ କରି ରଖିବା ସପକ୍ଷରେ ନଥିଲେ କେବେ ସେ। ସୁଦୀର୍ଘ ୪୦ ବର୍ଷରୁ ଅଧିକ କାଳ ସେ ସମ୍ପୃକ୍ତ ରହିଥିଲେ ସବୁଜ ଧାରାର ସାହିତ୍ୟ ସାଧକମାନଙ୍କ ସହିତ। ବନ୍ଧୁ-ବାତ୍ସଲ୍ୟ ସାହିତ୍ୟ ଜଗତକୁ କିପରି ସମୃଦ୍ଧ କରିପାରେ ତା'ର ଦୃଷ୍ଟାନ୍ତ ହେଉଛି 'ସବୁଜ ଯୁଗ' ବୋଲି ସେ କରିଥିବା ମତବ୍ୟକ୍ତ ପ୍ରେରଣାପ୍ରଦ ନିଶ୍ଚିତ ଭାବରେ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ମାତିଲେ 'ଜେନ୍ ଜେଡ୍'...

ମେଡିକାଲରେ ଭର୍ତ୍ତି କରାଯାଇଛି । ଆନ୍ଦୋଳନ ଓ ଅନଶନ ସତ୍ତ୍ୱେ ସରକାର ଲଦାଖ ଦାବି ଉପରେ ବିଚାର କରୁନଥିବାରୁ ଏହି ସଂଗଠନର କର୍ମକର୍ତ୍ତା ଆଜି ବନ୍ଦ ପାଳନ ପାଇଁ ଆହ୍ୱାନ ଦେଇଥିଲେ । ଆଜି ବନ୍ଦ ପାଳନ ବେଳେ ଏଭଳି ହିଂସା ହୋଇଥିଲା । ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲେ ଯୁବ ଆନ୍ଦୋଳନକାରୀ । ସେମାନେ ପୁଲିସ ଉପରକୁ ଟେକାମାଡ଼ କରିଥିଲେ । ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିଚାଳନା କରିବାରୁ ଯୁବକ ଓ ଛାତ୍ର ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇ ବିଭିନ୍ନ ସ୍ଥାନରେ ଅଫିସ ଓ ଗାଡ଼ିରେ ନିଆଁ ଲଗାଇଦେଇଥିଲେ । ଏପରିକି ସେମାନେ ସିଆର୍‌ପି ଗାଡ଼ି ଓ ବିଜେପି ଅଫିସରେ ମଧ୍ୟ ନିଆଁ ଲଗାଇଦେଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା । ଏଥିରେ ୪ ଯୁବ ଆନ୍ଦୋଳନକାରୀ ପ୍ରାଣ ହରାଇଛନ୍ତି । ଲଦାଖ ଆନ୍ଦୋଳନକାରୀମାନେ ମୁଖ୍ୟତଃ ୪ଟି ଦାବି ଉପସ୍ଥାପନ କରିଛନ୍ତି । ଲଦାଖକୁ ରାଜ୍ୟ ମାନ୍ୟତା, ଷଷ୍ଠ ଅନୁସୂଚୀ ଅନୁସାରେ ସାମ୍ବିଧାନିକ ସୁରକ୍ଷା, କାରଗିଲ ଓ ଲେହକୁ ଦୁଇଟି ଭିନ୍ନ ଭିନ୍ନ ଲୋକସଭା ସିଟ୍‌ର ମାନ୍ୟତା ଏବଂ ସରକାରୀ ଚାକିରିରେ ସ୍ଥାନୀୟ ଲୋକଙ୍କୁ ଭର୍ତ୍ତି ପାଇଁ ଦାବି କରୁଛନ୍ତି ।

### ଚାଉଳ ବକେୟା...

ହେଉନାହାନ୍ତି । ବକେୟା ଅର୍ଥ ପାଇଁ ଆମେ କେନ୍ଦ୍ର ସରକାରଙ୍କ ସହ ପୁଣିଥରେ ଆଲୋଚନା କରିବୁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରୁ ବଳକା ଚାଉଳ ଉଠାଇବା ପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଆଲୋଚନା କରିଛୁ । ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରାଧୀନ ରହିଛି । ଯଦି ଏଥିରେ ବିଳମ୍ବ ହୁଏ, ତେବେ ଚାଉଳ ନଷ୍ଟ ହେବା ପୂର୍ବରୁ ବଳକା ଚାଉଳକୁ ଆମେ ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ବିଧାୟକ ପ୍ରତାପ ଦେବ ୨୦୨୪-୨୫ ଆର୍ଥିକ ବର୍ଷରେ ଉଭୟ ଖରିଫ ଏବଂ ରବି ଋତୁରେ କେତେ ଧାନ ସଂଗ୍ରହ ହୋଇଛି, ସେଥିରୁ କେତେ ଚାଉଳ ଉତ୍ପାଦନ କରାଯାଇଛି, କେତେ ଚାଉଳ ଏଫସିଆଇ ସଂଗ୍ରହ କରିଛି ଏବଂ କେତେ ଚାଉଳ ବଳକା ରହିଛି, ସରକାର ବଳକା ଚାଉଳ କେଉଁଠି ରଖିଛନ୍ତି ସେ ସମ୍ପର୍କରେ ଗୃହକୁ ଜଣାଇବାକୁ ପ୍ରଶ୍ନ କରିଥିଲେ । ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ପିଡିଏସ ବାବାଦରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ପ୍ରଦାନ କରାଯାଇଛି । ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଛୁ । ଅତିରିକ୍ତ ଚାଉଳ ଉଠାଣ ପାଇଁ କେନ୍ଦ୍ରକୁ ଅନୁରୋଧ କରିଛୁ ବୋଲି ମନ୍ତ୍ରୀ ଉତ୍ତର ଦେଇଥିଲେ । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ ଯେ ରାଜ୍ୟର କେତେ ବଳକା ଚାଉଳ ଏଫସିଆଇ ନେଇଛି ? କେନ୍ଦ୍ର ପାଖରେ କେତେ ବକେୟା ରହିଛି ବୋଲି ପ୍ରଶ୍ନ କରିଥିଲେ । ମନ୍ତ୍ରୀ କହିଥିଲେ ଯେ ଆମେ ବଳକା ଚାଉଳ ନେବା ପାଇଁ କେନ୍ଦ୍ର ନିକଟରେ ଅନୁରୋଧ କରିଛୁ । ରାଜ୍ୟ ସରକାର ଚାଉଳ ଗଚ୍ଛିତ ରଖିବା ଲାଗି ଗୋଦାମ କରିବେ । ୧୦ ଲକ୍ଷ ମେଟ୍ରିକ୍ ଟନ୍ ବାଳକ ଚାଉଳ ଗଚ୍ଛିତ ରଖିବା ଲାଗି ସରକାର ଗୋଦାମ ଖୁବଶୀଘ୍ର ନିର୍ମାଣ କରିବେ । ରାଜ୍ୟରେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି । ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି । ଆଉ ବଳକା ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ବିଜେଡି । ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ବିଜେପି ବିରୋଧୀ ଦଳରେ ଥିବା ବେଳେ ବିଜେଡି ଓ ମିଲରଙ୍କ ମଧୁଚନ୍ଦ୍ରିକା ଚାଲିଛି ବୋଲି ଅଭିଯୋଗ କରୁଥିଲେ । ଏବେ ସେମାନେ ସେହି ଅବସ୍ଥାରେ ଅଛନ୍ତି ବୋଲି ଶ୍ରୀ ଦେବ କଟାକ୍ଷ କରିଛନ୍ତି ।

### କାହା ନିୟନ୍ତ୍ରଣରେ...

ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର କିମ୍ବା ଏଫସିଆଇ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପଦଟିଏ ପାଟି ଫିଟାଉ ନାହାନ୍ତି । ତେଣୁ ଏଫ୍‌ସିଆଇ ଏବେ କାହା ନିୟନ୍ତ୍ରଣରେ ରହିଛି ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୁନଶ୍ଚ ଓଡ଼ିଶାର ବଳକା ୧୩ ଲକ୍ଷ ମେଟ୍ରିକ ଟନ ଚାଉଳ ଏବେ କଣ ହେବ ବୋଲି ପ୍ରଶ୍ନ ଉଠିଛି । ଟେଣ୍ଡର ମାଧ୍ୟମରେ ଚଉଳ ବିକ୍ରି ପାଇଁ ମଙ୍ଗଳବାର ବିଧାନସଭାରେ ଯୋଗାଣ ମନ୍ତ୍ରୀ ବିବୃତି ରଖିଥିଲେ ହେଁ ଏହାକୁ ନେଇ ବିଶେଷଜ୍ଞ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଏତେ ପରିମାଣର ଚାଉଳ କିଏ କ୍ରୟ କରିବ, ସରକାର ସଠିକ୍ ମୂଲ୍ୟ ପାଇବେ କି ନାହିଁ ସେନେଇ ଏବେଠାରୁ ଆକଳନ କରିବା କଷ୍ଟ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

### ୨୦୦ ଗୁଣ୍ଡା ଲଗାଇ...

ଉଠାଇଛନ୍ତି କଂଗ୍ରେସ ବିଧାୟକ । ଗୃହରେ ଆମର ସୁରକ୍ଷା ବାଚସ୍ପତିଙ୍କ ଦାୟିତ୍ୱ । ଏଥିପାଇଁ ଆପଣଙ୍କୁ ଗୃହରେ ଜବାବ୍ ଦେବାକୁ ପଡ଼ିବ । ନ ହେଲେ ଇତିହାସ ଆପଣଙ୍କୁ ନିନ୍ଦା କରିବ ବୋଲି କଂଗ୍ରେସ ବିଧାୟକମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଆଜି ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗକୁ ଉତ୍ଥାପନ କରି କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଆମେ ଗତ ଅଧିବେଶନରେ ଗୃହ ମଧ୍ୟରେ ଥିବାବେଳେ ଆମକୁ ୧୫୦-୨୦୦ ଗୁଣ୍ଡା ଆସି ଜୁଲମ କଲେ । ଆମ ମୁଦି, ଘଡି, ଚଷମା ଛଡ଼ାଇ ନେଲେ । ତାଙ୍କ ପ୍ରତି କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ସେନେଇ ଏଯାବତ୍ କୁହାଗଲା ନାହିଁ । ଏହି ପବିତ୍ର ଗୃହରେ ବିଧାୟକଙ୍କ ସୁରକ୍ଷା ବାଚସ୍ପତିଙ୍କର ବୋଲି କହିଥିଲେ କଂଗ୍ରେସ ବିଧାୟକ ଦଳ ନେତା । ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ ବିଧାନସଭାରେ ଆମେ ଗୃହ କମିଟି ଗଠନ କରିବାକୁ ଦାବି କରିଥିଲୁ; ମାତ୍ର ଆମକୁ ନିଲମ୍ବନ କରାଗଲା । ଦୁର୍ଭାଗ୍ୟଜନକ ଭାବେ ଆମକୁ ରାତି ଅଧରେ ପୁଲିସ ଡ୍ରେସରେ ଗୁଣ୍ଡା ଲଗାଇ ମାଡ ମରାଗଲା । ସଂସଦୀୟ ମନ୍ତ୍ରୀ ଆମକୁ କିପରି ଗାଳି ଦେଲେ୍ ସାରା ଜଗତ ଜାଣନ୍ତି । ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆମ ଉପରେ କାର୍ଯ୍ୟାନୁଷ୍ଠାନ ଆମ ଉପରେ ଗ୍ରହଣ କରାଗଲା । କଂଗ୍ରେସ ବିଧାୟକମାନେ ଗୃହରେ ନାରାବାଜି କରିବା ସହ କକ୍ଷତ୍ୟାଗ କରିଥିଲେ ।

### ସମ୍ବଲପୁର ଉବୁଟୁବୁ...

ହୀରାକୁଦ କେଚ୍‌ମେଣ୍ଟ ଏରିଆରେ ବର୍ଷା ହେବା ଫଳରେ ହୀରାକୁଦ ଜଳସ୍ତର ବୃଦ୍ଧି ପାଇଛି । ଜଳଭଣ୍ଡାରର ୧୬ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଯଦି ଆଜି ରାତିରେ ପୁଣି ବର୍ଷା ହୁଏ ଏବଂ ହୀରାକୁଦ ଜଳଭଣ୍ଡାରର ଅଧିକ ସଂଖ୍ୟାରେ ସ୍ଲୁଇସ୍ ଗେଟ୍ ଖୋଲାଯାଏ ତେବେ ପଛୁଆପାଣି ଦ୍ୱାରା ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ । ଗତକାଲିର ଲଗାଣ ବର୍ଷାରେ ସମ୍ବଲପୁର ସହରର ହୀରାକୁଦ କଲୋନୀ, ମୁଦିପଡ଼ା ଲେବର କଲୋନୀ, ଏନ୍‌ଗୁହା ଲେନ୍‌ର ନୂଆପଡ଼ା, ବୁଢ଼ାରଜା, ପ୍ରଧାନପଡ଼ା, କମିଶନର୍ସ କଲୋନୀ ପଛପାଖ, ଚାରଭାଟି, କୁଲୁଥକାନି, ପୁଟିବନ୍ଧ, ଧନୁପାଲି, ଦୁର୍ଗାପାଲି, ବରେଇପାଲି ଶିଳ୍ପାଞ୍ଚଳ, ଲକ୍ଷ୍ମୀଟକିଜ ଛକ ଆଦିର ତଳିଆ ଅଞ୍ଚଳରେ ବର୍ଷାରେ ଘର ମାନଙ୍କରେ ପାଣି ପଶିଛି । ଫାଟକ ଷ୍ଟେସନରୁ କ୍ଷେତରାଜପୁର ପଟକୁ ଥିବା ରାସ୍ତାକଡ଼ ଜଳପ୍ରବାହ ନାଳ ବନ୍ଦ ଯୋଗୁଁ ଦେଉଳବନ୍ଧ ଅଞ୍ଚଳର କେତେକ ଘରମାନଙ୍କରେ ମଧ୍ୟ ପାଣି ପଶିଯାଇଥିବା ଜଣାପଡ଼ିଛି । କ୍ଷେତରାଜପୁର ଚନ୍ଦନ ନଗର, ମନ୍ଦଲିଆ, କୁମ୍ଭାରପଡ଼ା, ହାଉସିଂବୋର୍ଡ ଓ ଦଶମତୀ କଲୋନୀ ଭଳି ତଳି ଅଞ୍ଚଳର ନାଳରେ ନର୍ଦ୍ଦମାଜଳ ସହ ବର୍ଷା ଜଳ ମିଶି ଘର ମାନଙ୍କରେ ପ୍ରବେଶ କରୁଥିବା ଦେଖାଯାଇଥିଲା । ପ୍ରାୟ ୪ ଘଣ୍ଟା ପରେ ଜମା ହୋଇଥିବା ଜଳସ୍ତର ଧିରେ ଧିରେ ହ୍ରାସ ପାଇଥିଲା । ଖାଲୁଆ ସ୍ଥାନରେ ମହାନଗର ନିଗମ ପକ୍ଷରୁ ମୋଟର ପମ୍ପ ଲଗାଇ ଜଳ ନିଷ୍କାସନ କରାଯାଇଥିଲା । ଏନ୍‌ଏସ୍‌ସିବି କଲେଜ ପୁଟିବନ୍ଧ ଅଞ୍ଚଳରେ ହରଡ଼ଯୋର ସହ ସମଗ୍ର ଅଞ୍ଚଳ ପାଣି ଜମି ଘର ମାନଙ୍କରେ ପଶିଯାଇଥିଲା । ବର୍ଷା ଯୋଗୁଁ କେତେକ ସ୍ଥାନରେ ଗଛ ପଡ଼ିଥିବାବେଳେ ଜଳାର୍ଣ୍ଣବ ହୋଇଥିବାରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଗତ ୨୦୧୮ ମସିହା ଜୁଲାଇ ୨୨ ତାରିଖରେ ରେକର୍ଡ ୫୧୦ ମିଲିମିଟର ବର୍ଷାରେ ହାଉସିଂବୋର୍ଡ କଲୋନୀର ଗୋଟିଏ ମହଲା ପର୍ଯ୍ୟନ୍ତ ପାଣିରେ ବୁଡ଼ି ଯାଇଥିଲା । ସେହି ସମୟରେ ସମ୍ବଲପୁରରେ ୧୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ସର୍ଭେ ହୋଇ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା ଯାହାକୁ ନୂତନ ସରକାର ଶୀତଳଭଣ୍ଡାରକୁ ଠେଲି ଦେଇଛନ୍ତି । ବର୍ଷେ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ସମ୍ବଲପୁର ଡ୍ରେନେଜ୍ ମାଷ୍ଟର ପ୍ଲାନ କେବଳ ଘୋଷଣାରେ ରହିଯାଇଛି । ଏଯାବତ୍ ସେହି ଦିଗରେ ଅଗ୍ରଗତି ହୋଇନାହିଁ ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କ ସହ ଏକ ଜରୁରୀକାଳୀନ ଦଳ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଜଳସ୍ରୋତ ଅବରୋଧମୁକ୍ତ ଏବଂ ଆବଶ୍ୟକସ୍ଥଳେ ରିଲିଫ୍ ସେଣ୍ଟରରେ ପହଞ୍ଚାଇଥିଲେ । ଜିଲ୍ଲାପାଳ ସମ୍ବଲପୁରର ହାଉସିଂବୋର୍ଡ କଲୋନୀ, ଗୋପାଲମାଲ ଶାନ୍ତିନଗର, ଫାଟକ ମାଲିପଡ଼ା, ପୁଟିବନ୍ଧ ଆଦି ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ସମୀକ୍ଷା କରି ତ୍ୱରିତ୍ ପଦକ୍ଷେପ ନେବାକୁ କହିଥିଲେ । ବିଶେଷ କରି ବନ୍ୟାଜଳ ଜମା ହେବାକୁ ନଦେଇ ନିଷ୍କାସନ ବ୍ୟବସ୍ଥାକୁ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହିତ ପ୍ରଭାବିତ ଲୋକଙ୍କ ପାଇଁ ଶୁଖିଲା ଓ ରନ୍ଧାଖାଦ୍ୟ, ପାନୀୟ ଜଳ, ଅସ୍ଥାୟୀ ଆଶ୍ରୟଗୃହ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ପାଇଁ କହିଥିଲେ ।

ଅପରପକ୍ଷେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୨୧ ତାରିଖ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପହଞ୍ଚିଥିବାବେଳେ ତାହାକୁ ବଜାୟ ରଖାଯାଉଛି । ଆଜି ସକାଳ ୬ଟାରେ ହୀରାକୁଦ ନଦୀବନ୍ଧର ୮ଟି ଗେଟ୍ ଖୋଲାଥିବାବେଳେ ପର୍ଯ୍ୟାୟକ୍ରମେ ଆଉ ୮ଟି ସ୍ଲୁଇସ ଗେଟ୍ ଖୋଲାଯାଇଛି । ଏହାକୁ ମିଶାଇ ମୋଟ ୧୬ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି ।

ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୫୮ ଫୁଟ୍ ରହିଛି । ନଦୀବନ୍ଧର ବାମପାଶ୍ୱର୍ର ୧୧ଟି ଓ ଡାହାଣ ପାଶ୍ୱର୍ର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୫,୬୩୭ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୮,୨୨୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୨,୬୨,୫୯୨ ଘନଫୁଟ ଜଳପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୮୦୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୮୦ ଘନଫୁଟ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୬,୫୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୧,୩୬୧ ଘନଫୁଟ, ଖଇରମାଲଠାରେ ୩,୮୫,୦୦୦ ଘନଫୁଟ, ବାରମୁଲଠାରେ ୧,୩୨,୨୫୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୩୨,୬୦୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ । ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୪୧.୭୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୬୬.୨୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ ।

## ବ୍ରହ୍ମପୁରରୁ ସୁରତ୍‌କୁ ଗଡ଼ିବ ଅମୃତ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର,୨୪।୯ (ସମିସ): ଓଡିଶାରୁ ଗୁଜରାଟକୁ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍ । ଏହି ଟ୍ରେନ୍ ବ୍ରହ୍ମପୁରରୁ ସୁରତ୍ ପର୍ଯ୍ୟନ୍ତ ଯିବ । ଉଦଘାଟନୀ ଟ୍ରେନ୍‌କୁ ବ୍ରହ୍ମପୁର ରେଳ ଷ୍ଟେସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ାରୁ ସେପ୍ଟେମ୍ବର ୨୭ (ଶନିବାର)ରେ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ଟ୍ରେନ୍ ବିଜୟନଗରମ୍-ରାୟଗଡା-ଟିଟିଲାଗଡ଼-ରାୟପୁର-ନାଗପୁର-ଭୁସାୱାଲ ଦେଇ ପ୍ରମୁଖ ସହର ଏବଂ ନଗର ଗୁଡିକୁ ସଂଯୋଗ କରିବ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଏକାଧିକ ପ୍ରମୁଖ ଜିଲ୍ଲାକୁ ଏହି ଟ୍ରେନ୍ ସଂଯୋଗ କରିବ । ବ୍ରହ୍ମପୁର ଏବଂ ସୁରଟ (ଉଧନା) ମଧ୍ୟରେ ଚାଲିବାକୁ ଥିବା ଏହି ଅମୃତ ଭାରତ ଏକ୍ସପ୍ରେସ୍ ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି, ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ । ଅମୃତ ଭାରତ ଟ୍ରେନ୍ ସେବା ଆଧୁନିକ ଏଲଏଚବି କୋଚ୍, ଉନ୍ନତ ଆସନ ବ୍ୟବସ୍ଥା ଏବଂ ଆଧୁନିକ ଅନବୋର୍ଡ ସୁବିଧା ମାଧ୍ୟମରେ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ । ଏହା ବ୍ୟତୀତ, ଏହି ଟ୍ରେନ୍ ଯାତ୍ରା ସମୟ ହ୍ରାସ କରି ଏବଂ ଏକାଧିକ ଟ୍ରେନ୍ ବଦଳାଇବାର ଆବଶ୍ୟକତାକୁ ଦୂର କରି ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧାକୁ ବୃଦ୍ଧି କରିବ । ଟ୍ରେନ୍ ନଂ. ୦୯୦୨୨ ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ ଶନିବାର ୧୨ଟାରେ ବ୍ରହ୍ମପୁରରୁ ଛାଡ଼ି ପରଦିନ ଅର୍ଥାତ ରବିବାର ରାତି ୯ଟା ସମୟରେ ଉଧନାରେ ପହଞ୍ଚିବ । ଏହି ଟ୍ରେନ୍ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେସନରେ ରହଣି କରିବ ।

## ହାଇୱା ଧକ୍କାରେ ୩ ଯୁବକ ମୃତ

ସାନଖେମୁଣ୍ଡି,୨୪।୯ (ସମିସ): ଆସିକା-ଦିଗପହଣ୍ଡି ଜାତୀୟ ରାଜପଥ ୩୨୬ ନମ୍ବର ପାଟପୁର ଥାନା ମହାନଲା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଶେରଗଡ଼ରୁ ପାଇପ୍ କାମ ସାରି ବାଇକ୍‌ରେ ଫେରୁଥିବା ୩ ଜଣ ଯୁବକଙ୍କୁ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଦିଗପହଣ୍ଡି ପନ୍ଦରାସାହିର କାଳିଆ ବେହେରା ଓ ଦିଗପହଣ୍ଡି ଅଞ୍ଚଳ ସାହିର ଅଶ୍ୱିନୀ କୁମାର ଦୋରା ଓ ବାଳକୃଷ୍ଣ ରେଡ୍ଡି । ପ୍ରକାଶ ଯେ, କାଳିଆ, ବାଳକୃଷ୍ଣ ଓ ଅଶ୍ୱିନୀ ଶେରଗଡ଼ରେ ଏକ ପାଣି ପାଇପ୍ କାମ ସାରି ବିଳମ୍ବିତ ସନ୍ଧ୍ୟାରେ ଗୋଟିଏ ବାଇକ୍‌ରେ ଫେରୁଥିଲେ । ଦିଗପହଣ୍ଡିରୁ ପାଟପୁର ଅଭିମୁଖେ ଯାଉଥିବା ବେଳେ ଏକ ହାଇୱା (ଓଡ଼ି୦୫ଏଫ୍-୯୦୦୧) ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ହାଇୱାଟି ବାଇକ୍‌କୁ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ ପରେ ଏକ ବିଲ ଭିତରକୁ ପଶିଯାଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲା । ପାଟପୁର ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଭ୍ୟାନ୍‌ରେ ମୃତକଙ୍କୁ ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ପୁଲିସ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି ।

**ପାୱରଗ୍ରିଡ POWERGRID**

**ନୋଟିସ**

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା - XXX (ERES-XXX)" ଅନ୍ତର୍ଗତ ସମ୍ପତ୍ତି ପାଇଁ ମାପ ଶୁଳ୍କ ନିର୍ଣ୍ଣୟ ପାଇଁ ଅନୁରୋଧ, ପୂର୍ବ ଅଞ୍ଚଳ ରେ ଏଲେକ୍ଟ୍ରିସିଟି ଆକ୍ଟ, 2003 ର ସେକ୍ସନ 62 ସହିତ ସେକ୍ସନ 79 (1) (d) ଅନୁସାରେ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ (ବ୍ୟବସାୟ ଚାଳନା ସମ୍ପର୍କିତ) ନିୟମାବଳୀ, 2023 ର ସେକ୍ସନ 15 (1) (a) ଓ ସେକ୍ସନ 23 ଅନୁସାରେ, ସହିତ କେନ୍ଦ୍ରୀୟ ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ (ମାପ ଶୁଳ୍କ ନିୟମ ଓ ସର୍ତ୍ତ) ନିୟମାବଳୀ 2024 ପଢ଼ିବା ସହିତ ।

୨. ପୂର୍ବ ଅଞ୍ଚଳ ରେ ଉପରୋକ୍ତ ଟ୍ରାନ୍ସମିଶନ୍ ସିଷ୍ଟମ୍‌ର ଲାଭାର୍ଥୀ: i) ବିହାର ରାଜ୍ୟ ଶକ୍ତି (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମ ବଙ୍ଗ ରାଜ୍ୟ ଇଲେକ୍ଟ୍ରିସିଟି ବିତରଣ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍, iv) ଡାମୋଦାର୍ ଭ୍ୟାଲି କର୍ପୋରେସନ୍, v) ପାୱାର୍ ବିଭାଗ, ସିକିମ୍ ସରକାର, vi) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍ ।

୩. ଅନୁମୋଦିତ ପୁଞ୍ଜୀ ଖର୍ଚ୍ଚ (ରୁ. ଲକ୍ଷରେ), ବ୍ୟବସାୟିକ କାର୍ଯ୍ୟାରମ୍ଭ ତାରିଖ ଓ ମୋଟ ଅନୁମାନିତ ପୁଞ୍ଜୀ ଖର୍ଚ୍ଚ (ରୁ. ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset-1 | 1125.00 | 21.06.2025 | 1704.48 |

୪. ଟାରିଫ୍ ବିବରଣୀ:

କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset-1 | 0 | 194.14 | 279.25 | 295.10 | 292.25 |

୫. ଏହି ସୂଚନାର ଏକ ପ୍ରତି ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ ହୋଇଥିବା ଆବେଦନର ଏକ ନକଲ ଆବେଦକଙ୍କର ୱେବସାଇଟ୍ www.powergrid.in ରେ ଅପଲୋଡ୍ କରାଯାଇଛି ।

୬. ଟାରିଫ୍ ନିର୍ଣ୍ଣୟ ପାଇଁ ପ୍ରସ୍ତାବଗୁଡ଼ିକ ବାବଦରେ କୌଣସି ପ୍ରସ୍ତାବ କିମ୍ବା ଆପତ୍ତି ଥିଲେ, ସେଗୁଡ଼ିକୁ କୌଣସି ବ୍ୟକ୍ତି (ଲାଭଭୋଗୀଙ୍କୁ ସହିତ) ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ୬, ୭ ଏବଂ ୮ମ ତଳ, ଟାୱର-ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନରୋଜି ନଗର, ନୂଆଦିଲ୍ଲୀ - ୧୧୦୦୨୯ (କିମ୍ବା ଆୟୋଗ କାର୍ଯ୍ୟାଳୟର ଅନ୍ୟାନ୍ୟ ଠିକଣାରେ) ୩୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ ଏବଂ ଏହାର ଏକ ନକଲ ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ପଠାଇବାକୁ ପଡିବ ।

ସ୍ଥାନ: ଗୁରୁଗ୍ରାମ — ସ୍ୱା/-

ତାରିଖ: ୨୫.୦୯.୨୦୨୫ — ସାଧାରଣ ପ୍ରବନ୍ଧକ (ବ୍ୟବସାୟିକ)

**POWER GRID CORPORATION OF INDIA LTD**
(A Government of India Enterprise)
Reg. Office : B-9, Qutab Institutational Area, Katwaria Sarai, New Delhi-110 016
Corp. Office : "Saudamini", Plot No. 2, Sector-29, Gurugram-122001, (Haryana)
www.powergrid.in, CIN : L40101DL1989GOI038121
**A Maharatna PSU**

PG/CC/NIT-41/Ad-51/25-26 Paramin

GOVERNMENT OF ODISHA — B-565

OFFICE OF THE SUPERINTENDING ENGINEER GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]

**TENDER CALL NOTICE**

**Bid Identification No. SC (R&B)-GM-II-15/2025-26 No.8368 Dated.16.09.2025**

1) The Superintending Engineer, Ganjam [R&B] Division No. II, Berhampur on behalf of Governor of Odisha invites percentage **rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of work : 09 Nos.
4) Tender Cost : Rs.6,000/-
5) Class of Contractor : Authorized dealer / Distributor (specialized agency for fire work must with MOU with ELBO) Electrical Contractor
6) Availability of bid documents : From 23.09.2025 10.00 AM to 10.10.2025 4.00 P.M. in the website
7) Date of opening of Bid : 13.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0032/2526

यूनियन बैंक ऑफ इंडिया Union Bank of India — ଭାରତ ସରକାର କା ଉପକ୍ରମ / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେଓଗଡ଼ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଦେଓଗଡ଼ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସୁଦାମ କୁମାର ପ୍ରଧାନ, ପିତା: ବଙ୍ଗାଳୀ ପ୍ରଧାନ, ୨) ଶ୍ରୀମତୀ ସୁମିତ୍ରା ସାମଲ, ସ୍ୱାମୀ: ଶ୍ରୀ ସୁଦାମ କୁମାର ପ୍ରଧାନ, ୩) ଶ୍ରୀ ବଙ୍ଗାଳୀ ପ୍ରଧାନ, ପିତା: ହରିହର ପ୍ରଧାନ, ସମସ୍ତଙ୍କ ଠିକଣା ସା: ଭୁକାବେଡ଼ା, ଟାଇଁସର, ଦେଓଗଡ଼ - ୭୬୮୧୦୮ | ତା.୦୮.୦୪.୨୦୨୫ ସୁଦ୍ଧା ଟ.୪,୪୪,୫୯୨.୮୯ + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୦୮.୦୪.୨୦୨୫ / ୨୨.୦୯.୨୦୨୫ | ଶ୍ରୀ ବଙ୍ଗାଳୀ ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୩୬, ପ୍ଲଟ୍ ନଂ.: ୨୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର ୦.୦୮ ଡିସିମିଲି, ପ୍ଲଟ୍ ନଂ.: ୨୬୯, କ୍ଷେତ୍ର: ଏକର୦.୦୮ ଡିସିମିଲି, ପ୍ଲଟ୍ ନଂ.: ୨୭୦, କ୍ଷେତ୍ର: ଏକର୦.୧୪ ଡିସିମିଲି, ପ୍ଲଟ୍ ନଂ.: ୩୦୮, କ୍ଷେତ୍ର: ଏକର୦.୦୬ ଡିସିମିଲି, ପ୍ଲଟ୍ ନଂ.: ୩୧୦, କ୍ଷେତ୍ର: ଏକର୦.୦୫ ଡିସିମିଲି, ପ୍ଲଟ୍ ନଂ.: ୩୧୧, କ୍ଷେତ୍ର: ଏକର୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୧୨, କ୍ଷେତ୍ର: ଏକର ୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୨୪, କ୍ଷେତ୍ର: ଏକର୦.୦୪ ଡିସିମିଲି, ପରିମିତ **ସମୁଦାୟ କ୍ଷେତ୍ର: ଏକର ୦.୫୧ ଡିସିମିଲି,** କିସମ: ଘରବାରୀ, ଥାନା ନଂ.: ୧୬୦, ମୌଜା: ଭୁକାବେଡ଼ା, ଜିଲ୍ଲା: ଦେଓଗଡ଼, ଓଡ଼ିଶା - ୭୬୮୧୦୮, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ରମେଶ ପ୍ରଧାନ, ପୂର୍ବ: ହେମନ୍ତ ପ୍ରଧାନ, ପଶ୍ଚିମ: ରାସ୍ତା |

**ସ୍ଥାନ: ସମ୍ବଲପୁର, ତାରିଖ: ୨୪.୦୯.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**AFFIDAVIT**

By virtue of an Affidavit vide No-02/23.09.2025 before the executive Magistrate, Tigiria I Rukaya Bibi W/o Harun Khan resident of Vill-Karadapalli, Po/Ps-Tigiria, Dist-Cuttack declare that I have changed my name from Rokia Bibi to Rukaya Bibi. Henceforth I shall be known as **Rukaya Bibi** for all purpose.

**AFFIDAVIT**

By virtue of an affidavit before the Executive Magistrate, Badamba on Dt. 13/08/2025 I Sumanta Kumar Sahoo S/o-Narasingha Sahoo Village-Biswambarpur, Po/Ps-Badamba, Dist-Cuttack declare that I have changed my name Banamali Sahoo to Sumanta Kumar Sahoo. Henceforth I will known as **Sumanta Kumar Sahoo** for all purposes.

**AFFIDAVIT**

I, Md Parvez Alam, S/o-Mohammad Zafar Alam, resident of Plot No- 41, Sri Chandan Colony, At/Ps-Badagada, Po- Badagada Brit Colony, Bhubaneswar-751018, Odisha declare by this affidavit No. 32211, date-23/09/2025, that now onwards, I shall be known as **PARVEZ ALAM** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/09/2025, I, **Nila Barik** (new name), formerly called as Lilabati Barik (old name), W/o- Karuna Barik, permanent resident of At-Junani, PO- Badi, PS- Khariar, Dist-Nuapada, (Odisha), PIN- 766107 now residing at the same place affirm that I have changed my name from **Lilabati Barik** (old name) to **Nila Barik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Nila Barik** (new name).

**Nila Barik**

**AFFIDAVIT**

I, Gita Patnaik, w/o - Prafulla Kumar Pattanayak, resident of Plot No. 49, Krishna Niwas, Rasulgarh, New Colony, Bhubaneswar, PO: Rasulgarh, Dist: Khorda, Pin: 751010, Odisha declare by the affidavit No. 528 dtd. - 20/09/2025 that now onwards I shall be known as **GITA PATTANAYAK** for all future purposes.

**AFFIDAVIT**

I, Prafula Kumar Patnaik, S/o - Late Natabar Pattanayak, resident of Plot No. 49, Krishna Niwas, Rasulgarh, New Colony, Bhubaneswar, PO: Rasulgarh, Dist: Khorda, Pin: 751010, Odisha declare by the affidavit No. 527 dtd. - 20/09/2025 that now onwards I shall be known as **PRAFULLA KUMAR PATTANAYAK** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, **I, Rajesh Kumar Behera**, S/o.: Karunakar Behera, At: Talugu Basti, Sahid Nagar, PO./P.S.: Sahid Nagar, Bhubaneswar, Dist.: Khurda, Odisha, PIN-751007 have changed my name from Rajesh Kumar Das to **Rajesh Kumar Behera**. Henceforth I shall be known as **Rajesh Kumar Behera**, for all future purposes.

**PUBLIC NOTICE**

It is for general information, I **TANKALA DHANESWAR**, S/o Tankala Laxmi Narayan R/o Qtr. No. C/533, Koel Nagar, Near Jhirpani Police Station, Sector-C Block, Raurkela, (M), Sundergarh, Rourkela-14, Odisha, 769014 declare that name of mine and my father has been wrongly written as **T DHANESWAR** and **T LAXMI NARAYAN** in my service records. The actual name of mine and my father are **TANKALA DHANESWAR** and **TANKALA LAXMI NARAYAN** respectively which may be amended accordingly.

Sd- **TANKALA DHANESWAR**


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Banbash Choudhury S/o Late Krushna Chandra Choudhury, Resident of Deulasahi, New Colony, SBI Lane, Shelter Chhak, PO-Tulasipur, Dist-Cuttack, PIN-753008, Odisha declare by this affidavit No.8324 dtd 23.09.2025 that now onwards I shall be known as **BANABASH CHOUDHURY** for all future purposes.

**AFFIDAVIT**

I, Satrughanu Sahoo S/o Late Gangadhar Sahoo, Resident of At/Po-Kiajhar, PS-Tomka, Dist-Jajpur, PIN-755019, Odisha declare by this affidavit No.384 dtd 24.09.2025 that now onwards I shall be known as **SATRUGHAN SAHOO** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nandapur dated 24/09/2025 I Rita Kamudi, D/o-Sudharsan Kamudi, W/o- Sunil Kumar Sarsang resident of Vill.- Rasaput, Po.- Kularsingh, Ps.- Padwa, Dist.- Koraput, Odisha, Pin- 764038 declare that I have changed my name from **Nirmal Kamudi** to **Rita Kamudi.** Henceforth, I shall be known as **Rita Kamudi** for all purposes.

Sd/- **Rita Kamudi**

**AFFIDAVIT**

I, Saikh Abdul Hakim, aged about 79 years, S/o- Rostam Ali, resident of Santa Sahi, PO-Tarakote, PS- Korei, Dist- Jajpur, PIN-755025, Odisha declared by this affidavit SL No. 1977, dtd-24/09/2025 that now onwards I shall be known as **SK ABDUL HAKIM** for all future purposes.


**SALE**

TATA YODHA CREW CAB, Model - 2023, Registration No-OD-04-T-8204, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days


**AFFIDAVIT**

I, Mohammad Alam, S/o-Mahammad Suleman, resident of Village-Alinagar, Champua, PO/PS- Champua, Dist-Keonjhar, Odisha, PIN-758041 declared by this affidavit CF No. 5637, dtd- 22/09/2025 that now onwards I shall be known as **MAHAMMAD ALAM** for all future purposes.

**AFFIDAVIT**

I, Krishna Paspuredy, S/o- Late Sahadeb Paspureddy, resident of At-Landahati, Po-Lalusahi, Ps- Gurandi, Dist- Gajapati, Pin-761212, Odisha declared by this affidavit No. A/119, dtd- 23/09/2025 that now onwards I shall be known as **KRISHNA PASPUREDDY** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dated- 20/09/2025. I, **Binodini Ray**, W/o Sudhir Chandra Ray, resident of Plot No. 833, Biradar Sahi, Near Shiv Temple, Patia, PO- Patia, PS-Chandra-sekharpur, Bhubaneswar, Dist-Khordha, Odisha declare that, after marriage with Sudhir Chandra Ray I have changed my name / surname from **Binodini Singhsamanta** to **Binodini Ray.** Henceforth, I shall be known as **Binodini Ray** for all future purposes.

**AFFIDAVIT**

By virtue of an affidavit No. 5661 sworn before the Executive Magistrate, Champua dated- 23/09/2025, I **Bikash Mahanta**, resident of Vill/P.o - Uchabali, Ps- Baria, Dist- Keonjhar, Odisha, Pin-758044 declare that I have changed my name from **Bhagiratha Mohanta** to **Bikash Mahanta.** Henceforth I shall be known as **Bikash Mahanta** for all future purposes.

**Bikash Mahanta**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 24/09/2025. I, **Ananga Bag** (Applicant name), Son of Shankara Bag, Permanent resident of At-Dejuri, PO- Naren, PS- Titilagarh, Dist- Balangir, (Odisha), PIN-767066, now residing at the same place affirm that I have changed my minor daughter's name from **Neha Bag** (old name) to **Niharika Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Niharika Bag** (new name).

**Ananga Bag**

**AFFIDAVIT**

I, Dharyadhar Adjuad, S/o- Ananda Adjuad, resident of At-Jagua, Po-Jagua, Titlagarh, Dist- Balangir, Pin-767066, Odisha declared by this affidavit No. 02, dtd- 18/08/2025 that now onwards I shall be known as **DHAIRYADHAR ADJUAD** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/09/2025. I, **Surjyakanti Routray** (new name), formerly called as Surjyakanti Barik (old name), D/o-Krushna Kumar Routray, permanent resident of At- Junani, PO- Badi, PS- Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Surjyakanti Barik** (old name) to **Surjyakanti Routray** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Surjyakanti Routray** (new name).

**Surjyakanti Routray**

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ମାଲକାନଗିରି,୨୪।୯(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଡାରୱିନ୍ ମେମୋରିଆଲ୍ ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍ ୧ ପକ୍ଷରୁ ୧୭ ତାରିଖରୁ ଦଣ୍ଡଶେନାଗୁଡାରେ ଆୟୋଜିତ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିରର ସମାପନୀ ସଭା ଆୟୋଜିତ ହୋଇଯାଇଛି। ସଭାରେ ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଓଡ଼ିଆ ଆଧ୍ୟାପିକା ସଞ୍ଜିତା ଖୋସଲା, ଶିକ୍ଷା ଆଧ୍ୟାପିକା ଶ୍ରୀଦେବୀ ପରିଡାଙ୍କ ସହ ୫୩ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଓ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ସଭାରେ ବିଭିନ୍ନ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନା ଶିବିର ହୋଇଥିଲା। ୭ ଦିନ ମଧ୍ୟରେ ସ୍ୱେଚ୍ଛାସେବୀମାନେ ପୋଷ୍ୟ ଗ୍ରାମ ଦଣ୍ଡସେନାଗୁଡା ଠାରେ ଚାରାରୋପଣ, ସ୍ୱେଚ୍ଛ ଭାରତ ଅଭିଯାନ, ମେଲେରିଆ ଏବଂ ଡେଙ୍ଗୁର ନିରାକରଣ, ଶିଶୁ ଶ୍ରମ ନିରାକରଣ, ବାଲ୍ୟ ବିବାହ ଏବଂ କମ ବୟସରେ ବିବାହକୁ ବିରୋଧ, ଗ୍ରାମ ସର୍ଭେ , ଗ୍ରାମର ଅଭାବ ଏବଂ ଅସୁବିଧା ଉପରେ ସଚେତନ କାର୍ଯ୍ୟକ୍ରମ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ମାନଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରମାଣପତ୍ର ପତ୍ର ପ୍ରଦାନ କରଯାଇଥିଲା।

## ମାଁ ଖଲିଗଢ଼େନଙ୍କ ଦଶହରା ପୂଜା ଉତ୍ସବ

ଚନ୍ଦାହାଣ୍ଡି,୨୪।୯(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ତେନ୍ତୁଳିପଡା ଗ୍ରାମରେ ପାନାବେଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ଖଲିଗଢ଼େନଙ୍କ ଦଶହରା ପୂଜା ଉତ୍ସବ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ପାନାବେଡା ପୂଜାରୀ ସଂଘ ସଭାପତି ହର ପୂଜାରୀଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ମା ଖଲିଗଡେନଙ୍କ ଉତ୍ପତ୍ତି ସ୍ଥଳ ବିରାଟକାୟ ପଥର ଚଟାଣ ସ୍ଥାନରେ ଅଞ୍ଚଳର ପୂଜାରୀ ସମୂହ ଦ୍ୱାରା ପୂଜା ସମ୍ପାଦିତ ହେବା ପରେ ଗ୍ରାମରେ ଅବସ୍ଥିତ ମନ୍ଦିର ଠାରେ ପୂଜାର୍ଚ୍ଚନା ସହ ସାମୂହିକ ଭାବେ ଏକ ବୈଠକ ଅନୁଷ୍ଠିତ ହୋଇଥିଲ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଥିଲେ। ଅଞ୍ଚଳର ସମସ୍ତ ପୂଜାରୀଙ୍କ ସହ ହଜାରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ନାଟକ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଆରମ୍ଭରୁ ଶେଷପର୍ଯ୍ୟନ୍ତ ବାସୁଦେବ ସୁନା ଏବଂ ଅକାଲୁ ଜାନି ପରିଚାଳନା କରିଥିବାବେଳେ ଶ୍ୟାମଘନ ବେମାଲ, ଧୀରନ୍ଦ୍ର ଜଗତ,ଭୁବନ ସୁନା, ଲାବଣ୍ୟ ହରପାଳଙ୍କ ସମେତ ତେନ୍ତୁଳିପଡା, ବଡମୁଣ୍ଡା, ବରିଗୁଡା ଏବଂ ପଳସା ପଡା ଗ୍ରାମବାସୀ ସହଯୋଗ କରିଥିଲେ। ପୂଜାରୀ ସଂଘ ସମ୍ପାଦକ ତଥା ଧୋଡ଼ିପାଣି ସରପଞ୍ଚ ଦୁଲବ ପୂଜାରୀ, ଗୌରହରି ନାୟକ, ଜମାଦାରପଡା ସରପଞ୍ଚ କୃଷ୍ଣ ଜାନି, ସନ୍ତୋଷ ଜଗତ, ଡମ୍ବରୁ ପାତ୍ର, ବଳରାମ ପଟ୍ଟନାୟକ, ପ୍ରଶାନ୍ତ ପାରି ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ମା'ଙ୍କ କୃପାଲାଭ କରିଥିଲେ।

## ବନଦୁର୍ଗା ମନ୍ଦିରରେ ଭକ୍ତଙ୍କ ଭିଡ଼

ଉମରକୋଟ,୨୪।୯ (ସମିସ) ଆଜି ମା'ଙ୍କ ଷୋଡ଼ଶ ଉପଚାର ପୂଜାର ଦଶମ ଦିନ ଏବଂ ନବରାତ୍ରୀର ଦ୍ୱିତୀୟ ଦିନ। ଏଥିପାଇଁ ଉମରକୋଟ ସହରରେ ଥିବା ବନ ଦୁର୍ଗା ମନ୍ଦିରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଶାନ୍ତି ଶୃଙ୍ଖଳାରେ ମା'ଙ୍କ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ନବରାତ୍ରୀ ପାଇଁ ବନ ଦୁର୍ଗା ମା'ଙ୍କ ମନ୍ଦିର ରେ ଲାଗିଛି ଭକ୍ତଙ୍କ ଗହଳି। ଏଠାରେ ୯ ଦିନ ବ୍ୟାପି ସପ୍ତସତୀ ଚଣ୍ଡି ମହାଯଜ୍ଞ ହୋଇଥାଏ। ପୂଜାବିଧି ଓ ରୀତିନୀତି ଅନୁସାରେ ପ୍ରତିଦିନ ଚାଲିଛି ମା'ଙ୍କ ପୂଜା। ଶାରଦୀୟ ଦୁର୍ଗାପୂଜାରେ ଶହ ଶହ ଭକ୍ତ ଓ ମାନସିକଧାରୀମାନେ ମା'ଙ୍କ ମନ୍ଦିରକୁ ଛୁଟି ଆସିଥା'ନ୍ତି। ନବରାତ୍ରି ପୂଜା ଅବସରରେ ମା'ଙ୍କ ପୀଠ ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଭକ୍ତଙ୍କ କହିବା ଅନୁସାରେ ମା'ଙ୍କ ପାଖକୁ ଯିଏ ଆସେ, କେହି ଖାଲି ହାତରେ ଫେରେନାହିଁ। ମନ୍ତ୍ରପାଠ ଓ ଚଣ୍ଡୀପାଠରେ ପ୍ରକମ୍ପିତ ହେଉଛି ପୂରା ପରିବେଶ। ଯଥା ରୀତିନୀତି ଅନୁଯାଇ ମା'ଙ୍କ ପୂଜା ଚାଲିଛି। ସେପଟେ ପରମ୍ପରା ଅନୁସାରେ ବିଜୟା ଦଶମୀରେ ଘଟ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଓ ଦର୍ଶନକୁ ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

■ ମଧ୍ୟାହ୍ନଭୋଜନ ପ୍ରଦାନରେ ଅନିୟମିତତା ଘଟଣା

## ତଦନ୍ତ କଲେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ

କାକିରିଗୁମ୍ମା,୨୪।୯(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ତୁନୁପାର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଅନିୟମିତତା ଘଟଣା ଗଣମାଧ୍ୟମ ଜରିଆରେ ଅଭିଯୋଗ ପରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଠାରୁ ନିର୍ଦ୍ଦେଶ ପାଇ ଲକ୍ଷ୍ମୀପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଟାକ୍ରି ତୁନୁପାର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଚଳିତ ମାସରେ ଅଧିକାଂଶ ଦିନ ଅପରାହ୍ଣ ସାଢେ ୨ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଥାଳି ଧରି ଭୋକରେ ରହିବା, ଅଣ୍ଡା ତରକାରି ବଦଳରେ ଆଳୁ ଝୋଳ ଏବଂ ସିଝା ଅଣ୍ଡା , ତରକାରୀ ଓ ଡାଲିରେ ପେଜ ମିଶାଇ ଖାଇବାକୁ ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଶ୍ରୀ ଟାକ୍ରୀ ଘଟଣା ସମ୍ପର୍କରେ ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ, ପରିଚାଳନା କମିଟି, ରୋଷେଇ, ଗ୍ରୁପ୍ ମହିଳାମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଭାପତି ତଦନ୍ତ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ।ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନଗ୍ରହଣକରାଯିବବୋଲିଗୋଷ୍ଠୀଶିକ୍ଷାଅଧିକାରୀରୀତାମହାନ୍ତିସୂଚନାଦେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ




କୁନ୍ଦୁରା, ୨୪।୯(ସମିସ): କୁନ୍ଦୁରା ବ୍ଲକ ସଭାଗୃହ ଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମନସ୍ୱିତାଙ୍କ ଅଧକ୍ଷତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୮ ତାରିଖରେ ହେବାକୁ ଥିବା ଏହି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬ ଟି ପ୍ରମୁଖ ବିଭାଗ ର ବିଶେଷଜ୍ଞ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ,ସି ଡି ପି ଓ ଆରତୀ ମହାପାତ୍ର,ଏମପି ଉଚ୍ଚ ଶିକ୍ଷା ପ୍ରତିନିଧି ଅମ୍ବୁ ପାତ୍ର,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ ଗଣେଶ ପ୍ରସାଦ ଦାଶ, ବିଏଲସି ମାଣିକ ପଟ୍ଟନାୟକ, ଆଞ୍ଚଳିକ ମହିଳା ମହାସଂଘ ଉପଦେଷ୍ଟା ଚନ୍ଦ୍ର ସଗରିଆ, ଯୋଗାଣ ନିରୀକ୍ଷକ ମୁରଲୀଧର ହେସା, ସୁନ୍ଦର ମାଳି ପ୍ରମୁଖ ଯୋଗ ଦେଇଥିଲେ।

## ରାୟଗଡ଼ା ଜିଲ୍ଲାରେ ୨୨୯୨୬୭ ହେକ୍ଟର ଜଙ୍ଗଲ

# ୬ଟି ବନାଞ୍ଚଳରେ ରହିଛି ଅତି ବୟସ୍କ ଗଛ

ରାୟଗଡ଼ା,୨୪।୯(ସମିସ): ରାୟଗଡ଼ା ଏକ ସ୍ୱତନ୍ତ୍ର ବନଖଣ୍ଡ ରୂପେ ୧୯୫୭ ମସିହା ନଭେମ୍ବର ୧୫ ତାରିଖରେ ଘୋଷଣା ହୋଇଥିଲା। ଜିଲ୍ଲା ଗଠନ ପରେ ଗତ ୨୦୦୩ ମସିହା ଅଗଷ୍ଟ ୮ ତାରିଖରେ ରାୟଗଡ଼ା ବନଖଣ୍ଡ ଦୁଇ ଭାଗରେ ବିଭକ୍ତ ହୋଇ ରାୟଗଡ଼ା ଓ କୋରାପୁଟ ବନଖଣ୍ଡ ରୂପେ ଗଠିତ ହୋଇଥିଲା। ବିଭାଜନ ପୂର୍ବରୁ ବନଖଣ୍ଡରେ ୩୦୬୭୨୭.୭୯୬୧ହେକ୍ଟର ପରିମାଣର ଜଙ୍ଗଲ ଥିଲା। ସେଥିରେ ୧୪୭ଗୋଟି ସଂରକ୍ଷିତ ଜଙ୍ଗଲ, ୨୬୮ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ୫୩ଟି ଡିପିଏଫ ଏବଂ ୧୬୮ଟି ଭିଲେଜ ଫରେଷ୍ଟ ଅର୍ନ୍ତଭୁକ୍ତ ଥିବା ବେଳେ ବର୍ତ୍ତମାନ ରାୟଗଡ଼ା ଜିଲ୍ଲାରେ ୨୨୯୨୬୭.୦୬୫୧ ହେକ୍ଟର ଜଙ୍ଗଲ ରହିଛି। ସେଥିରେ ବର୍ତମାନ ୮୬ଟି ସଂରକ୍ଷିତ ଜଙ୍ଗଲ, ୧୪୯ଗୋଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ,୪୧ଗୋଟି ଡିପିଏଫ ଏବଂ ୮୬ଗୋଟି ଭିଲେଜ ଫରେଷ୍ଟ ରହିଛି ବୋଲି ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି। ରାୟଗଡ଼ା ବିଧାୟକ କାଡ୍ରକା ଅପାଲାସ୍ୱାମୀଙ୍କ



ପ୍ରଶ୍ନର ଉତ୍ତରରେ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଷ ରାମ ସିଂଖୁଟିଆ କହିଛନ୍ତି ଯେ, ଜିଲ୍ଲାର ମୁନିଗୁଡା ବନାଞ୍ଚଳର ଚନ୍ଦ୍ରପୁର ସଂରକ୍ଷିତ ଜଙ୍ଗଲ ,ମରିଚଗୁଡା ସଂରକ୍ଷିତ ଜଙ୍ଗଲ, ବୀଜାପୁର ସଂରକ୍ଷିତ ଜଙ୍ଗଲ, ଗୁଡାରୀ ବନାଞ୍ଚଳର ଲକ୍ଷ୍ମୀପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ଟିକିରି ବନାଞ୍ଚଳର ଲେଲିଗୁମ୍ମା ସଂରକ୍ଷିତ ଜଙ୍ଗଲ, କାଶୀପୁର ବନାଞ୍ଚଳର ସୁଙ୍ଗେର ଡିପିଏଫ ଫରେଷ୍ଟ, ରାୟଗଡ଼ା ବନାଞ୍ଚଳର କୈଳାସକୋଟା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, କଲ୍ୟାଣସିଙ୍ଗପୁର ବନାଞ୍ଚଳର ନାରିଙ୍ଗତଳା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଅତି ବୟସ୍କ ଗଛ ଅଛି । କିନ୍ତୁ ଏହାର ତଥ୍ୟଗତ ପରିମାଣ ବର୍ତମାନ ଉପଲବ୍ଧ ନାହିଁ ବୋଲି ମନ୍ତ୍ରୀ ବିଧାନସଭାରେ କହିଥିଲେ। ସେହିପରି ଫୁଟ୍ ପାଟ୍ରୋଲିଂ ଆରମ୍ଭ କରିବା ସମୟରେ କ୍ଷେତ୍ରୀୟ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପାରା ଷ୍ଟାଫ୍ ଯାଏଁ ଓଏଫଏମ୍‌ଏସ ପୋର୍ଟାଲରେ ସମସ୍ତଙ୍କ ବିବରଣୀ ଅପ୍‌ଲୋଡ କରାଯିବା ଏବଂ ପ୍ରଥମେ ନିଜର ଜିପିଏସ୍ ଫଟୋ ନେବାର ବ୍ୟବସ୍ଥା ଏବଂ ପ୍ରତି ୨୦୦ମିଟର ଦୂରତା ମଧ୍ୟରେ ଜଙ୍ଗଲରେ ଚାଲୁଥିବା ସମୟରେ ନିଜର କିମ୍ବା ଜଙ୍ଗଲ ମଧ୍ୟରେ ଯାହା ନିରୀକ୍ଷଣ କରୁଛନ୍ତି ତାହାର ଜିପିଏସ ଫୋଟୋ ନେବାର ବ୍ୟବସ୍ଥା ବାଧ୍ୟତାମୂଳକ ବୋଲି ମନ୍ତ୍ରୀ ଉତ୍ତରରେ କହିଥିଲେ।

## ଗୁଡାରୀ 'ପ୍ରୟାସ' ପ୍ରକଳ୍ପର କର୍ମଶାଳା

ଗୁଡ଼ାରୀ,୨୪।୯(ସମିସ):

ଗୁଡ଼ାରୀ ନନ୍ଦକିଶୋରୀ କଲ୍ୟାଣ ମଣ୍ଡପରେ ୱାଟରସେଡ୍ ଅର୍ଗାନାଇଜେସନ୍ ଟ୍ରଷ୍ଟ ଦ୍ୱାରା "ପ୍ରୟାସ' ପ୍ରକଳ୍ପର ଗତ ବୁଧବାର ଦିନ ଉଦ୍‌ଘାଟନୀ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାକୁ ଗୁଡ଼ାରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ସରପଞ୍ଚ କର୍ଲାଘାଟି ଗ୍ରାମ ପଞ୍ଚାୟତ କୌଶଲ୍ୟା ମାମ୍ବଲାକା, ସରପଞ୍ଚ ପେଣ୍ଡିଲି ଗ୍ରାମ ପଞ୍ଚାୟତ ରେଣୁକା ଶବର, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡାର ଡା. ସସ୍ମିତା ମହାନ୍ତି, ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର, ରାୟଗଡ଼ା ରାଜୀବ ଟୁଡୁ, ସିଆରସିସି ଢେପାଗୁଡା ଓ ସମ୍ବରଲେଣ୍ଡି ଅନିଲ କୁମାର ବେହେରା ମଞ୍ଚାସୀନ ହୋଇଥିଲେ। ପ୍ରୟାସ ପ୍ରକଳ୍ପ



ପଛୁଆ ଅଞ୍ଚଳର ବିକାଶ ପାଇଁ ମୁଖ୍ୟ ଗୁରୁତ୍ୱ ବହନ କରିବ ବୋଲି ସମସ୍ତ ଅତିଥି ମାନେ ମତ ପ୍ରକାଶ କରିଥିଲେ। ୱାଟରସେଡ୍ ଅର୍ଗାନାଇଜେସନ୍ ଟ୍ରଷ୍ଟର ଆଞ୍ଚଳିକ ପ୍ରବନ୍ଧକ ଗାବ୍ରିଏଲ ଦାସ ଓ ଉପ ପ୍ରବନ୍ଧକ ଶିବ ପ୍ରସାଦ ସାହୁ ଆସନ୍ତା ୪ ବର୍ଷ ପାଇଁ କର୍ଲାଘାଟି ଓ ପେଣ୍ଡିଲି ଗ୍ରାମ ପଞ୍ଚାୟତର ୪୦ ଗ୍ରାମରେ ଜନ୍ ଡିଅର୍ କମ୍ପାନୀ ର ଆର୍ଥିକ ସହାୟତା ରେ ୱାଟରସେଡ୍ ଅର୍ଗାନାଇଜେସନ୍ ଟ୍ରଷ୍ଟ ମାଧ୍ୟମରେ "ପ୍ରୟାସ' ପ୍ରକଳ୍ପରେ ହେବାକୁ ଥିବା ବିକାଶମୁଖୀ କାର୍ଯ୍ୟକ୍ରମ ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ଅଧିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍ଥାର କର୍ମୀ ପ୍ରମିଳା ସାହୁ, ଜଗଦୀଶ ଦାଶ, ଅଜିତ ମାଝୀ, ଟୁକୁ ମନ୍ତ୍ରୀ, ନିଳ ଦାସ, ନିକୁଞ୍ଜ ଭୋଇ, ତନ୍ମୟ ମହାପାତ୍ର, ଅର୍ନେସ ଗମାଙ୍ଗ, ପ୍ରଜୟକ, ଏଲିସାୟ, ଏବନେଜର ଓ ସମାଧାନ ସିଂ ସହଯୋଗ କରିଥିଲେ। ଜ୍ଞାନ ରଞ୍ଜନ ବରାଳ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ। ପ୍ରକଳ୍ପ ପ୍ରବନ୍ଧକ ଅରୁଣ କୁମାର ଖାଡ଼ଙ୍ଗାଙ୍କ ନେତୃତ୍ୱରେ ସୌରାଗୁଡ଼ା ଓ ସମ୍ବରଲେଣ୍ଡି ଠାରେ ଜଳଛାୟା କାର୍ଯ୍ୟର ଉଦ୍‌ଘାଟନ କରାଯାଇଥିଲା। କର୍ମଶାଳାରେ କର୍ଲାଘାଟି ଓ ପେଣ୍ଡିଲି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୧୮୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସୌମ୍ୟରଞ୍ଜନ ପଧାନ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ।

## ବିଶ୍ୱ ଆୟୁର୍ବେଦ ଦିବସ ପାଳିତ

ଜୟପୁର, ୨୪।୯(ସମିସ): ଜୟପୁରସ୍ଥିତ ଯାଦବ ଭବନ ଠାରେ କୋରାପୁଟ ଜିଲା ଆୟୁର୍ବେଦ ବିକାଶ ପରିଷଦର ସମ୍ପାଦକ ପରମେଶ୍ୱର ପାତ୍ରଙ୍କ ଆହ୍ୱାନ କ୍ରମେ ଉପସଭାପତି କ୍ଷେତ୍ରବାସୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୁର୍ବେଦ ଦିବସ ଆଜି ପାଳନ କରାଯାଇଛି। ଏହି ବିଶ୍ୱ ଆୟୁର୍ବେଦ ବିଷୟରେ ଉପସ୍ଥିତ ଡାକ୍ତର ଓ ବୈଦରାଜ ମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଡା. ସିମସନ ସାହୁ, ଡା. ଜିନିଆ ରାଣି ମହାଙ୍କୁଡ, ଡା. ଶ୍ରୀକାନ୍ତ ପାତ୍ର, ବୈଦ ଶିବ କେଶବ ଦାସ, ରାଜେନ୍ଦ୍ର ଜେନା, ପ୍ରଦିପ୍ତ କୁମାର ନାୟକ, ସୁଧିର ରଞ୍ଜନ ରାଉତ, ସୂର୍ଯ୍ୟ ନାରାୟଣ ମିଶ୍ର, ଦୁର୍ଗା ପ୍ରସାଦ ପଣ୍ଡା, ତ୍ରିପତି ସାହୁ, ସୌମ୍ୟ ରଞ୍ଜନ ବେହେରା, ଲିଲୁ ପାତ୍ର, ଜବାହାର ଲାଲ ଜେନା, କୃଷ୍ଣଚନ୍ଦ୍ର ହୋତା, ସତ୍ୟ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା

ନାରାୟଣପାଟଣା,୨୪।୯(ସମିସ): ଆଜି ନାରାୟଣପାଟଣା ବ୍ଲକ ସଭାଗୃହରେ ବିର୍ସା ମୁଣ୍ଡା ଜୟନ୍ତି ଅବସରରେ ଜୟନ୍ତି ଗୌରବ ବର୍ଷ ଅବସରରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମର କର୍ମଶାଳା ଆୟୋଜିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା , ବ୍ଲକ ଉପାଧକ୍ଷା ରିନୁ ଦାସ , ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ଗୀତାଞ୍ଜଳି ମହାରଣା ପ୍ରମୁଖଙ୍କ ଉପସ୍ଥିତରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ମଙ୍ଗଳ ଅଧିକାରୀ ସ୍ୱାଧୀନ ସୌରଭ ବର୍ମନ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରଥମ ପର୍ଯ୍ୟାୟରେ ନାରାୟଣପାଟଣା ବ୍ଲକର ୯ ପଞ୍ଚାୟତର ୨୩ ଗୋଟି ଗାଁକୁ ଚିହ୍ନଟ କରାଯାଇଛି। ଅକ୍ଟୋବର ଦୁଇ ଗାନ୍ଧୀ ଜୟନ୍ତୀରେ ଆୟୋଜିତ ପଲ୍ଲୀ ସଭାରେ ଦୁର୍ଗମ ,ଅବହେଳିତ , ଅପହଞ୍ଚରେ ଥିବା ଗାଁ ବିକାଶ ନେଇ ଖସଡ଼ା ଉପସ୍ଥାପନ କରାଯିବ।

## ନଷ୍ଟ ହେଲା ପୋଚ ଓ ଦେଶୀ ମଦ

କୁନ୍ଦୁରା, ୨୪।୯(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଲିମା ଗ୍ରାମରେ ଅବକାରୀ ବିଭଗର ଚଢ଼ଉ କରି ୧୫ ହଜାର ଲିଟର ପୋଚ ଓ ୧୧ ଶହ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। କୁନ୍ଦୁରା ଥାନା ଏବଂ ବୈପାରୀଗୁଡା ଅବକାରୀ ବିଭାଗ ମିଳିତ ଭାବେ ଲିମା ଗ୍ରାମର କୁଲ୍ଲି ନଦୀ କୂଳରେ ଦେଶୀ ମଦ ପ୍ରସ୍ତୁତ କରୁଥିବା ସ୍ଥାନ ର ଅତର୍କିତ ଭାବେ ଏହି ଚଢ଼ଉ କରିଥିଲେ। ମଦ ପ୍ରସ୍ତୁତ କରାଯାଉଥିବା ଆସବାବ ପତ୍ରକୁ ଜବତ କରାଯାଇଛି ନନ୍ଦପୁର ଅବକାରୀ ଅଧିକାରୀ ଅର୍ଣ୍ଣପୂର୍ଣ୍ଣା ରଥ ଏବଂ କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପଦ୍ମପୁର,୨୪।୯(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ କାଳୀପୂଜା ମଣ୍ଡପ ପଡ଼ିଆରେ ଶ୍ୟାମାକାଳୀ ପୂଜା କମିଟି ସଭାପତି ଗୋଦାବରୀ ରାଉତଙ୍କ ନେତୃତ୍ୱରେ ଶୁଭଖୁଣ୍ଟି ସ୍ଥାପନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୋହିତ ବ୍ରଜ କିଶୋର ତ୍ରିପାଠୀ ଓ ପଞ୍ଚାନନ ରଥ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଟୁକୁନା ପଣ୍ଡା, କୁନା ସାହୁ , ଚେଲପତି, ନେତାଜୀ, ବିଷ୍ଣୁ ରଥ, ବିଦ୍ୟାଧର ଗୌଡ, କୁରସାହୁ, ଧର୍ମା, ଚିତ୍ତ ରଣା, ଗୌର ଗୋବିନ୍ଦ ସାହୁ, ବ୍ରଜ ସୁନ୍ଦର ପାଣିଗ୍ରାହୀ, ବାବୁଲା, ସୁରୀ, ସତ୍ୟ ନାରାୟଣ ବାଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୂଜା ୫ଦିନଧରି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

■ ପଞ୍ଚଡା ସେବାଶ୍ରମରେ ବିବାଦ ଥମୁନି

## ଗୋଟିଏ ବର୍ଷରେ ୬ ଘଟଣା: କାର୍ଯ୍ୟାନୁଷ୍ଠାନ ଶୂନ୍

କାକିରିଗୁମ୍ମା,୨୪।୯(ସମିସ):

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପଞ୍ଚଡା ଅନୁସୂଚିତ ଜନଜାତି ଆଶ୍ରମରେ ପ୍ରଥମ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବାଳକ ବାଳିକା ହଷ୍ଟେଲ ରହିଛି। ଏହି ହଷ୍ଟେଲରେ ୪୦୦ରୁ ଅଧିକ ଛାତ୍ର ଅଧ୍ୟୟନ କରୁଛନ୍ତି। ଆଶ୍ରମରେ ବର୍ତ୍ତମାନ ଅଘଟଣ ସଂଖ୍ୟା ବଢି ଚାଲିଛି। ଗତ ମଙ୍ଗଳବାର ସଂଧ୍ୟାରେ ଆଶ୍ରମରେ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରଙ୍କ ହାତଗୋଡ଼ ବାନ୍ଧି ୪ ଜଣ ସହପାଠୀ ନିସ୍ତୁକ ମାଡ଼ ମାରିଥିଲେ। ତେଣୁ ଏହି ଛାତ୍ର ଅବିଲାସ ସାଉଁତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କାକିରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ପରିବାର ୧୦୮ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କର ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ, ଛାତ୍ର ଅବିଲାସ ସାଉଁତାଙ୍କୁ ୪ ଛାତ୍ର ନିସ୍ତୁକ ମାଡ଼ ମାରିବା ସହିତ ଉକ୍ତ ଘଟଣା ସମ୍ପର୍କରେ ପ୍ରକାଶ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଛାତ୍ର ଜଣଙ୍କ ଭୟରେ ରାସ୍ତା କଡ଼ରେ ଲୁଚିଥିବା ବେଳେ ଏକ ଅଟେ ଚାଳକ ଦେଖି ଛାତ୍ରଙ୍କୁ ଉଦ୍ଧାର କରି ପରିଚୟ ଜାଣିବା ପରେ କାକିରିଗୁମ୍ମା ପହଞ୍ଚାଇଥିଲେ। ସକାଳୁ ଛାତ୍ରଙ୍କ ଅବସ୍ଥା ଗୁରୁତର ହେବାରୁ କାକିରି ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରିଥିଲେ। ସେଠାରୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବିଲାସଙ୍କ ହାତ, ଗୋଡ଼, ମୁହଁ ଓ ପିଠିରେ ଗଭୀର ଆଘାତ ଲାଗିଛି। ଛାତ୍ରଙ୍କ ଅଭିଭାବକ ପ୍ରଧାନ ଶିକ୍ଷକ ସୁନୀଳି କୁମାର ଭୁରୁକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପ୍ରଧାନ ଶିକ୍ଷକ କଥାକୁ ଗୁରୁତ୍ୱ ଦେଇ ନଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ପ୍ରଧାନ ଶିକ୍ଷକ ଘଟଣା ସମ୍ପର୍କରେ ଅବଗତ ହେବାପରେ ଚୁପ୍ ଚାପ୍ ରହିବା ସମସ୍ତଙ୍କୁ ଚକିତ କରିଛି। ଉକ୍ତ ବିଦ୍ୟାଳୟ ଆଶ୍ରମରେ ୨୦୨୪ ମସିହା ସେପ୍ଟେମ୍ବର ୮ ତାରିଖରେ ଠାରୁ ୨୦୨୫ ମସିହା ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଛୋଟ ବଡ଼ ବିଭିନ୍ନ ଅଘଟଣ ଘଟିଥିଲେ ମଧ୍ୟ ଗୋଟିଏ ବି ସମାଧାନ ହୋଇନାହିଁ। ଚଳିତ ମାସ ସେପ୍ଟେମ୍ବର ୧୪ ତାରିଖ ଦିନ ନବମ ଶ୍ରେଣୀରେ ୮ଟି ଛାତ୍ର ଗଣ୍ଡଗୋଳ ହେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ଅଭିଭାବକଙ୍କୁ ପ୍ରକାଶ କଲେ ଟିସି ନେବାକୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଶହ ଶହ ପିଲା ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଜାତୀୟ ସେବା ପ୍ରତିଷ୍ଠା ଦିବସ

ବିଷମ କଟକ,୨୪।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ ୧ ପୁରୁଷ ପକ୍ଷରୁ ଜାତୀୟ ସେବା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟଅଧ୍ୟକ୍ଷ ଡକ୍ଟରଅଶ୍ୱନୀ କୁମାର ପଣ୍ଡା, ଓଡ଼ିଆ ଅଧ୍ୟାପିକା ଦୀପ୍ତିରାଣୀ ମିଶ୍ର , ଅଧ୍ୟାପକ ନିରଞ୍ଜନ ପାଢ଼ୀ , ଅଧ୍ୟାପକ ସୁଧିସାଗର ପରିଚ୍ଛା



ଏନଏସ୍‌ଏସ୍‌ର ପ୍ରତିଷ୍ଠା, ଗୁରୁତ୍ୱ ଓ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। ଜାତୀୟ ସେବା କାର୍ଯ୍ୟକ୍ରମର ଅଧିକାରୀ ବିନନ୍ତ ଡଙ୍ଗ୍ରି ସଭାକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ପକ୍ଷରୁ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ସେମିଳିଗୁଡ଼ା,୨୪।୯ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌରପରିଷଦ ଅନ୍ତର୍ଗତ ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳରେ ବିଭିନ୍ନ ସ୍ଥାନଗୁଡ଼ିକ ପରିଦର୍ଶନ କରି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅଡିଟୋରିୟମ, ଡେଲିମାର୍କେଟ, ଭେଣ୍ଡିଂ ଜୋନ ଆଦି ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅଧୁରା ରହିଥିବା କାର୍ଯ୍ୟ ଗୁଡ଼ିକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ସୁନାବେଡା ପୌର ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଇଏଏସ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ସୁଜିତ କୁମାରଙ୍କ ସମେତ ପୌର ପରିଷଦର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ୯ ସଦସ୍ୟଙ୍କ ପାଇଁ ଝୁମ୍ପୁଡି କୁଡ଼ିଆ ଭରସା

କୋରୁକୋଣ୍ଡା,୨୪।୯(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ଅସହାୟ ଗରିବ ପରିବାରଙ୍କ ପାଇଁ ଚାଉଳରୁ ଆରମ୍ଭ କରି ବିଭିନ୍ନ ଭତ୍ତା ସମେତ ଆବାସ ଯୋଜନାରେ ଘର ଯୋଗାଇ ଦେବା ପର୍ଯ୍ୟନ୍ତ ସମସ୍ତ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସ୍ଥାନୀୟ ଜନପ୍ରତିନିଧି ତଥା ସ୍ଥାନୀୟ ପ୍ରଶାସନର ଉଦାସୀନତା ଯୋଗୁଁ ଯୋଗ୍ୟ ହିତାଧିକାରୀ ସରକାରଙ୍କ ଯୋଜନାରୁ ବଞ୍ଚିତ ହେଉଥିବା ବହୁ ନଜିର ରହିଛି। ଏହାର ପ୍ରମୁଖ ଉଦାହରଣ ହେଉଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପଟ୍ରେଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିରଗୁଡା ଗ୍ରାମ। ଏହି ଗ୍ରାମର ସମାରୀ ପଡିଆମୀ (୫୯)ଙ୍କ ପରିବାର ସମ୍ପୂର୍ଣ୍ଣ



ଅସହାୟ। ଏହି ପରିବାରରେ ୯ ଜଣ ସଦସ୍ୟ ଥିବାବେଳେ ସରକାର ଯୋଜନା କହିଲେ କେବଳ ୧ ଟଙ୍କିଆ ଚାଉଳ। ବାକି ସବୁ ଯୋଜନା ଏହି ପରିବାର ପାଇଁ ବହୁ ଦୂରରେ। ପରିବାରର ବଡ ପୁଅ ବିକଳାଙ୍ଗ ହୋଇଥିବା ବେଳେ ୯ ଜଣ ସଦସ୍ୟଙ୍କ ଭରଣପୋଷଣ ଦାୟିତ୍ୱ କେବଳ ଜଣେ ପୁରୁଷ ହିଁ ସମ୍ଭାଳୁଛନ୍ତି। ବଡ଼ପୁଅ ବିକଳାଙ୍ଗ ହୋଇଥିବା ବେଳେ ପ୍ରମାଣ ପତ୍ର ମିଳିପାରୁ ନଥିବା କାରଣରୁ ବିକଳାଙ୍ଗ ଭତ୍ତାରୁ ମଧ୍ୟ ବଞ୍ଚିଛ ଅଛନ୍ତି। ସେହିପରି ଘର ଖଣ୍ଡିଏ ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା କହିଛନ୍ତି ସମାରୀ। ଶେଷରେ ଭାଗ୍ୟକୁ ଆଦରି ଝୁପୁରୀ କୁଡ଼ିଆରେ ରହୁଛନ୍ତି ୯ ପ୍ରାଣୀ କୁଟୁମ୍ବ । ଦିନରେ ଘର ଭିତରେ ସୂର୍ଯ୍ୟ କିରଣ ପଡୁଥିବା ବେଳେ ରାତିରେ ଚନ୍ଦ୍ରଙ୍କର ଆଲୋକ ପଡୁଛି। ଏଣୁ ଏହି ଗରିବ ପରିବାରଙ୍କ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

## ମିଶନ ଶକ୍ତି କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

ଚନ୍ଦ୍ରପୁର,୨୪।୯(ସମିସ):

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ୮ ଗୋଟି ଗ୍ରାମପଞ୍ଚାୟତର ମିଶନଶକ୍ତିରେ କାର୍ଯ୍ୟ କରୁଥିବା ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର କର୍ମଚାରୀମାନେ ଚନ୍ଦ୍ରପୁର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଆଠଟି ପଞ୍ଚାୟତରେ କାର୍ଯ୍ୟ କରୁଥିବା ସମସ୍ତ କମ୍ୟୁନିଟି ସୋପର୍ଟ କର୍ମଚାରୀ ମାନେ ବିଗତ ୬ମାସ ହେଲା ଦରମା ପାଇନାହାନ୍ତି। ମିଶନ ଶକ୍ତି ମହିଳା ପୁରୁଷ ଦରମା ପାଇବା ପାଇଁ ଏବେ ସଂଘର୍ଷ କରିବା ସହ ବାରମ୍ବାର ସଂପୃକ୍ତ ବିଭାଗକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡିଲେଣି। ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ରାଜ୍ୟ ସରକାର ତାଙ୍କର କୌଣସି କଥାକୁ କର୍ଣ୍ଣପାତ କରୁନାହାନ୍ତି



ବୋଲି ସେମାନେ ଅଭିଯୋଗ କରିଛନ୍ତି। ପରେ ବିଭିନ୍ନ ଦାବି ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟକାନ୍ତ ବଙ୍ଗଳ, ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବ ପରି ସ୍ଥାୟୀ ଦରମା, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ ପେ, ୬ମାସର ବକେୟା ଦରମା, ଦାବି ପତ୍ରରେ ଉଲ୍ଲେଖ ରହିଛି। ସ୍ଥାୟୀ ସମାଧାନ ନହେବାଯାଏ ବ୍ଲକ ସମ୍ମୁଖରୁ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ସଭାପତି ଜ୍ୟୋତିରଞ୍ଜନ ମାଳବିଶଇ, ସଂପାଦକ ନର୍ମଦା ମହାନ୍ତି, ତପସ୍ୱିନି ଦୋରା, ପ୍ରୀତିଲତା ପ୍ରଧାନ, ଅନିତା ମାଝୀ, ଆନନ୍ଦ କୁସୁଲିଆ, ନୂତନ ଦଣ୍ଡସେନା, ଦଟିଲା ପାଟମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଛାତ ଢଳେଇ କାମ ନେଇ ଅସନ୍ତୋଷ

## ଯନ୍ତ୍ରୀଙ୍କ ଅନୁପସ୍ଥିତି, କାର୍ଯ୍ୟର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ?



କୋରୁକୋଣ୍ଡା,୨୪।୯(ସମିସ): ଲଗାଣ ବର୍ଷା ସତ୍ତ୍ୱେ ନୂତନ ନିର୍ମାଣାଧୀନ କୋଠାର ପଡିଲା ସିମେଣ୍ଟ କଂକ୍ରିଟ ଛାତ। ବିନା ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀରେ କାମ ଶେଷ ହେଲା। ବିଦ୍ୟାଳୟ କମିଟି ସଭାପତିଙ୍କ ବିରୋଧ ସତ୍ତ୍ୱେ ମଧ ମାନିଲେନି ଠିକାଦାର। ଏପରି କାର୍ଯ୍ୟ ସମ୍ପର୍କରେ ଅଭିଯୋଗଆସିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିଓ୍ୱାଡା ଆଶ୍ରମ ବିଦ୍ୟାଳୟରେ। ସରକାରଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ମଧ ଉକ୍ତ କୋଠା ନିର୍ମାଣକୁ ନେଇ ସୂଚନା ଫଳକ ବର୍ତ୍ତମାନ ସୁଧା ଲାଗି ନଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ , ନୂତନ କୋଠା ଏହି ବିଦ୍ୟାଳୟରେ ନିର୍ମାଣ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୧ କୋଟି ୬୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ମଙ୍ଗଳବାର ଉକ୍ତ କୋଠାର ଛାତ ଠିକାଦାର ପକାଉଥିଲେ। ଲଗାଣ ବର୍ଷାରେ ଠିକାଦାର ଛାତରେ ସିମେଣ୍ଟ କଂକ୍ରିଟ ଢାଳୁଥିବାର ଦେଖି ବିଦ୍ୟାଳୟ କମିଟି ସଭାପତି ମୁକ୍ତା ପୂଜାରୀଙ୍କ ସମେତ ଗ୍ରାମବାସୀ ବିରୋଧ କରିଥିଲେ। ଠିକାଦାର କାହାରି କଥା ଖାତିର ନ କରି ଦୀର୍ଘ ସମୟ ପର୍ଯ୍ୟନ୍ତ କଂକ୍ରିଟ ଢାଳି ଚାଲିଥିଲା। ଏହି ସମୟରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ ସେଠାରେ ଉପସ୍ଥିତ ନଥିଲେ। ଗ୍ରାମବାସୀ ଏଭଳି କାମ ନ କରିବାକୁ ଠିକାଦାରଙ୍କୁ କହିଥିଲେ ବି ସେ ଶୁଣି ନଥିଲେ। ଏଣୁ କାର୍ଯ୍ୟର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଗାମୀ ଦିନରେ ଛାତ୍ରଛାତ୍ରୀ ପଢୁଥିବା ସମୟରେ ଯଦି କୌଣସି ଦୁର୍ଘଟଣା ଘଟେ ତାହେଲେ ଏଥିପାଇଁ ସମ୍ପୃକ୍ତ ଠିକାଦାର ଦାୟୀ ରହିବେ ବୋଲି ବିଦ୍ୟାଳୟ କମିଟି ସଭାପତି ଶ୍ରୀ ପୂଜାରୀଙ୍କ ସମେତ ଗ୍ରାମବାସୀ କହିଛନ୍ତି।

## ବୋରିଗୁମ୍ମା କଲେଜରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ବୋରିଗୁମ୍ମା, ୨୪।୯(ସମିସ): ବୁଧବାର ବୋରିଗୁମ୍ମା ସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସ୍ୱଦେଶୀ ଜାଗରଣ ମଞ୍ଚର କୋରାପୁଟ ଜିଲ୍ଲା ଯୁବ ପ୍ରମୁଖ ତନ୍ମୟ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବୋରିଗୁମ୍ମା ସହରର ସଫଳ ଯୁବ ଉଦ୍ୟୋଗୀ ଇଞ୍ଜିନିଅର ଜି କ୍ରିଷ୍ଣା ରାଓଙ୍କୁ ଉପଢୌକନ ଦେଇ ମଞ୍ଚ ତରଫରୁ ସମ୍ମାନିତ କରାଯାଇଥିଲା। କ୍ରିଷ୍ଣା ରାଓ ମୋଟା ଅଙ୍କର ଦରମା ପାଇବିଦେଶରେଚାକିରୀକରୁଥିଲେ।ପରେନିଜସ୍ଥାନକୁଫେରିଆସିକାଜୁବାଦାମପ୍ରକ୍ରିୟାକରଣ ସଂସ୍ଥାଗଢିନିଜେଲାଭାନ୍ୱିତହେବାସହପ୍ରାୟତିରିଶିରୁଅଧିକପରିବାରକୁରୋଜଗାରଯୋଗାଇ ଦେଉଛନ୍ତି। ଅଧ୍ୟାପକ ଡ଼ ସୁଧାଂଶୁ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଋଷି ଅଷ୍ଟବକ୍ରଙ୍କ ଜୟନ୍ତୀ ଉତ୍ସବ ପାଳିତ



ନବରଙ୍ଗପୁର ୨୪।୯ (ସମିସ): ନବରଙ୍ଗପୁର ଜିଲ୍ଲା "ସକ୍ଷମ" ତରଫରୁ ସ୍ଥାନୀୟ ବିଦ୍ୟାର୍ଥି କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ଗହଣରେ ଋଷି ଅଷ୍ଟବକ୍ରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ସକ୍ଷମର ଜିଲ୍ଲା ସଭାପତି ସୁଜିତ ରଥ ଦିବ୍ୟାଙ୍ଗ କିଏ ଓ ମହାନ ଋଷି ଅଷ୍ଟବକ୍ରଙ୍କ ଜୀବନି ବିଷୟରେ ଆଲୋକପାତ କରିବା ସହ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ମହିଳା ପ୍ରମୁଖ କିଶୋରୀ ପଟ୍ଟନାୟକ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଜଣେ ଦିବ୍ୟାଙ୍ଗ ହେଲେ ବି ସମାଜ ପାଇଁ ସର୍ବୋତ୍କୃଷ୍ଟ କାର୍ଯ୍ୟ କରି ଅନ୍ୟ ପାଇଁ ଦିଗଦର୍ଶକ ଓ ଅନନ୍ୟ ଉଦାହରଣ ହୋଇପାରିବ ବୋଲି କହିଥିଲେ। ବିଦ୍ୟାର୍ଥି କଲେଜର ଅଧ୍ୟକ୍ଷ ସତ୍ୟନାରାୟଣ ନାୟକ ସକ୍ଷମ ସହିତ ଜଡ଼ିତ ହୋଇ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ଅନେକ ଦିବ୍ୟାଙ୍ଗ ଅବହେଳିତ ହୋଇ ରହିଛନ୍ତି। ସେମାନଙ୍କୁ ଖୋଜିବା ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ସେବା ଯୋଗାଇବାକୁ ଚେଷ୍ଟା କରିବାକୁ ଦିବ୍ୟାଙ୍ଗ ମିତ୍ର ଶ୍ରୀକାନ୍ତ ପଣ୍ଡା ଅନୁଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରମେଶ୍ୱରୀ ପାହାଡି,ପ୍ରୀତିଶ୍ ଚନ୍ଦ୍ର ଉପସ୍ଥିତ ରହିଥିଲେ। ଶେଷରେ କିଶୋରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ରାୟଗଡା,୨୪।୯ (ସମିସ): ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ରକ୍ତଦାନ ଶିବିର ଅଧ୍ୟକ୍ଷା ଡ଼. ସରସ୍ୱତୀ ରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟର, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶଙ୍କର ପେଦୁରୁ, ମୋନାଲିସା ପାଣିଗ୍ରାହୀ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବକ୍ତାମାନେ ରକ୍ତଦାନର ମହତ୍ତ୍ୱଉପରେଆଲୋକପାତକରିଥିଲେ। ଶିବିରରେ୨୫ୟୁନିଟ୍‌ରକ୍ତସଂଗ୍ରହକରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଜି କାଉନସିଲ୍ ଚେୟାରମେନ ପି. ଅରୁଣ କୁମାର, ଅଧ୍ୟାପକ ଶଙ୍କର ପେଦୁରୁ, କିରାଣୀ ସୁମନ୍ତ ବେହେରା ସହିତ ଅନେକ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ଜିଲ୍ଲା ସରକାରୀ ଡାକ୍ତରଖାନା ବ୍ଲଡ଼ ବ୍ୟାଙ୍କ ବିଭାଗରୁ ଡକ୍ଟର ଗୌତମ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଏହାକୁ ସକ୍ରିୟ ଭାବରେ ପରିଚାଳନା କରିଥିଲେ। ଅଧ୍ୟକ୍ଷା ଡ. ରାୟ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ପ୍ରୟାସକୁ ସ୍ୱାଗତ କରି କହିଥିଲେ।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ମାଲକାନଗିରି/କୋରୁକୋଣ୍ଡା,୨୪।୯(ସମିସ): ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଆଜି ଜିଲ୍ଲାପାଳ କୋରକୁଣ୍ଡା ବ୍ଲକ୍ ଅନ୍ତର୍ଗତ ତାର୍ଲାକୋଟା ଗ୍ରାମ ପଞ୍ଚାୟତ ଗସ୍ତ କରି ସେଠାକାର ବାର୍ଷିକ କାର୍ଯ୍ୟ ତଦାରଖ କରିଥିଲେ ଓ ଏହାପରେ ଜିଲ୍ଲାପାଳ ତାର୍ଲାକୋଟା ଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ତାର୍ଲାକୋଟା ଏବଂ ତାର୍ଲାକୋଟା -ବି ଗ୍ରାମର ୮୦ ବର୍ଷରୁ ଅଧିକ ବୟସ୍କ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ କଥା ହୋଇଥିଲେ ଜିଲ୍ଲାପାଳ। ସେଠାରେ ପିଏମ୍ ଜନ୍ ମନ୍ ଯୋଜନା ଅଧୀନରେ ଚାଲିଥିବା ଗୃହ ନିର୍ମାଣ କାର୍ଯ୍ୟ ବୁଲିଦେଖିବା ସହ ଲୋକଙ୍କ ସହ କଥା ହୋଇଥିଲେ। ଏହି ଗସ୍ତ ସମୟରେ କୋରକୁଣ୍ଡା ବିଡିଓ ଅମୂଲ୍ୟ ସାହୁ ଓ ବ୍ଲକର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜେକେପୁରରେ ସ୍ୱାସ୍ଥ୍ୟ ଶିବିର

ଜେକେପୁର,୨୪।୯(ସମିସ):

ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଚାନ୍ଦିଲି ପଞ୍ଚାୟତର ଜେକେପୁର ସ୍ଥିତ ଭେଙ୍କଟଶ୍ୱର କଲ୍ୟାଣ ମଣ୍ଡପରେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ କିଶୋର ପଟ୍ଟନାୟକ, ସଞ୍ଜୁକ୍ତା ବେହେରା, ପ୍ରଭାତ ବେହୁରା ଓ ଡକ୍ଟର ସୁନିଲ ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଡକ୍ଟର ଭୋଗୀ ସନ୍ତୋଷ କୁମାର ଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଦୀପ୍ତ କୁମାର ସୁବୁଦ୍ଧି, ଡିପିଏମ ଲକ୍ଷ୍ମୀଧର ମହାପାତ୍ର, ସିଦ୍ଧାର୍ଥ ଦାସ ଓ ସିଡିପିଓ ମିନତୀ ମିନାକ୍ଷୀ ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏଡିପିଏଚଓ (ଟିବି) ଡକ୍ଟର ପ୍ରଦୀପ୍ତ କୁମାର ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରୀତ ଅତିଥି ଭାବେ ରାୟଗଡା ବିଡିଓ ସୁଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ୭ଜଣ ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଡକ୍ଟର ସ୍ମିତା ରାଣୀ, ମାନସିକ ରୋଗ ବିଶେଷଜ୍ଞ ଡକ୍ଟର ପ୍ରଦୀପ୍ତ କୁମାର ସୁବୁଦ୍ଧି, ଅସ୍ଥିଶଲ୍ୟ ରୋଗ ବିଶେଷଜ୍ଞ ଡକ୍ଟର ଲକ୍ଷ୍ମୀ ନାରାୟଣ ସ୍ୱାମୀ, ଶିଶୁରୋଗ ବିଶେଷଜ୍ଞ ଡକ୍ଟର ଏମ୍ ସୁମନ, ଯକ୍ଷ୍ମା ରୋଗ ବିଶେଷଜ୍ଞ ଡା. ଡିକେ. ଦେବ, ଦନ୍ତ ବିଶେଷଜ୍ଞ ଡା. ରୀତା ରିସିକା ଓ ଚକ୍ଷୁରୋଗ ବିଶେଷଜ୍ଞ ଡା. ସୁରଭି ପ୍ରିୟଦର୍ଶିନୀ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ବିଭିନ୍ନ ରୋଗୀ ମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୫ଟି ଗ୍ରାମପଞ୍ଚାୟତର ଲୋକଙ୍କୁ ନିଃଶୁଳ୍କ ଚିକିତ୍ସା କରାଯାଇଥିଲା। ଜେମାଦେଇପେଣ୍ଠ ସ୍ଥିତ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ର ଆୟୁଷ ଡାକ୍ତରଙ୍କ ଦ୍?ାରା ଉଗ୍ରତାରା ଉଚ୍ଚ ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରିଥିଲେ। ୩୫୨ଜଣ ରୋଗୀ ଉକ୍ତ କ୍ୟାମ୍ପରେ ଚିକିତ୍ସିତ ହୋଇଥିବା ବେଳେ ୧୦୨ଟି ରକ୍ତନମୁନା ସଂଗ୍ରହ କରାଯାଇଥିଲା। ଜେମାଦେଇପେଣ୍ଠ ସିଏଚସି ଆନୁକୂଲ୍ୟରେ ଆଜିର ଏହି ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମରେ ଚାନ୍ଦିଲି, କାର୍ଲାକୋଣା, ପେଣ୍ଟା ଓ କୁମୁଟିପେଟା ଏହି ୪ଟି ପଞ୍ଚାୟତର ଲୋକମାନେ ଚିକିତ୍ସିତ ହୋଇଥିଲେ।

## ଚାଉଳମେନ୍ଦି ପଞ୍ଚାୟତରେ ଆଦି କର୍ମଯୋଗୀ ଅଭିଯାନର ଶୁଭାରମ୍ଭ

ମାଥିଲି,୨୪।୯(ସମିସ):

ଭାରତ ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ଅଧିନରେ ଆଦି ସେବା ପର୍ବ ଅନୁଷ୍ଠିତ ହୋଇଯାଇଛି। ଚାଉଳମେନ୍ଦି ଗ୍ରାମ ପଞ୍ଚାୟତର ଚାଉଳମେନ୍ଦି, ବଣ୍ଡା ମାଝିଗୁଡ। ଓ କଟ୍ରିମା ଝିଗୁଡ଼ା ଗ୍ରାମରେ ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଯାଇଛି। ଚାଉଳମେନ୍ଦି ଗ୍ରାମ ପଞ୍ଚାୟତର ସରପଞ୍ଚ ଜଳନ୍ଧର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତି କର୍ମଶାଳାରେ ଚାଉଳମେନ୍ଦି, ବଣ୍ଡାମାଝିଗୁଡ଼ା ଏବଂ କଟ୍ରିମାଝି ଗୁଡା ଗ୍ରାମର ଉତ୍ସାହୀ ଯୁବକ, ଯୁବତୀ ଯୋଗଦାନ କରି ନିଜ ଗ୍ରାମ ପାଇଁ ସମୃଦ୍ଧିର ସ୍ୱପ୍ନ ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲେ। ଆଦି ସହଯୋଗୀ ଭାବେ ଚାଉଳମେନ୍ଦି ସିଆର୍‌ସିସି ସନ୍ତୋଷ କୁମାର ପୂଜାରୀ, ବନରକ୍ଷୀ ସୁବ୍ରତ କୁମାର ପରିଡ଼ା, ଏସିଡିଇଓ ପ୍ରଭାକର ନାଗୁଲ, ଟ୍ରାନସେକ୍ଟ ପଦଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଗ୍ରାମସ୍ତରୀୟ ଯୋଜନାର ବିଭିନ୍ନ ଦିଗ ସମ୍ବନ୍ଧରେ ଅବଗତ କରାଇଥିଲେ। ଚାଉଳମେନ୍ଦି ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ନବରଙ୍ଗପୁର,୨୪।୯(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ବିଷୟରେ କହିଥିଲେ। ମହାବିଦ୍ୟାଳୟର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ତଥା ନବରଙ୍ଗପୁର ଜିଲ୍ଲା ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ପ୍ରଧାନ, ଓଡ଼ିଆ ବିଭାଗ ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରା ଏ ନେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଯଥା ନୃପେନ୍ଦ୍ର ନାଥ ଖୋସଲା, ତାଇରା ବେଗମ, ଭୁବନ ହରିଜନ, ଅକ୍ଷୟ ନାୟକ, ପଙ୍କଜ ଗରଡ଼ା ପ୍ରମୁଖ ସହଯୋଗ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁନିତା ପାତ୍ର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁନିତା ପାତ୍ରଙ୍କ ଅଭିନବ ପ୍ରୟାସ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର, ୨୪।୯(ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ ଆଜି ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛଇ। ଶିବିରରେ ମଞ୍ଚାସୀନ ଅତିଥି ଭାବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚ୍‌ଓ ଡା.ମମତା ସାହୁ, ଡିପିଏଚ୍‌ଓ ଡା.ମମତା ଚୈଧୁରୀ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକଲ ଅଫିସର ଋତୁପର୍ଣ୍ଣା ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର ବିଡ଼ିଓ କୁରେଶୁ ଜାନୀ, ସାଂସଦ, ସାଂସଦ ପ୍ରତିନିଧି, ନାନାଜୀ ରାଓ, ରବିନାରାୟଣ ଆଚାର୍ଯ୍ୟ, ସୁନୀଲ୍ ଚୌଧୁରୀ, ପ୍ରକାଶ ପାଣିଗ୍ରାହୀ, ହରେକୃଷ୍ଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୪୫୦ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ ପଣ୍ଡା, ଭେଷଜ ବିଶେଷଜ୍ଞ ଡାକ୍ତର ସଂଜୟ ଦାସ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଜୀ ଭି ରାବଣା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଚିକିତ୍ସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି,ବିପିଓ ମନୋଜ କୁମାର ପଣ୍ଡା, ଫାର୍ମାସିଷ୍ଟ ଅଫିସର ମନୋଜ ସୁବୁଦ୍ଧି, ଉଦୟ ଚନ୍ଦ୍ର ଶବର, ସଫିରା ରାଇକାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଅବକାରୀ ବିଭାଗର ଚଢ଼ଉ

ମୁନିଗୁଡ଼ା,୨୪।୯(ସମିସ) ଅବକାରୀ ବିଭାଗର ଚଢଉ କରି ୨୫୦୦ ଲିଟର ମହୁଲ ପୋଚ ସହ ୩୫୦ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରିଛି। ରାୟଗଡ଼ା ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡ଼ା ଅବକାରୀ ଉପ ନିରୀକ୍ଷକ ପଙ୍କଜ କୁମାର ନାୟକ ଏକ ଟିମ୍ ଗଠନ କରି ଦେଶୀ ମଦ ରନ୍ଧା ଯାଉଥିବା ସ୍ଥାନରେ ଚଢ଼ଉ କରିଛନ୍ତି। ଅମ୍ବାଦଳା ଥାନା ଅଧୀନସ୍ଥ ଡିମିରିଗୁଡ଼ା ପଞ୍ଚାୟତ ଗୋଛାପଡ଼ା ଗ୍ରାମ ନାଳ ନିକଟରେ ଦେଶୀ ମଦ ରନ୍ଧା ହେଉଥିବା ସ୍ଥାନରେ ଏହି ଚଢ଼ଉ ହୋଇଥିଲା। ଚଢ଼ଉ ସମୟରେ ଅବକାରୀ ଉପନିରୀକ୍ଷକ ପଙ୍କଜ କୁମାର ନାୟକ, ଛବିରାଜ ତାଣ୍ଡି, ରାମଜାନ ଖାନ, ସୁମନ୍ତ ମାଝି ପ୍ରମୁଖ ଉପସ୍ଥିତରହିଥିବାବେଳେତାଙ୍କସରଡାରେମଧଅବକାରୀବିଭାଗପକ୍ଷରୁଚଢ଼ଉକରାଯାଇଛି।

## ଲଘୁଚାପ ବର୍ଷା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ମାଲକାନଗିରି,୨୪।୯(ସମିସ):

ଜିଲ୍ଲାରେ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ସମସ୍ତ ଛୁଟିକୁ ବାତିଲ କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ସମ୍ଭାବ୍ୟ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଜିଲ୍ଲାପାଳଙ୍କ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡି ପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟିକୁ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ବାତିଲ କରାଯାଇଛି। ନିର୍ଦ୍ଦେଶନାମାକୁ ଅବମାନନା କଲେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

## ସମାଜସେବୀ ବି.ରାଜେଶ ସମ୍ବର୍ଦ୍ଧିତ



ରାୟଗଡ଼ା,୨୪।୯(ସମିସ): ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମରେ ଗତ ରବିବାର ଆୟୋଜିତ ବିଶ୍ୱ ଉତ୍କର୍ଷ ରେକର୍ଡ ଇଂଲଣ୍ଡ ତରଫରୁ ଜାତୀୟ ସମନ୍ୱିତ କଳାକାର ଏବଂ କର୍ମୀ ମଞ୍ଚ (ଏନଆଇଏଫଏଏ) ର ରୌପ୍ୟ ଜୟନ୍ତି ପାଳନ ଅବସରରେ ରାୟଗଡ଼ା ସମାଜସେବୀ ତଥା ଡ଼ଃ ଏପିଜେ ଅବଦୁଲ କଲମ ଫାଉଣ୍ଡେସନ ରାୟଗଡ଼ା ପ୍ରତିଷ୍ଠାତା ବୋଗିଲି ରାଜେଶ କୁମାରଙ୍କୁ ଜାତୀୟ ଯୁବ ସଂପ୍ରଦାୟ ଚାମ୍ପିଆନ ମାନ୍ୟତା ପୁରସ୍କାର ସହିତ ପ୍ରଶଂସା ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ରକ୍ତଦାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଅଧିକ ଲୋକଙ୍କୁ ଆଗକୁ ଆସି ରକ୍ତଦାନ କରିବାକୁ ଉତ୍ସାହିତ କରିବା ପାଇଁ ଶ୍ରୀ ରାଜେଶ ଏହି ଅଭିଯାନ ଜାରି ରଖିଛନ୍ତି।

## ନୂତନ ବ୍ଲକ୍ ଗଠନ ଦାବି

ଗୁଣୁପୁର,୨୪।୯(ସମିସ) ଗୁଣୁପୁର ବ୍ଲକ୍‌ର ପୁଟାସିଂ, ଡମ୍ବସରାକୁ ନୂତନ ବ୍ଲକ୍ ମାନ୍ୟତା ଦାବି ହେଉଥିବା ବେଳେ ଏବେ ଜଗନ୍ନାଥପୁରକୁ ନୂତନ ବ୍ଲକ୍ ମାନ୍ୟତା ଦେବା ନେଇ ଅଞ୍ଚଳରେ ଦାବି ହୋଇଛି। ସିରିଝୋଲି, ଜଗନ୍ନାଥପୁର, ମରମା, ଗୋଠଲପଦର ପଞ୍ଚାୟତକୁ ନେଇ ବ୍ଲକ୍ ମାନ୍ୟତା ଦେବା ପାଇଁ ଆଜି ପଞ୍ଚାୟତ ପ୍ରତିନିଧି ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଖ ସଭ୍ୟା କୁନି ନିମାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗୌରୀ ଗମାଙ୍ଗ, ଦାରାସିଂ ଶବର, କେଶବ ଅଧିକାରୀ, ସୁବାସ ସୁଣ୍ଠି, ଭାଗୀରଥି ପଣ୍ଡା, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବିର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ନାର୍ଯ୍ୟ ଦାବି ବୋଲି ପ୍ରସ୍ତାବ ଗୃହୀତ କରିଥିଲେ। ଆଇନଜୀବୀ ଗୌରୀ ଶଙ୍କର ଦାସ ସଭା ପରିଚାଳନା କରିଥିଲେ।

## ସ୍କୁଟି ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ ଘଟଣା: ଜଣେ ଗିରଫ

ଗୁଣପୁର,୨୪।୯(ସମିସ):

ସ୍କୁଟି ଡିକି ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଆସ୍କା ଅଞ୍ଚଳରୁ ଜଣଙ୍କୁ ଗିରଫ କରିଛି ରାୟଗଡା ଜିଲ୍ଲା ଗୁଣପୁର ପୁଲିସ। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ଆସ୍କା ଥାନା ଅଞ୍ଚଳର ଏ. ଆଜାନା ରାଓ (୩୩)। ଏଥିସହ ଗୋଟିଏ ବାଇକ୍ ଜବତ ସହ ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ଗତ ୯ ତାରିଖରେ ଗୁଣପୁରର ରମାକାନ୍ତ ମହାପାତ୍ର ଇଣ୍ଡିଆନ୍ ବ୍ୟାଙ୍କରେ ସୁନା ବନ୍ଧକ ଦେଇ ତିନି ଲକ୍ଷ ଟଙ୍କା ଲୋନ୍ ଆଣିଥିଲେ । ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ସ୍କୁଟି ଡିକିରେ ସେ ରଖିଥିଲେ। ବାଟରେ କିଛି ଆବଶ୍ୟକ ଜିନିଷ କିଣିବା ପାଇଁ ବେବର୍ତ୍ତା ସାହି ଛକରେ ଓହ୍ଲାଇ ଥିଲେ। ଜିନିଷ କିଣି ଆସିବା ବେଳକୁ ସ୍କୁଟି ଡିକି ଭାଙ୍ଗି ତିନି ଲକ୍ଷ ଟଙ୍କା କେହି ଲୁଟି ଦେଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେ ଏନେଇ ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ସହରର ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ବିଭିନ୍ନ ଥାନାକୁ ଖବର ଦେଇଥିଲା। ଲୁଟ୍‌ର ୧୫ ଦିନ ପରେ ଜଣଙ୍କୁ ଗିରଫ କରିବା ସହ ତା ପାଖରୁ ଦୁଇ ଲକ୍ଷ ଟଙ୍କା ଉଦ୍ଧାର କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କେକେବିକେ କହିଁର ସୂଚନା ଦେଇଛନ୍ତି। ଉଦ୍ଧାର କରାଯାଇଥିବା ଟଙ୍କା ଲୁଟ୍‌ର ଶିକାର ହୋଇଥିବା ରମାକାନ୍ତ ମହାପାତ୍ରଙ୍କୁ ଥାନାରେ ହସ୍ତାନ୍ତର କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଲକାନଗିରି,୨୪।୯(ସମିସ):



ଜାତୀୟ ସେବା ବାହିନୀ ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ତଥା ସଂଯୋଜକ ଗୌତମ ନାୟକ ଓ ଦିପ୍ତିରେଖା ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ରକ୍ତଦାନ ଶିବିରରେ ସତ୍ୟନାରାୟଣ କଲେଜ ଅଫ୍ ନର୍ସିଂର ଛାତ୍ରୀ ଦିପା ମଣ୍ଡଳ, କବିତା ସିଲ, ବିପାଶା ରାୟ ଓ ଏସ୍ ପ୍ରିୟା ସହଯୋଗ କରିଥିଲେ। ମାଲକାନଗିରି ରକ୍ତଭଣ୍ଡାରର ଡାକ୍ତର ସାଗର ବାଲା ଓ କର୍ମଚାରୀ ଭବାନୀଶଙ୍କର ଜେନା, ବିକାଶ କୁମାର ପଣ୍ଡା, ବିଷ୍ଣୁ ପ୍ରିୟା ବାଘ, ଲିପି ପ୍ରଭା ମହାନ୍ତି, ସାଗର ମିଶ୍ର, ସଞ୍ଜୟ ସାଗର, ସୁଜଲ୍ କୁମାର ରାୟ, ଗୁଣ ସାଗର ଖମାରୀ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ପରିଚାଳନା କରିଥିଲେ। ରକ୍ତଦାନ ନିମନ୍ତେ ବର୍ତ୍ତମାନର ଛାତ୍ର ଛାତ୍ରୀଙ୍କ ସହ ପୁରାତନ ଛାତ୍ର ଛାତ୍ରୀ ମାନେ ବହୁ ସଂଖ୍ୟାରେ ଆସି ନିଜ ପରୀକ୍ଷା କରିଥିଲେ। ସର୍ବଶେଷରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ସଭାପତି ସୋମନାଥ ପ୍ରଧାନ ଏହାର ତଦାରଖ କରିଥିଲେ। କାର୍ଯ୍ୟକ୍ରମରେ ୭୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

■ ରାୟଗଡ଼ା ଧନ୍ଦାମୂଳକ ଶିକ୍ଷକ ସଂଘ

## ବେତନ ସମସ୍ୟା ନେଇ ଡିଇଓଙ୍କୁ ଦାବିପତ୍ର




ରାୟଗଡ଼ା,୨୪।୯(ସମିସ): ଗଜପତି ଜିଲ୍ଲାର ଜଣେ ସହ ଧନ୍ଦାମୂଳକ ଶିକ୍ଷକ ଆଶିଷ ସାମାନ୍ତରାୟଙ୍କ ଆତ୍ମହତ୍ୟା ଘଟଣା ଏବଂ ଧନ୍ଦାମୂଳକ ଶିକ୍ଷକଙ୍କ ବେତନ ସମସ୍ୟା ସମ୍ପର୍କରେ ଜରୁରୀ ହସ୍ତକ୍ଷେପ ପାଇଁ ଆଜି ରାୟଗଡ଼ା ଜିଲ୍ଲା ଧନ୍ଦାମୂଳକ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଜପତି ଜିଲ୍ଲାର ନିଯୁକ୍ତିପ୍ରାପ୍ତ ଧନ୍ଦାମୂଳକ ଶିକ୍ଷକ ଆଶିଷ ସାମନ୍ତରାୟ ଅର୍ଥନୈତିକ ସଙ୍କଟରେ ପଡି ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ତାଙ୍କର ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଭିଟିପି) ଦ୍ୱାରା ଶେଷ ତିନିମାସର ବେତନ ପ୍ରଦାନ କରାନଯିବା ମୃତ୍ୟୁର ମୂଳ କାରଣ ବୋଲି କୁହାଯାଇଛି। ରାୟଗଡ଼ା ସମେତ ରାଜ୍ୟର ଅନେକ ଧନ୍ଦାମୂଳକ ଶିକ୍ଷକ ଭିଟିପି ମାନଙ୍କ ଦ୍ୱାରା ବେତନ ପାଇବାରେ ଅତ୍ୟଧିକ ବିଳମ୍ବ କିମ୍ବା ସଂପୂର୍ଣ୍ଣ ଅବହେଳା ଭୋଗୁଛନ୍ତି। ଫଳରେ ଶିକ୍ଷକମାନଙ୍କ ପାରିବାରିକ ଜୀବନ ଅସ୍ଥିର ହୋଇଯାଇଛି ଏବଂ ମାନସିକ ଚାପ ବଢୁଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ଭିଟିପି ମାନଙ୍କୁ ତାଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ଧନ୍ଦାମୂଳକ ଶିକ୍ଷକଙ୍କର ସମସ୍ତ ବକେୟା ବେତନ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା, ଯେଉଁ ଭିଟିପି ଗୁଡିକ ନିୟମିତ ବେତନ ଦେଉନାହାନ୍ତି ସେମାନଙ୍କ ବିରୁଦ୍ଧରେ କଡା ପଦକ୍ଷେପ ଗ୍ରହଣ କରିବା ସହ ଚୁକ୍ତି ବାତିଲ କରିବା, ଭବିଷ୍ୟତ ପାଇଁ ଏକ ସ୍ଥାୟୀ ଏବଂ ସନ୍ତୁଷ୍ଟ ବେତନ ବ୍ୟବସ୍ଥା ପ୍ରଣୟନ କରିବା ପାଇଁ ଦାବି ଉଲ୍ଲେଖ ରହିଛି।

## ଚଢ଼ାଦରରେ ୟୁରିଆ ସାର ବିକ୍ରି

# ମାର୍କଫେଡ୍ ଗୋଦାମ ପରିଚାଳକଙ୍କ ଉପରେ ହୋଇଛି କାର୍ଯ୍ୟାନୁଷ୍ଠାନ



ରାୟଗଡ଼ା,୨୪।୯(ସମିସ): ଚଳିତ ବର୍ଷ ଜୁନ ୨୬ ତାରିଖରେ ରାୟଗଡ଼ା ଜିଲ୍ଲାରେ ୬୦୪.୩୦୫ମେଟ୍ରିକ୍ ଟନ୍ ଏଚୟୁଆରଏଲ ୟୁରିଆ ସାର ଓଡିଶା ରାଜ୍ୟ ବାଣିଜ୍ୟ ବିପଣନ ମହାସଂଘ (ମାର୍କଫେଡ)କୁ ଯୋଗାଇ ଦିଆଯାଇଥିଲା। ସେଥିରୁ ମାର୍କଫେଡ୍ର ଗୋଦାମ ପରିଚାଳକ ୪୪୦.୫୦୫ମେଟ୍ରିକ ଟନ୍ ୟୁରିଆ ସାର ଜିଲ୍ଲାର ପ୍ରାଧିକୃତ ବେସରକାରୀ ଖୁଚୁରା ଡିଲର ଓ ୧୬୩.୮୦୦ମେଟ୍ରିକ୍ ଟନ୍ ୟୁରିଆ ସାର ଲ୍ୟାମ୍ପସ ମାଧ୍ୟମରେ ଯୋଗାଇ ଦେଇଥିଲେ। ଖରିଫ ଋତୁରେ ସଂପୃକ୍ତ ଗୋଦାମ ଅଧିକାରୀ ଲ୍ୟାମ୍ପସ ମାଧ୍ୟମରେ ୟୁରିଆ ସାର ନ ଯୋଗାଇ ପ୍ରାଧିକୃତ ବେସରକାରୀ ଖୁଚୁରା ଡିଲରମାନଙ୍କ ମାଧ୍ୟମରେ ସାର ଯୋଗାଇ ଦେଇଥିବାରୁ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଆଜି ବିଧାନସଭା ଅଧିବେଶନରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗୀୟ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଏଥିସହ କୃଷିମନ୍ତ୍ରୀ ଶ୍ରୀ ସିଂହଦେଓ ସାରର କଳାବଜାରୀ,ବେଆଇନ ଗଚ୍ଛିତ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ରୋକିବା ପାଇଁ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷି, ରାଜସ୍ୱ ଏବଂ ପୋଲିସ ଅଧିକାରୀମାନଙ୍କୁ ନେଇ ଜିଲ୍ଲାରେ ନିୟମିତ ଭାବରେ ସାର ଖୁଚୁରା ଏବଂ ପାଇକାରୀ ପଏଣ୍ଟ ଗୁଡିକରେ ଅଚାନକ ଯାଞ୍ଚ କରି ପ୍ରବର୍ତ୍ତନ କାର୍ଯ୍ୟକଳାପ କରାଯାଉଛି ବୋଲି ଉତ୍ତର ରଖିଥିଲେ।



# ପାରମ୍ପରିକ ପରିଧାନରେ ଆଧୁନିକ ସ୍ପର୍ଶ

**ଆରମ୍ଭ ହୋଇଛି ନବରାତ୍ରୀ । ଏହିଦିନଗୁଡ଼ିକରେ ମା'ଙ୍କ ଆରାଧନା ସହ ପୂଜାର୍ଚ୍ଚନା କରାଯାଇଥାଏ । ସେହିପରି ଏହାକୁ ଖୁସି ଉତ୍ସବର ଦିନଭାବେ ମଧ୍ୟ ପାଳନ କରାଯାଏ । ଏଥିପାଇଁ ଯୁବତୀମାନେ ପୋଷାକ, ମେକ୍‌ଅପ୍ ଆଦିକୁ ନେଇ ଖୁବ୍ ଉତ୍ସାହିତ ଥାନ୍ତି । ତେବେ ନବରାତ୍ରୀରେ ପାରମ୍ପରିକ ପରିଧାନରେ ଆଧୁନିକ ଲୁକ୍ ଆଣିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍ସ ।**

### ପାରମ୍ପରିକ ପରିଧାନର ଆକର୍ଷଣ

ନବରାତ୍ରୀ କହିଲେ ପ୍ରଥମେ ଶାଢ଼ି ଓ ଲେହେଙ୍ଗା କଥା ମନକୁ ଆସିଥାଏ । ଏଥିପାଇଁ ଚନ୍ଦେରୀ, ବନାରସୀ ତଥା କାଞ୍ଚୀପୁରମ୍ ଶାଢ଼ି ଚୟନ କରିପାରିବେ । ଏଥିସହ ବୋଟ୍ କିମ୍ବା ହାଇନେକ୍ ବ୍ଲାଉଜ୍ କ୍ୟାରି କରିପାରିବେ । ଏଥିରୁ ଏକ ଆଧୁନିକ ଲୁକ୍ ମିଳିଥାଏ । ସେହିପରି ଲେହେଙ୍ଗା ଚାହୁଁଥିଲେ କାଚ କିମ୍ବା ଏମ୍ବ୍ରୋଡୋରୀ ଲେହେଙ୍ଗା ପିନ୍ଧିପାରିବେ ।

### ରଙ୍ଗ

ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଚାହୁଁଥିଲେ, ଉଜ୍ଜ୍ୱଳ ଗାଢ଼ ରଙ୍ଗ ଆଉଟ୍ ଫିଟ୍ ବାଛିପାରିବେ । ଏହା ଆଖିକୁ ଅଧିକ ଆକର୍ଷଣୀୟ ଦିଶିଥାଏ । ଚାହିଁଲେ ନାଲି, ହଳଦିଆ, ନେଳି ରଙ୍ଗର ପୋଷାକ ଚୟନ କରିପାରିବେ ।

### ଅଳଙ୍କାର

ନବରାତ୍ରୀରେ ଆଉଟ୍‌ଫିଟ୍ ପରି ଆସେସରିଜ୍ ମୁଖ୍ୟ ଭୂମିକା ରହିଛି । ଏଥିପାଇଁ କାନରେ ଝୁମ୍‌କା, ହାତରେ ପାରମ୍ପରିକ ବ୍ୟାଙ୍ଗେଲସ୍ ପିନ୍ଧିପାରିବେ । ଏଥିସହ ଲେୟାର୍ଡ ଅଳଙ୍କାର ବେକକୁ ଖୁବ୍ ସୁନ୍ଦର ମାନିଥାଏ ।

### ଆରମଦାୟକ ଫୁଟ୍‌ୱେୟାର

ଆରାମଦାୟକ ଫୁଟ୍‌ୱେୟାର ଯେ କୌଣସି ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ । ତେଣୁ ଏହି ନବରାତ୍ରୀ ଉତ୍ସବକୁ ଉପଭୋଗ କରିବାକୁ ଚାହଁଥିଲେ ଆରାମଦାୟକ ଫୁଟ୍‌ୱେୟାର୍ ପ୍ରତି ଧ୍ୟାନଦେବା ଜରୁରୀ । ସେହିପରି ଏହା ସହିତ ଏକ ସୁନ୍ଦର ବ୍ୟାଗ୍ କ୍ୟାରି କଲେ ଏହା ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ ।

### ମେକ୍‌ଅପ୍ ଓ ହେୟାର୍‌ଷ୍ଟାଇଲ୍

ନବରାତ୍ରୀ ଲୁକ୍‌ରେ ପୋଷାକ, ଆସେସରିଜ୍ ସହ ମେକ୍‌ଅପ୍ ଓ ହେୟାର୍‌ଷ୍ଟାଇଲ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏଥିପାଇଁ ହାଲୁକା ମେକ୍‌ଅପ୍ କରନ୍ତୁ । ଏହା ଖୁବ୍ ସୁନ୍ଦର ମାନିଥାଏ । ସେହିପରି ହେୟାର୍‌ଷ୍ଟାଇଲ୍ କରିବାକୁ ଚାହୁଁଥିଲେ ବେଣୀ, ପନିଟେଲ୍ କିମ୍ବା ଖୋସା କରିପାରିବେ ।

# ଅଁଳା ଉତ୍ପାଦରୁ ସ୍ୱାବଲମ୍ବୀ ସଙ୍ଗୀତା





**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ । ଅନେକ ହାରିଯାଆନ୍ତି । ଆଉ କିଛି ଭାଙ୍ଗି ନ ପଡ଼ି, ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ଲକ୍ଷ୍ୟ ପ୍ରାପ୍ତି କରିଥାନ୍ତି । ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ମହିଳା ହେଲେ, ଉତ୍ତର ପ୍ରଦେଶ ଅମେଠୀର ସଙ୍ଗୀତା । ସେ ଅଁଳାରୁ ଆଚାର, ଚକୋଲେଟ୍, ଜୁସ୍ ଭଳି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି । ଏହାଦ୍ୱାରା ସେ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି । କଠିନ ପରିଶ୍ରମ ଓ ଦୃଢ଼ମନୋବଳ ଥିଲେ, ସବୁ ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।**

ସଙ୍ଗୀତା ସ୍ନାତକ ଶିକ୍ଷା ପରେ ଏକ ଚାକିରି ସନ୍ଧାନ କରିଥିଲେ । ଏଥିପାଇଁ ସେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ହେଲେ ସେ ନିଜ ଶିକ୍ଷା, ଯୋଗ୍ୟତା ଓ ଆବଶ୍ୟକତା ଅନୁସାରେ ଚାକିରି ଖଣ୍ଡେ ପାଇ ନ ଥିଲେ । ଫଳରେ ସେ କିଛି ନୂଆ ଓ ଭିନ୍ନ କରିବା ପାଇଁ ଚିନ୍ତା କରିଥିଲେ । ଗାଁର ଜଣେ ବାନ୍ଧବୀଙ୍କ ସହ ସେ ଯୋଗାଯୋଗ କରି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀରେ ମିଶିଥିଲେ । ସେଠାରେ ସେ ଅଁଳାର ଉପକାରିତା ବିଷୟରେ ଜାଣିଥିଲେ । ଏହାପରେ ସେ ଅଁଳାରୁ ଆଚାର, ମୁରବା, ଚକୋଲେଟ୍, ବର୍ଫି ଓ ଜୁସ୍ ଭଳି ନାନା ଉତ୍ପାଦ ପ୍ରସ୍ତୁତ କଲେ । ଏହାକୁ ସେ ପ୍ରଥମେ ସ୍ଥାନୀୟ ବଜାରରେ ବିକ୍ରି କରିଥିଲେ । ଧୀରେ ଧୀରେ ଅଁଳାର ଉପକାରିତା ଏହାର ଔଷଧୀୟ ଗୁଣ ଅନେକଙ୍କୁ ଏହା କିଣିବାକୁ ପ୍ରୋତ୍ସାହିତ କରିଥିଲା । ସ୍ଥାନୀୟ ଲୋକ ସମେତ ବିଭିନ୍ନ ଜିଲ୍ଲାର ଲୋକେ ଏହାକୁ କିଣିଲେ । ସଙ୍ଗୀତାଙ୍କ କହିବାନୁଯାୟୀ, ଏହି କାର୍ଯ୍ୟ ଦ୍ୱାରା କେବଳ ସେ ନୁହଁନ୍ତି, ଗୋଷ୍ଠୀର ଅନ୍ୟ ମହିଳାମାନେ ମଧ୍ୟ ଉପକୃତ ହୋଇଛନ୍ତି । ଗୋଷ୍ଠୀର ଅନେକ ମହିଳାଙ୍କର ଆର୍ଥିକ ସମସ୍ୟା ଥିଲା; କିନ୍ତୁ ଏବେ ଏହି ଅଁଳା ବ୍ୟବସାୟରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଛି । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସେମାନଙ୍କୁ ବାହାରକୁ ଯିବାକୁ ପଡୁଥିଲା; କିନ୍ତୁ ଏବେ ସେମାନଙ୍କୁ ଘର ପାଖରେ କାମ ମିଳିପାରୁଛି । ଘରେ ରହି ଘର କାର୍ଯ୍ୟ ସହ ସେମାନେ ଏହି କାର୍ଯ୍ୟ କରି ପାରୁଛନ୍ତି । କଠିନ ପରିଶ୍ରମ, ନିଆରା ପଦକ୍ଷେପ ଦ୍ୱାରା ସଙ୍ଗୀତା ନିଜ ଜୀବନ ବଦଳାଇବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ସାହସ ଓ ଦୃଢ଼ ମନୋବଳ ଥିଲେ, ଜଣେ ସବୁ କିଛି ସମ୍ଭବ, ତାହା ସେ ପ୍ରମାଣ କରିଛନ୍ତି । କଠିନ ପରିସ୍ଥିତିରେ ହାର ନ ମାନି ଧୈର୍ଯ୍ୟର ସହ କିପରି ସମସ୍ୟାକୁ ସମାଧାନ କରାଯିବ ତାହା ଶିଖାଇଛନ୍ତି । ଆଗାମୀ ଦିନରେ ସେ ଅଁଳା ନିର୍ମିତ ଉତ୍ପାଦକୁ ଘରେ ଘରେ ପହଞ୍ଚାଇବାକୁ ଲକ୍ଷ ରଖିଛନ୍ତି । ଏଥିରେ ଅଧିକରୁ ଅଧିକ ମହିଳାଙ୍କୁ ଯୋଡ଼ିବାକୁ ପ୍ରୟାସ ଜାରି ରଖିଛନ୍ତି ।



# କେଶବୃଦ୍ଧି ପାଇଁ ସୋରିଷ ତେଲ



**ଧୂଳି ଓ ପ୍ରଦୂଷଣ ଯୋଗୁଁ ଏବେ ନାନା କେଶଜନିତ ସମସ୍ୟା ଦେଖାଯାଉଛି । ତେଣୁ କେଶକୁ ପ୍ରାକୃତିକ ଉପାୟରେ ସୁସ୍ଥ ଓ ମଜଭୁତ୍ କରିବାକୁ ଚାହୁଁଥିଲେ ସୋରିଷ ତେଲ ଲଗାଇପାରିବେ । ଏହା କେଶରେ ପ୍ରାକୃତିକ ଚମକ ଆଣିବା ସହ କେଶ ବୃଦ୍ଧିରେ ସହାୟକ ହୋଇଥାଏ ।**

### ପିଆଜ ରସ

ପିଆଜ ଗନ୍ଧ କଡ଼ା ହେବା ସତ୍ତ୍ୱେ ଏହା କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିରେ ଥିବା ସଲ୍‌ଫର କେଶମୂଳକୁ ଶକ୍ତ କରିଥାଏ । ଏହା କେଶର କୋଲାଜନ୍ ମାତ୍ରା ବୃଦ୍ଧି କରିଥାଏ । ଏଥିସହ ନୂଆ କେଶ ଉଠିବାରେ ସହାୟକ ହୋଇଥାଏ । ଏଥିପାଇଁ ପିଆଜ ରସରେ ସମାନ ପରିମାଣର ସୋରିଷ ତେଲ ମିଶାନ୍ତୁ । ଏହାକୁ ନଖ ଉଷୁମ କରି କେଶ ମୂଳରେ ଲଗାନ୍ତୁ । ୩୦ ରୁ ୪୦ ମିନିଟ୍ ପରେ ଯେ କୌଣସି ମାଇଲ୍‌ଡ ସାମ୍ପୁରେ କେଶ ଧୋଇ ଦିଅନ୍ତୁ ।

### ଘିକୁଆଁରୀ

ଆଲୋଭେରା ଜେଲ୍ ନେଇ ଏହାକୁ ସୋରିଷ ତେଲରେ ମିଶାନ୍ତୁ । ସ୍କାଲ୍‌ପରେ ଏହାକୁ ହାଲୁକା ହାତରେ ମସାଜ୍ କରି ଅଧଘଣ୍ଟା ରଖି ଦିଅନ୍ତୁ । ପରେ ସାମ୍ପୁରେ କେଶ ସଫା କରନ୍ତୁ । ଏହାଦ୍ୱାରା କେଶରେ ପ୍ରାକୃତିକ ଚମକ ଆସିଥାଏ ।



### ମନ୍ଦାର ଫୁଲ

ମନ୍ଦାର ଫୁଲ ଓ ପତ୍ର କେଶ ପାଇଁ ବରଦାନ ହୋଇଥାଏ । ଏହାକୁ ସୋରିଷ ତେଲରେ ଫୁଟାଇ ଲଗାଇପାରିବେ । ଏହା କେଶରେ କେରାଟିନ୍ ବୃଦ୍ଧି କରିଥାଏ ।



# କ୍ଲିନ୍‌ଅପ୍‌ର ଫାଇଦା

**କ୍ଲିନ୍‌ଅପ୍ ତ୍ୱଚାକୁ ସ୍ୱଚ୍ଛ, ନିର୍ମଳ ରଖିବା ପାଇଁ କରାଯାଏ । ଏହା ତ୍ୱଚାରେ ଥିବା ଧୂଳି, ମଳି ଓ ପ୍ରଦୂଷଣକୁ କାଢ଼ିଥାଏ । ବିଶେଷ କରି କର୍ମଜୀବୀ ମହିଳାଙ୍କ ପାଇଁ ଏହା ଖୁବ୍ ଜରୁରୀ ହୋଇଥାଏ । ଏହାଦ୍ୱାରା ତ୍ୱଚାକୁ ଅନେକ ଫାଇଦା ମିଳିଥାଏ ।**

### ମୃତକୋଷ, ଦୂର କରେ

ସାଧାରଣତଃ ତ୍ୱଚା ଧୂଳି, ପ୍ରଦୂଷଣ ଓ ଖରା ସଂସ୍ପର୍ଶରେ ଆସି ମଇଳା ଦେଖାଯାଏ । ତେଣୁ କ୍ଲିନ୍‌ଅପ୍ କଲେ ତ୍ୱଚାରେ ଥିବା ଅପରିଷ୍କାର ଜିନିଷ ଗଭୀରରୁ ସଫା ହୋଇଥାଏ ।

### ବ୍ଲାକ୍‌ହେଡ୍‌ସ ଓ ହ୍ୱାଇଟ୍ ହେଡସ୍

କ୍ଲିନ୍‌ଅପ୍ ସମୟରେ ଷ୍ଟିମ୍ ଏବଂ ଏକ୍ସଫ୍ଲୋଏସନ୍ ଦ୍ୱାରା ବ୍ଲାକ୍‌ହେଡସ୍ ଓ ହ୍ୱାଇଟ୍ ହେଡ୍‌ସକୁ ସହଜରେ ଦୂର କରାଯାଇପାରିବ । ଏହା ବ୍ଲାକ୍‌ହେଡ୍ ଓ ହ୍ୱାଇଟ୍ ହେଡକୁ ଜମାଟ ବାନ୍ଧିବାରୁ ସୁରକ୍ଷା ଦେଇଥାଏ ।

### ତ୍ୱଚାକୁ ସଫା ରଖେ

ଏହା ତ୍ୱଚାରେ ଥିବା ମୃତକୋଷ ଓ ଅତିରିକ୍ତ ତେଲକୁ ଗଭୀରରୁ ସଫା କରିଥାଏ । ଏଥିସହ ତ୍ୱଚାକୁ ପୋଷଣ ଦେଇ ହାଇଡ୍ରେଟ୍ ରଖିଥାଏ ।

### ଦାଗ ଓ ବ୍ରଣରୁ ସୁରକ୍ଷା

ଏହା ତ୍ୱଚାରୁ ବ୍ରଣ ଦାଗ ଦୂର କରି ତ୍ୱଚାକୁ ସତେଜ ରଖିଥାଏ । ତେଣୁ ପ୍ରତି ୧୫ ଦିନ କିମ୍ବା ଏକ ମାସ ବ୍ୟବଧାନରେ କ୍ଲିନ୍‌ଅପ୍ କରିବା ଆବଶ୍ୟକ ।

# ମୋ ହାଣ୍ଡିଶାଳରୁ...

## ଶାଗୁ ରସମଲାଇ

### ଆବଶ୍ୟକ ସାମଗ୍ରୀ

ଶାଗୁ – ୨୫୦ ଗ୍ରାମ୍, ଚିନି – ଏକ କପ୍, କ୍ଷୀର -୫୦୦, ଅମୂଲ- ଅଧା କପ୍, ଗୁଜରାତି ଗୁଣ୍ଡ- ଅଳ୍ପ, କଟା ପିସ୍ତା ବାଦାମ – ଦୁଇ ଚାମଚ, ଘିଅ – ଏକ ଚାମଚ

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍‌ରେ ଶାଗୁ ନେଇ ପାଣି ଦେଇ ଏକ ଘଣ୍ଟା ବତୁରାଇ ରଖନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ, ଚିନି ଓ ଅମୂଲ ଗୁଣ୍ଡ ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ହାତରେ ଅଳ୍ପ ଘିଅ ନେଇ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ କ୍ଷୀର ଦେଇ ଫୁଟାନ୍ତୁ । କ୍ଷୀର ଫୁଟିଗଲାପରେ ସେଥିରେ ଚିନି ଓ ଗୁଜରାତି ଗୁଣ୍ଡ ଦିଅନ୍ତୁ । କ୍ଷୀର ବହଳିଆ ହୋଇଗଲେ, ସେଥିରେ ପ୍ରସ୍ତୁତ କରି ରଖିଥିବା ଛୋଟ ଶାଗୁ ବଲ୍‌ଗୁଡ଼ିକୁ ଦେଇ ଗୋଳାନ୍ତୁ । ଏହାପରେ କାଟି ରଖିଥିବା ପିସ୍ତାବାଦାମକୁ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଶାଗୁ ରସମଲାଇ' ।



# ପିଲାଙ୍କ ପୁରୁଣା ପୋଷାକରୁ ବେଡ୍‌ସିଟ୍

**ସାଧାରଣତଃ ବୟସ ବଢ଼ିବା ସହ ଛୁଆଙ୍କ ପୋଷାକ ଛୋଟ ହୋଇଯାଏ । ତେଣୁ ଅନେକେ ଏହାକୁ ଅଦରକାରୀ ଭାବି ଫୋପାଡ଼ି ଦିଅନ୍ତି ବା ଘର ପୋଛା କରି ଦିଅନ୍ତି । କିନ୍ତୁ ଚାହିଁଲେ ପୁରୁଣା ପୋଷାକ ସାଇତି ଏଥିରୁ ସୁନ୍ଦର ଓ ଆରାମଦାୟକ ଚାଦର ପ୍ରସ୍ତୁତ କରିପାରିବେ ।**




### ପୋଷାକ ସଂଗ୍ରହ

ପ୍ରଥମେ ଘରେ ଥିବା ପୁରୁଣା ପୋଷାକକୁ ଏକତ୍ର କରନ୍ତୁ । ସେଥିମଧ୍ୟରୁ ସମାନ ରଙ୍ଗ ଓ ପ୍ୟାଟର୍ଣ୍ଣର କପଡ଼ାକୁ ଏକତ୍ର କରନ୍ତୁ । ସମାନ ରଙ୍ଗ ନ ଥିଲେ, ଭିନ୍ନ ଡିଜାଇନର ପୋଷାକ ବ୍ୟବହାର କରି ଚାଦର ପ୍ରସ୍ତୁତ କରିପାରିବେ । ଏଥିରେ ଚାଦରକୁ ଏକ ନୂଆ ଲୁକ୍ ମିଳିଥାଏ ।

### ପୋଷାକକୁ ଦିଅନ୍ତୁ ଚାରିକୋଣିଆ ଆକାର

ପୋଷାକରେ ଡିଜାଇନ ହୋଇଥିବା ଅଂଶଟିକୁ ଚାରିକୋଣିଆ କରି କାଟନ୍ତୁ । ଏପରି ଭାବେ ସମସ୍ତେ ପୋଷାକକୁ କାଟି ଦିଅନ୍ତୁ । ଧ୍ୟାନ ରଖିବେ, ସବୁ କପଡ଼ାର ଆକାର ହେବା ଜରୁରି । ଏହାଦ୍ୱାରା ଚାଦର ଗୋଟିଏ ସାଇଜ୍‌ରେ ରହିଥାଏ । ଆଖିକୁ ସୁନ୍ଦର ଦେଖାଯାଏ । ଏଥିସହ ସିଲେଇ କରିବାକୁ ସହଜ ହୋଇଥାଏ ।

### ଠିକ୍‌ରେ ସିଲେଇ କରନ୍ତୁ

ଚାଦରର ଚାରିକଡ଼କୁ ଭଲଭାବେ ସିଲେଇ କରିବା ଜରୁରି । ଏହାଦ୍ୱାରା ଚାଦର ସହଜରେ ଫିଟେନି ଅଧିକ ଦିନ ବ୍ୟବହାର କରି ହୁଏ । ଏହି ଚାଦରକୁ ପିଲାଙ୍କ ଶୋଇବା ଘରେ ପକାଇପାରିବେ ।


# ଚମକିବ ସ୍ୱିଚ୍ ବୋର୍ଡ

**ସ୍ୱିଚ୍ ବୋର୍ଡରେ ରୋଷେଇଘରୁ ତେଲ ମସଲାର ବାଷ୍ପ ଜମି ଦାଗ ତଥା ଅଠା ହୋଇଯାଏ । ଫଳରେ ସ୍ୱିଚ୍ ବୋର୍ଡ ଅସୁନ୍ଦର ଦିଶେ । ବହୁ ସମୟରେ ସଫା କଲେ ମଧ୍ୟ ଏଥିରେ ଲାଗିଥିବା ତେଲ ଚିକିଟା ଦାଗ ସହଜରେ ଛାଡ଼ି ନ ଥାଏ । ତେବେ କିଛି ସହଜ ଉପାୟ ଅବଲମ୍ବନ କଲେ ଏହାର ପୂର୍ବ ଚମକ ଫେରିପାଇଥାଏ ।**

- ଏଥିପାଇଁ ବେକିଂ ସୋଡା ମଧ୍ୟ ବ୍ୟବହାର କରିପାରିବେ । ବେକିଂ ସୋଡ଼ାରେ ଅଳ୍ପ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ସ୍ୱିଚ୍ ବୋର୍ଡରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ବ୍ରଶ୍‌ରେ ରଗଡ଼ି ସଫା କରି ଦିଅନ୍ତୁ ।
- ନେଲ୍ ପେଣ୍ଟ ରିମୁଭରରେ ମଧ୍ୟ ସ୍ୱିଚ୍ ବୋର୍ଡକୁ ସହଜରେ ସଫା କରିହେବ । ଏହାବାଦ୍ ଆଲକହଲ୍ ବ୍ୟବହାରରେ ମଧ୍ୟ ସ୍ୱିଚ୍ ବୋର୍ଡରୁ ଦାଗ ଛଡ଼ାଇବା ସମ୍ଭବ ।
- ତେବେ ସ୍ୱିଚ୍ ବୋର୍ଡ ଦାଗ ଛଡ଼ାଇବା ସମୟରେ ମେନ୍ ସ୍ୱିଚ୍ ଅଫ୍ କରନ୍ତୁ ।



# ଦିଲ୍ଲୀ ବାବା ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀ



## ଯୌନ ଶୋଷଣ ଅଭିଯୋଗ ଆଣିଲେ ୧୭ ଛାତ୍ରୀ
## ଫେରାର ଭଣ୍ଡ ବାବାର ଘର ଓଡ଼ିଶାରେ
## ୧୬ ବର୍ଷ ଧରି କରୁଥିଲା ଶୋଷଣ

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଦିଲ୍ଲୀର ଏକ ନାମୀଦାମୀ ଶ୍ରୀ ସାରଦାପୀଠ ଶୃଙ୍ଗେରୀ ଆଶ୍ରମ (ସାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ)ରେ ଚାଲୁଥିବା ଅନୀତି ଓ ବ୍ୟଭିଚାରର ପର୍ଦ୍ଦାଫାସ୍ ହୋଇଛି। ପୁଲିସର କହିବା ଅନୁସାରେ ଗତ କିଛି ଦିନ ହେବ ଏହି ଆଶ୍ରମରେ ରହୁଥିବା ଛାତ୍ରୀମାନଙ୍କୁ ଯୌନ ଶୋଷଣ କରାଯିବାର ଅଭିଯୋଗ ହୋଇଛି। ଏହି ଆଶ୍ରମର ସଞ୍ଚାଳକ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ ବିରୋଧରେ ୧୭ଜଣ ଛାତ୍ରୀ ଯୌନ ଶୋଷଣର ଅଭିଯୋଗ ଆଣିଛନ୍ତି। ଏହି ଛାତ୍ରୀମାନେ ଆଶ୍ରମରେ ରହୁଥିଲେ ଓ ଏମାନେ ବାବାଙ୍କ ବିରୋଧରେ ବ୍ଲାକମେଲ କରିବା ଓ ଧମକ ଦେବାର ମଧ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମିଳିବା ପରେ ଦିଲ୍ଲୀର ବସନ୍ତ କୁଞ୍ଜ ଥାନା ପୁଲିସ୍ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି। ପୁଲିସ ମଧ ଆଶ୍ରମର ସିସିଟିଭି ଫୁଟେଜର ଯାଞ୍ଚ କରୁଛି। ଆଶ୍ରମର କେତେଜଣ ୱାର୍ଡେନ୍ ଛାତ୍ରୀମାନଙ୍କୁ ବାବାଙ୍କ ଭେଟ କରାଉଥିଲେ ଓ ଛାତ୍ରୀମାନଙ୍କୁ କଲ କରି ସେ ରୁମ୍‌କୁ ଡକାଉଥିଲେ ବୋଲି ଅଭିଯୋଗ ହୋଇଛି। ପଟିଆଲା ହାଉସ୍ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୋଗ ମିଳିବା ପରେ ଅଭିଯୁକ୍ତ ବାବା ଫେରାର ଅଛନ୍ତି ଓ ପୁଲିସ ତାଙ୍କୁ ଖୋଜିବା ଜାରି ରଖିଛି।

ଏହି ବାବା ହେଉଛନ୍ତି ଓଡ଼ିଶାରେ ବାସିନ୍ଦା। ସେ ଏହି ଆଶ୍ରମରେ ଗତ ୧୨ ବର୍ଷ ହେବ ଅବସ୍ଥାନ କରୁଛନ୍ତି। ଏହି ବାବାଙ୍କ ବିରୋଧରେ ଓଡ଼ିଶାରେ ମଧ ଦୁଇଟି ମାମଲା ଯଥାକ୍ରମେ ୨୦୦୯ ଓ ୨୦୧୬ରେ ରୁଜୁ ହୋଇଛି। ଦିଲ୍ଲୀର ଏହି ଆଶ୍ରମରେ ଚୈତନ୍ୟାନନ୍ଦ କେୟାରଟେକର ଓ ସଞ୍ଚାଳକ ଦାୟିତ୍ୱରେ ଥିଲା। ବାବା ଆମକୁ ଲଗାତର ବ୍ଲାକମେଲ କରୁଥିଲେ ବୋଲି ଛାତ୍ରୀମାନେ କୋର୍ଟରେ ବୟାନ ଦେଇଛନ୍ତି। ପୁଣି କାହାକୁ କିଛି ନ କହିବାକୁ ସେ ଧମକ ଦେଇଥିଲେ। ଯଦି କେଉଁଠି କିଛି କୁହ, ତେବେ ପରିଣତି ଭୟଙ୍କର ହେବ ବୋଲି ସେ କହିଥିଲେ। ଏହି ବାବା ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ସେ ଜଣେ ପ୍ରଖ୍ୟାତ ପ୍ରଧାପକ, ବକ୍ତା, ଶିକ୍ଷାବିତ ଭାବେ ଜଣାଶୁଣା। ସେ ମଧ ଚିକାଗୋ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରିଛନ୍ତି। ସେ କେତୋଟି ଡକ୍ଟରେଟ୍ ଡିଗ୍ରୀ ଓ ଡିଲିଟ୍ ହାସଲ କରିଛି। ଏହି ମାମଲା ପଦାରେ ପଡ଼ିବା ପରେ ବାବା ଫେରାର ହୋଇଯାଇଛନ୍ତି। ସେ ବାରମ୍ବାର ସ୍ଥାନ ବଦଳାଉଛନ୍ତି। ଏହି ବାବାଙ୍କ କାର୍‌ରେ ଜାତିସଂଘର ନକଲି ନମ୍ବର ଲଗା ଯାଇଛି। ଅଭିଯୋଗ ପରେ ଆଶ୍ରମ ତରଫରୁ ମଧ ସଫେଇ ଦିଆଯାଇଛି।

## ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

ୱାଶିଂଟନ, ୨୪।୯ (ଏଜେନ୍ସି): ନ୍ୟୁୟର୍କରେ ଚାଲିଥିବା ଜାତିସଂଘ ମହାସଭା (ୟୁଏନ୍‌ଜିଏ)ର ୮୦ତମ ସଂସ୍କରଣରେ ତୁର୍କୀ ପୁଣିଥରେ କାଶ୍ମୀର ପ୍ରସଙ୍ଗ ଉଠାଇବାକୁ ପ୍ରୟାସ କରିଛି। ତୁର୍କୀ ରାଷ୍ଟ୍ରପତି ରେସେପ ଟାୟିପ୍ ଏର୍ଡୋଗାନ୍ ମଙ୍ଗଳବାର ୟୁଏନଜିଏରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ କଥାବାର୍ତ୍ତା ଜରିଆରେ କଶ୍ମୀର ସମସ୍ୟାର ସମାଧାନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଗତ ଏପ୍ରିଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବା ପରେ ଅସ୍ତ୍ରବିରତି ହୋଇଥିଲା ଓ ଏହା ଏକ ଖୁସିର କଥା ବୋଲି ସେ କହିଥିଲେ। ଜାତିସଂଘ ସୁରକ୍ଷା ପରିଷଦର ସାହାଯ୍ୟ କ୍ରମେ କଶ୍ମୀରର ଭାଇ ଓ ଭଉଣୀଙ୍କ ପାଇଁ ଏହି ସମାଧାନ ହେବା ଆବଶ୍ୟକ। କିନ୍ତୁ ଭାରତ ଏହିଭଳି ମନ୍ତବ୍ୟକୁ ପୂର୍ବରୁ ଖାରଜ କରିଆସିଛି। ଜମ୍ମୁ-କଶ୍ମୀର ହେଉଛି ଆମର ଆଭ୍ୟନ୍ତରିକ ମାମଲା। ତେଣୁ ଏ ନେଇ ତୃତୀୟ ପକ୍ଷ କିମ୍ବା କୌଣସି ମଧ୍ୟସ୍ଥତା ଆବଶ୍ୟକତା ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ଏର୍ଡୋଗାନ ୨୦୧୯ରୁ ପ୍ରତିବର୍ଷ (୨୦୨୪କୁ ବାଦ ଦେଇ) ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିଆସୁଛନ୍ତି ଓ ସେ ପାକିସ୍ତାନ ସମର୍ଥନରେ ଆଗକୁ ବାହାରୁ ଥିବାର ଲକ୍ଷ୍ୟ କରାଯାଇଛି। ପାକିସ୍ତାନ ବିରୋଧରେ ଚାଲିଥିବା ଅପରେସନ ସିନ୍ଦୂର ଅବସରରେ ଏର୍ଡୋଗାନ ପାକିସ୍ତାନ ସମର୍ଥନରେ ଖୋଲାଖୋଲି ଭାବେ ମନ୍ତବ୍ୟ ଦେବା ସହ ଆଗକୁ ବାହାରି ଥିଲେ।

## ୮ ଇସଲାମିକ ଦେଶଗୁଡିକ ସହ ଟ୍ରମ୍ପଙ୍କ ବୈଠକ

ୱାଶିଂଟନ, ୨୪।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ୮ଟି ଇସ୍‌ଲାମିକ ଦେଶଗୁଡିକର ନେତାଙ୍କ ସହ ବୈଠକରେ ବସିଥିଲେ। ଗାଜାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବେ ବୋଲି ଟ୍ରମ୍ପ ଏହି ଅବସରରେ ଦାବି କରିଛନ୍ତି। ଏହି ବୈଠକରେ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ମିଶର, ଜୋର୍ଡାନ, ତୁର୍କୀ, ଇଣ୍ଡୋନେସିଆ ଓ ଆଫଗାନିସ୍ତାନ ଦେଶଗୁଡିକର ନେତାମାନେ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଏହି ବୈଠକ ପରେ ଟ୍ରମ୍ପ ଗଣମାଧ୍ୟମଗୁଡିକ କୌଣସି ମନ୍ତବ୍ୟ ଦେଇ ନଥିଲେ ଓ କେବଳ ହାତ ହଲାଇ ଚାଲିଯାଇଥିଲେ। ତେବେ ଏହି ବୈଠକରେ କିପରି ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ ହେବ ଓ ସ୍ଥାୟୀ ଅସ୍ତ୍ରବିରତି ହେବ ସେ ନେଇ ଚର୍ଚ୍ଚା ହୋଇଥିଲା ବୋଲି ୟୁଏଇ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି। ସେହିପରି ହମାସ କବ୍‌ଜାରେ ଥିବା ପଣବନ୍ଦୀଙ୍କୁ ମୁକ୍ତି ଦେବା ଓ ଗାଜାରେ ସୃଷ୍ଟି ହୋଇଥିବା ମାନବୀୟ ସଂକଟର ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା ବୋଲି ଗଣମାଧ୍ୟମଗୁଡିକ ତରଫରୁ କୁହାଯାଇଛି।

## ନିଜ ସନ୍ତାନଙ୍କୁ ଶୋଷଣ କରିଥିଲେ ମସ୍କଙ୍କ ପିତା

ନ୍ୟୁୟର୍କ, ୨୪।୯ (ଏଜେନ୍ସି): ଟେସଲା ଓ ସ୍ପେସ୍‌ଏକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କଙ୍କ ପିତା ଏରୋଲ ମସ୍କଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ସେ ନିଜ ୫ ସନ୍ତାନ ଓ ସାବତ ସନ୍ତାନମାନଙ୍କୁ ଯୌନ ଶୋଷଣ କରିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସ ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ଏହି ରିପୋର୍ଟ ମୁତାବକ ୧୯୯୩ରୁ ଏହି ଅଭିଯୋଗ ସାମ୍ନାକୁ ଅସିଥିଲା। ତିନିଥର ପୁଲିସ ଏ ନେଇ ଯାଞ୍ଚ୍ କରିଥିଲା। ଏଥିରୁ ଦୁଇଟି ଯାଞ୍ଚ ବନ୍ଦ ହୋଇଥିବା ବେଳେ ଆଉ ଗୋଟିଏ ଚାଲୁ ରହିଛି। କିନ୍ତୁ ୭୯ ବର୍ଷୀୟ ଏରୋଲ ଏହା ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ନିରାଧାର ବୋଲି କହିଛନ୍ତି। ଏଲନ ମସ୍କଙ୍କଠାରୁ ଅର୍ଥ ପାଇବା ପାଇଁ ପରିବାର କେତେଜଣ ସଦସ୍ୟ ଏହି ମିଛ ଅଭିଯୋଗ ଆଣିବା ସହ ଏହାର ପ୍ରଚାର ପ୍ରସାର କରିଛନ୍ତି ବୋଲି ସେ କହିଛନ୍ତି। ମସ୍କଙ୍କ ସହ ତାଙ୍କ ପିତାଙ୍କ ସମ୍ପର୍କ ଠିକ୍ ନଥିôବା ପରିଲକ୍ଷିତ ହୋଇଛି। ସେ ନିଜ ପିତାଙ୍କୁ ଜଣେ ଖରାପ ବ୍ୟକ୍ତି ବୋଲି ଅଭିହିତ କରିଆସିଛନ୍ତି।

## ମଣିପୁର ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ଇମ୍ଫାଲ, ୨୪।୯ (ଏଜେନ୍ସି): ଗତ ସେପ୍ଟେମ୍ବର ୧୯ରେ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଆସାମ ରାଇଫଲ୍ସର ବାହାନଗୁଡିକ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଏହି ଘଟଣାରେ ଦୁଇଜଣ ଯବାନ ସହିଦ ହୋଇଥିଲେ। ଅଭିଯୁକ୍ତଠାରୁ ବହୁମାତ୍ରାରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ କରାଯାଇଛି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। କାମେଙ୍ଗ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିବା ପରେ ବିଷ୍ଣୁପୁର ପୁଲିସର ୩୩ ରାଇଫଲ୍ସ ବାଟାଲିୟନ ଓ ଅନ୍ୟ ସୁରକ୍ଷାବଳର ଏକ ଟିମ୍ ୨୪ ତାରିଖରେ ଅପରେସନ ଆରମ୍ଭ କରିଥିଲା। ଏଥିରେ ଖୋମନ୍ଦ୍ରମ ଓଜିତ ସିଂ ଓରଫ୍ କେଲାଲ ନାମକ ଜଣେ ୪୭ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ରୁଷ୍ ବିମାନକୁ ଗୁଳିକରି ଖସାଅ: ଟ୍ରମ୍ପ

## ନାଟୋକୁ ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶ
## ୟୁକ୍ରେନ ହରାଇଥିବା ଅଞ୍ଚଳ ଫେରି ପାଇପାରିବ

ୱାଶିଂଟନ, ୨୪।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କିଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଯଦି ରୁଷିଆର କୌଣସି ବିମାନ ନାଟୋ ସଂଗଠନରେ ସାମିଲ ହୋଇଥିବା ଦେଶଗୁଡିକର ବାୟୁସୀମା ଦେଇ ଗତି କରେ କିମ୍ବା ଏହାର ଉଲ୍ଲଂଘନ କା।।ରେ, ତେବେ ତାହାକୁ ମାରି ଖସାଇବାକୁ ସେ ଏହି ଅବସରରେ କହିଛନ୍ତି। କେବଳ ସେତିକି ନୁହଁ, ରୁଷିଆ କବ୍‌ଜା କରିଥିବା ସବୁ ଅଞ୍ଚଳକୁ ୟୁକ୍ରେନ ଫେରି ପାଇପାରିବ ବୋଲି ସେ ଜେଲେଁସ୍କିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଜାତିସଂଘ ମହାସଭାର ବୈଠକ ଅବସରରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଭେଟିଥିଲେ। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ ପୋଷ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ, ୟୁରୋପ ଓ ନାଟୋ ସହଯୋଗରେ ୟୁକ୍ରେନ ଯୁଦ୍ଧ ପୂର୍ବରୁ ହାରାଇଥିବା ନିଜ ଅଞ୍ଚଳକୁ ଫେରିପାଇ ପାରିବ। ରୁଷର ଅର୍ଥ ବ୍ୟବସ୍ଥା ଚାପରେ ରହିଥିବାରୁ ଏପରି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ରୁଷିଆକୁ ଏକ କାଗଜ ବାଘ ସହ ତୁଳନା କରିଛନ୍ତି। ରୁଷ ଗତ ସାଢ଼େ ୩ ବର୍ଷ ହେବ ଯୁଦ୍ଧରେ ଫସି ରହିଛି। କିନ୍ତୁ ଏପର୍ଯ୍ୟନ୍ତ ବିଜୟ ହାସଲ କରିପାରିନାହିଁ। ଯଦି ରୁଷ୍ ପାଖରେ ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ଥାନ୍ତା, ତେବେ ଗୋଟିଏ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ ହୋଇଥାନ୍ତା। ଟ୍ରମ୍ପ ଜାତିସଂଘ ମହାସଭାରେ ନିଜ ଭାଷଣରେ ରୁଷ୍‌ଠାରୁ ତୈଳ ଓ ପ୍ରାକୃତିକ ଗ୍ୟାସ କ୍ରୟ ନ କରିବାକୁ ଓ ଏହାକୁ ପୂରାପୂରି ବନ୍ଦ କରିବାକୁ ଆହ୍ୱାନ ଜଣାଇଛନ୍ତି। ନାଟୋ ଦେଶଗୁଡିକ ପରୋକ୍ଷରେ ରୁଷକୁ ଯୁଦ୍ଧ କରିବା ପାଇଁ ପାଣ୍ଠି ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଗେମ୍ ଚେଞ୍ଜର ବୋଲି କହିଛନ୍ତି ଜେଲେଁସ୍କି। କାରଣ ପୂର୍ବରୁ ଟ୍ରମ୍ପ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ହେବ ବୋଲି କହିଥିଲେ। ଅଚାନକ ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ପରିବର୍ତ୍ତନ ଦେଖି ଜେଲେଁସ୍କି ନିଜେ ଚକିତ। ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯୁଦ୍ଧ ରୋକିବାର ସହାୟକ ହେବ। ସେହିପରି ଭାରତ ଆମ ସାଥିରେ ଅଛି ଓ ଭାରତ ୟୁରୋପୀୟ ଦେଶଗୁଡିକ ସହ ସମ୍ପର୍କ ଦୃଢ଼ କରିବା ଆବଶ୍ୟକ ବୋଲି ଜେଲେଁସ୍କି କହିଛନ୍ତି।



## ଗାଜା ଯୁଦ୍ଧ ବନ୍ଦ କଲେ ଯାଇ ଟ୍ରମ୍ପଙ୍କୁ ମିଳିବ ନୋବେଲ ଶାନ୍ତି ପୁରସ୍କାର: ମାକ୍ରନ

ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ବ୍ୟାକୁଳତା ବୃଦ୍ଧି ପାଉଥିବା ବେଳେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଏଥିପାଇଁ ଏକ ସର୍ତ୍ତ ରଖିଛନ୍ତି। ଟ୍ରମ୍ପ ଯଦି ଗାଜାରେ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଚାଲିଥିବା ସଂଘର୍ଷକୁ ବନ୍ଦ କରିବେ, ତେବେ ଯାଇ ତାଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ସେ କହିଛନ୍ତି। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, ସେ ବିଶ୍ୱରେ ୭ଟି ଯୁଦ୍ଧକୁ ବନ୍ଦ କରିଥିଲେ। ଏଗୁଡିକ ହେଲା କାମ୍ବୋଡିଆ- ଥାଇଲାଣ୍ଡ, କୋସୋଭୋ- ସର୍ବିଆ, କଙ୍ଗୋ-ରୁୱାଣ୍ଡା, ଭାରତ- ପାକିସ୍ତାନ, ଇସ୍ରାଏଲ- ଇରାନ, ଇଜିପ୍ଟ- ଇଥିଓପିଆ ଓ ଆର୍ମେନିଆ- ଆଜରବୈଜାନ ଯୁଦ୍ଧ। ଏହି ଯୁଦ୍ଧଗୁଡିକ ବନ୍ଦ କରିଥିବାରୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକଦାର ବୋଲି ଟ୍ରମ୍ପ ବାରମ୍ବାର କହି ଆସୁଛନ୍ତି। ଗାଜାରେ ଚାଲିଥିବା ସଂଘର୍ଷକୁ କେବଳ ଟ୍ରମ୍ପ ହିଁ ରୋକିପାରିବେ ବୋଲି ମାକ୍ରନ କହିଛନ୍ତି। କାରଣ ଆମେରିକା ହିଁ ଇସ୍ରାଏଲର ସବୁଠାରୁ ବଡ଼ ସହଯୋଗୀ ଓ ଏହି ଯୁଦ୍ଧ ପାଇଁ ଆମେରିକା ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ଗାଜାର ଚାଲିଥିବା ଯୁଦ୍ଧ ପଛରେ କେବଳ ଆମେରିକାର ହିଁ ହାତ ଅଛି। ତେଣୁ ଟ୍ରମ୍ପ ଚାହିଁଲେ ଏହି ଯୁଦ୍ଧ ବନ୍ଦ ହୋଇପାରିବ ଓ ତାଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ମାକ୍ରନ ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ପଲେଷ୍ଟାଇନକୁ ଜାତିସଂଘର ୧୯୩ଟି ଦେଶରୁ ୧୫୭ଟି ଦେଶ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛନ୍ତି।

## ଅହମଦାବାଦ ବିମାନ ଦୁର୍ଘଟଣା



## ବିଚାରବିଭାଗୀୟ ତଦନ୍ତ ଦାବି କଲେ ୫୫୦୦ ପାଇଲଟ୍

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ନିରପେକ୍ଷ ତଥା ବିଚାର ବିଭାଗୀୟ ତଦନ୍ତ ପାଇଁ ଏବେ ଫେଡେରେସନ ଅଫ୍ ଇଣ୍ଡିଆନ ପାଇଲଟ (ଏଫଆଇପି) ଦାବି କରିଛି। ଜଣେ ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ୍ ଅଦାଲତ ଗଠନ କରିବାକୁ ୫୫୦୦ ପାଇଲଟଙ୍କୁ ନେଇ ଗଠିତ ଏହି ସଂଗଠନ ଏଫ୍‌ଆଇପି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛି। ପୂର୍ବରୁ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଦ୍ୱାରା କରାଯାଇଥିବା ଯାଞ୍ଚ ନିରପେକ୍ଷ ନଥିଲା ଓ ଏଥିରେ ବୁଝମଣା କରାଯାଇଥିଲା ବୋଲି ଏଫ୍‌ଆଇପି କହିଛି। ନିରପେକ୍ଷ ଯାଞ୍ଚ ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟିକୁ ନେଇ ଏକ କାହଣୀ ସୃଷ୍ଟି କରାଯିବା ସହ ଏହାର ପ୍ରଚାର ପ୍ରସାର କରାଯାଉଛି। ଫଳରେ ଏଫ୍‌ଆଇପି ଏ ନେଇ ନିଜର ଅସନ୍ତୋଷ ଜାହିର କରିଛି। ସେପ୍ଟେମ୍ବର ୨୨ରେ ଏଫ୍‌ଆଇପି ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଅବଗତ କରାଇଛି। ଉଲ୍ଲେଖଥାଉ କି, ଅହମଦାବାଦ ବିମାନ ବନ୍ଦରରୁ ଟେକ୍ ଅଫ୍ କରିଥିବା ବୋଇଂ ୭୮୭-୮ ବିମାନ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇ ପାଇଲଟଙ୍କ ସମେତ ୧୦ଜଣ କେବିନ କ୍ରୁ ଓ ୨୨୯ ଯାତ୍ରୀ ଓ ୧୦ ଅନ୍ୟଲୋକ ପ୍ରାଣ ହରାଇଥିଲେ। ପାଇଲଟ୍‌ଙ୍କ ଏହି ସଂଗଠନ ଏଏଆଇବିକୁ ଔପଚାରିକ ଭାବେ ନିନ୍ଦା କରିବାକୁ ଦାବି କରିଛି। ମୋଟ ଉପରେ ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦୋଷ ଦେବା ଆଦୌ ଠିକ୍ ନୁହଁ ବୋଲି ଏହି ପାଇଲଟ ସଂଗଠନ କହିଛି।




## ବିହାରରେ ପ୍ରଥମଥର ପାଇଁ ବସିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ପାଟନା, ୨୪।୯ (ଏଜେନ୍ସି): ଦେଶ ସ୍ୱାଧୀନ ହେବା ପରେ ବିହାରରେ ପ୍ରଥମଥର ପାଇଁ କଂଗ୍ରେସ ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସିଛି। ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଥିଲେ। ଏହି ବୈଠକ ଅପରାହ୍ଣ ୪ଟାରେ ଶେଷ ହୋଇଥିଲା।

ଏହି ଅବସରେରେ ଖଡ଼ଗେ କହିଥିଲେ ଯେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ମାନସିକ ରୂପେ ଅବସର ନେଇଛନ୍ତି। ବିଜେପି ତାଙ୍କୁ ବୋଝ ମନେ କରୁଛି। ଏଥିସହିତ ସେ ବୋକାରୀ, ଚାଷ ଓ ବନ୍ୟା ଜନିତ ସମସ୍ୟା ନେଇ ବିଜେପିକୁ ସମାଲୋଚନା କରିଥିଲେ। ସେହିପରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ସେ ନିର୍ବାଚନ କମିସନଙ୍କୁ ସମାଲୋଚନା ମଧ କରିଥିଲେ। ସେ କହିଥିତଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରିବା ଲାଗି ଷଡ଼ଯନ୍ତ୍ର ହୋଇଛି। ନିର୍ବାଚନ କମିସନ ନିରପେକ୍ଷତା ଅବଲମ୍ବନ କରୁନାହାନ୍ତି। ସେହିପରି ଜିଏସ୍‌ଟି ଦେଶର ଅର୍ଥବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଛି। ଚାଷୀଙ୍କର ଆୟ ଦୁଇଗୁଣା କରିବାରେ କେନ୍ଦ୍ର ସରକାର ସାଂଘାତିକ ଭାବେ ଫେଲ୍ ମାରିଛନ୍ତି। ବିହାରରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଅନ୍ତର୍ଜାତୀୟ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବନ୍ଧୁମାନଙ୍କ ପାଇଁ ଦେଶ ଆଜି ସଂକଟରେ ପଡ଼ିଛି। ବିହାରରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକର ଆୟୋଜନ କରି କଂଗ୍ରେସ କ୍ଷମତାକୁ ଆସିବ ବୋଲି ଆଶା ବାନ୍ଧିଛି। ୨୦୨୩ରେ ନିର୍ବାଚନ ସମୟରେ ତେଲଙ୍ଗାନାରେ କଂଗ୍ରେସ ତା'ର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଥିଲା ଓ ଏହାପରେ କଂଗ୍ରେସ କ୍ଷମତାକୁ ଫେରି ସରକାର ଗଠନ କରିଥିଲା। ବିହାରରେ ମଧ ଏହି ଭଳି ହେବ ବୋଲି କଂଗ୍ରେସ ନେତା ଆଶା ବାନ୍ଧିଛନ୍ତି।

## ଜୁବିନଙ୍କୁ କ'ଣ ହତ୍ୟା କରାଯାଇଛି?



ଗୌହାଟୀ, ୨୪।୯ (ଏଜେନ୍ସି): ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି) ତଦନ୍ତ କରିବ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏ ନେଇ ବୁଧବାର ଘୋଷଣା କରିଛନ୍ତି। ଯଦି ଜୁବିନଙ୍କ ମୃତ୍ୟୁ ପାଇଁ କେହି ଦାୟୀ ଥିବେ ତାଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ହିମନ୍ତ, ଆସାମ ପୁଲିସ ଡିଜିପି, ଏଡିଜିପି, ବରିଷ୍ଠ ପୁଲିସ ଅଧିକାରୀ ଓ ମୁଖ୍ୟ ସଚିବଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ଏସ୍‌ଆଇଟି ସ୍ୱାଧୀନ ଭାବେ ତଦନ୍ତ କରିବ। ଜୁବିନଙ୍କ ବିଭିନ୍ନ ନମୁନା ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଫରେନସିକ ଲାବୋରାଟୋରୀ (ସିଏଫ୍‌ଏଲ)କୁ ପଠାଯିବ ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ୫୨ ବର୍ଷୀୟ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ବେଳେ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସେ ସିଙ୍ଗାପୁରରେ ଆୟୋଜନ ହେବାକୁ ଥିବା ନର୍ଥଇଷ୍ଟ ଫେଷ୍ଟିଭାଲରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ଜୁବିନଙ୍କ ଅନ୍ତେଷ୍ଟିକ୍ରିୟା ପୂର୍ବରୁ ତାଙ୍କ ମୃତଦେହକୁ ଦ୍ୱିତୀୟଥର ପାଇଁ ବ୍ୟବଚ୍ଛେଦ କରାଯାଇଥିଲା। ଜୁବିନ୍‌ଙ୍କୁ ରାଜକୀୟ ତଥା ରାଷ୍ଟ୍ରୀୟ ସମ୍ମାନ ସହ ୨୧ ତୋପର ସଲାମୀ ଦିଆଯାଇଥିଲା। ଜୁବିନ କ୍ୟାରିୟରରେ ୪୦ଟି ଭାଷାରେ ପାଖାପାଖି ୩୮, ୦୦୦ ଗୀତ ଗାଇଛନ୍ତି। ସେ ଆସାମ ସମେତ ସାରା ଭାରତୀୟ ସଙ୍ଗୀତ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ବଲିଉଡରେ ୟା ଅଲି (ଗ୍ୟାଙ୍ଗଷ୍ଟାର), ଦିଲ ତୁ ହି ବତା (କ୍ରିସ-୩), ଦିଲ ରୁବା (ନମସ୍ତେ ଲଣ୍ଡନ), ଭିଗି ଭିଗି ରାତ (ଚେହେରା) ଭଳି ଗୀତ ଗାଇ ଲୋକପ୍ରିୟତାର ଶୀର୍ଷକୁ ଛୁଇଁ ଥିଲେ।

# ହଂକଂରେ ପହଞ୍ଚିଲା ଭୟଙ୍କର ବାତ୍ୟା; ୧୭ ମୃତ

## ୨୦୦ କିମି ବେଗରେ ବହିଲା ପବନ; ୫୦୦ ବିମାନ ବାତିଲ
## ୧୨୯ ନିଖୋଜ, ୨୦ ଲକ୍ଷ ଲୋକ ସ୍ଥାନାନ୍ତର

ହଂକଂ, ୨୪।୯ (ଏଜେନ୍ସି): ବର୍ଷର ସବୁଠାରୁ ଭୟଙ୍କର ତଥା ବିଧ୍ୱଂସକ ବାତ୍ୟା ରାଗାସା ହଂକଂରେ ପହଞ୍ଚିଛି। ବାତ୍ୟା ହଂକଂକୁ ଛୁଇଁବା ପରେ ଘଣ୍ଟାପ୍ରତି ୨୦୦ କିମି ବେଗରେ ପବନ ବହୁଥିବାର ଦେଖାଯାଇଛି। ବାତ୍ୟା ଜନିତ ପ୍ରବଳ ବର୍ଷା କାରଣରୁ କେତୋକ ଅଞ୍ଚଳରେ ବନ୍ୟା ଆସିଛି। ବାତ୍ୟାର ଗତିକୁ ଲକ୍ଷ୍ୟ କରି ହଂକଂ ସରକାର ବୁଧବାର ଟାଇଫୁନ ୱାର୍ଣ୍ଣିଂ ସିଗ୍‌ନାଲ-୧୦ ଜାରି କରିଛନ୍ତି। ରାଗାସା ପ୍ରଥମେ ଚୀନ୍‌ରେ ହିଁ ଲ୍ୟାଣ୍ଡଫଲ୍ କରିଥିଲା। ରାଗାସାର ପ୍ରଭାବ ତାଇୱାନ ଓ ଚୀନରେ ମଧ ଦେଖିବାକୁ ମିଳିଛି। ତାଇୱାନରେ ଏହି ବାତ୍ୟା କାରଣରୁ ୧୭ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ୧୨୯ ଜଣ ନିଖୋଜ ହୋଇଛନ୍ତି। ସେହିପରି ଚୀନର ସାମୁଦ୍ରିକ ଅଞ୍ଚଳରେ ୨୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଚୀନରେ ୧୦୦ ଲୋକ ନିଖୋଜ ଅଛନ୍ତି। ରାଗାସା ଏକ ଫିଲିପିନୋ ଶବ୍ଦ। ଏହାର ଅର୍ଥ ହେଉଛି ହଠାତ ଦ୍ରୁତ ଗତିରେ ଯିବାକୁ ବୁଝାଯାଇଥାଏ। ରାଗାସା କାରଣରୁ ଏହି ସମ୍ପୂର୍ଣ୍ଣ ଅଞ୍ଚଳରେ ୫୦୦ଟି ବିମାନ ଉଡାଣକୁ ବାତିଲ କରାଯାଇଛି। ରାଗାସା କାରଣରୁ ଚୀନ୍ ଓ ତାଇୱାନରେ ବହୁତ କ୍ଷତି ହୋଇଛି।

### ଗଳି ପଡ଼ିଲା କାର୍, ବିଜୁଳି ଖୁଣ୍ଟ

ବ୍ୟାଙ୍କକ୍: ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ବୁଧବାର ଅଚାନକ ଏକ ସଡ଼କ ଧସିଯାଇଥିଲା ଓ ୫୦ ମିଟରର ବଡ଼ ଗାତ ସୃଷ୍ଟି ହୋଇଥିଲା। ଏହି ଗାତ ପାଖାପାଖି ୩୦ ଗୁଣା ୩୦ ମିଟର ଆକାରର ଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଅଣ୍ଡରଗ୍ରାଉଣ୍ଡ କନଷ୍ଟ୍ରକସନ କାରଣରୁ ଏହି ଗାତ ସୃଷ୍ଟି ହୋଇଛି ବୋଲି ବ୍ୟାଙ୍କକ୍ ଗଭରନର କହିଛନ୍ତି। ରାସ୍ତା ଉପରର ମାଟି ତଳେ ନିର୍ମାଣ ହେଉଥିବା ଟନେଲକୁ ଚାଲିଯାଇଛି ବୋଲି ସେ କହିଛନ୍ତି। ଏହି ଘଟଣା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରାସ୍ତା ଧସିବା ସହିତ କେତୋଟି କାର୍ ଓ ବିଜୁଳି ଖୁଣ୍ଟ ମଧ ଗାତ ଭିତରକୁ ଖସି ପଡୁଥିବାର ଦେଖାଯାଇଛି। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। କିନ୍ତୁ ଏଥିସହ ବ୍ୟାଙ୍କକ୍‌ର ଏକ ବଡ଼ କନଷ୍ଟ୍ରକସନ ପ୍ରୋଜେକ୍ଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ୨୦୨୫ରେ ହୋଇଥିବା ଭୂକମ୍ପ ପରେ ଘଟିଛି। ଅଧିକାରୀମାନେ ଏହି ଅଞ୍ଚଳକୁ ସିଲ୍ କରିବା ସହ ଯାଞ୍ଚ୍ ଆରମ୍ଭ କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ଆଗକୁ ସୁରକ୍ଷିତ ଓ ସନ୍ତୁଳିତ ଭାବେ କରାଯିବ। ଯାହା ଫଳରେ ଏଭଳି ଘଟଣା ଆଉ ଘଟିବ ନାହିଁ ବୋଲି ବ୍ୟାଙ୍କକ ଗଭରନର କହିଛନ୍ତି।

# ଭାରତୀୟ ଦଳ ଚୟନ ଆଜି

ମୁମ୍ବଇ,୨୪।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନକୁ ଗୋଟିଏ ଦିନ ଘୁଞ୍ଚାଇଦିଆଯାଇଛି। ଆଜି ଘୋଷିତ ହେବାକୁ ଥିବା ଦଳ ଆସନ୍ତାକାଲି ହେବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି। ଏହି ସିରିଜ୍‌ର ପ୍ରଥମ ଟେଷ୍ଟ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ଟେଷ୍ଟ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ୱେଷ୍ଟଇଣ୍ଡିଜ୍ ଦଳ ଘୋଷିତ ହୋଇସାରିଛି।

### ଥର୍ଟନଙ୍କ ଘାତକ ବୋଲିଂ

# ଭାରତ-ଏ’ର ବିପର୍ଯ୍ୟୟ


ଲକ୍ଷ୍ନୌ,୨୪।୯ (ଏଜେନ୍ସି): ଡାହାଣହାତୀ ଫାଷ୍ଟ ବୋଲର ହେନରୀ ଥର୍ଟନଙ୍କ ଘାତକ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ’ର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଥର୍ଟନ ୧୦ ଓଭର ବୋଲିଂ କରି ୩୬ ରନ୍‌ରେ ୪ଟି ୱିକେଟ ନେବା ଫଳରେ ଭାରତ-ଏ’ର ପ୍ରଥମ ଇନିଂସ ୧୯୪ ରନ୍‌ରେ ଶେଷ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ’ ୪୨୦ କରିଥିବାରୁ ୨୨୬ ରନ୍‌ର ଅଗ୍ରଣୀ ନେଇଥିଲା। ବୃହତ୍ ଅଗ୍ରଣୀ ନେବା ପରେ ବୁଧବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ-ଏ’ ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୧୬ ରନ୍ କରିଛି। ଏହି ଟେଷ୍ଟରେ ଆଉ ୨ ଦିନ ଖେଳ ବାକିଥିଲାବେଳେ ଅଷ୍ଟ୍ରେଲିଆ-ଏ’ ଦୃଢ଼ସ୍ଥିତିରେ ରହିଛି। ପୂର୍ବରୁ ଭାରତ-ଏ’ ଇନିଂସରେ ସାଇ ସୁଦର୍ଶନ ୭୫, ଏନ୍ ଜଗଦୀଶନ ୩୮, ଲୋକେଶ ରାହୁଲ ୧୧, ଆୟୁଷ ବଦୋନୀ ୨୧ ଓ କନକସନର ଶିକାର ହୋଇ ରିଟାୟର୍ଡ ହର୍ଟ ହୋଇଥିବା ପ୍ରସିଦ୍ଧ କ୍ରିଷ୍ଣା ୧୬ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେଷ୍ଟ ଆଶାୟୀ ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ ଓ ନୀତୀଶ କୁମାର ରେଡ୍ଡୀ ୧ ରନ୍ ଲେଖାଏଁ କରିଥିଲେ।

# ରେଡ୍ ବଲ୍ ଖେଳିବାରୁ ବିରତ ରହିବା ଲାଗି ଆୟରଙ୍କ ଅନୁରୋଧ

ମୁମ୍ବଇ,୨୪।୯ (ଏଜେନ୍ସି): ରେଡ୍‌ବଲ କ୍ରିକେଟ ବା ପ୍ରଥମଶ୍ରେଣୀ/ଟେଷ୍ଟ କ୍ରିକେଟ ମ୍ୟାଚ୍‌ରୁ ବିରତ ରହି ସ୍ୱାସ୍ଥ୍ୟାବସ୍ଥା ଠିକ୍ କରିବାକୁ ଭାରତର ଅନ୍ୟତମ ତାରକା ଖେଳାଳି ଶ୍ରେୟସ ଆୟର ବିସିସିଆଇକୁ ଅନୁରୋଧ କରିଛନ୍ତି। ବିସିସିଆଇ ସିନିୟର ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ ସହ ଆଲୋଚନା ପରେ ସେ ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରୁ ଓହରିଯାଇଥିଲେ। ତାଙ୍କୁ ଭାରତ-ଏ’ ଦଳର ଅଧିନାୟକ ମନୋନୀତ କରାଯାଇଥିଲା। ଆୟର ଦୁଲୀପ୍ ଟ୍ରଫି ଖେଳିଲା ବେଳେ କଷ୍ଟ ପାଇଥିଲେ। ସେହିପରି ଅଷ୍ଟ୍ରେଲିଆ-ଏ’ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ମଧ୍ୟ ସମାନ ଅସୁବିଧା ଭୋଗିଥିଲେ। ୨୦୨୩ରେ ତାଙ୍କ ପିଠିରେ ଅସ୍ତ୍ରୋପଚାର କରାଯାଇଥିଲା। ଭାରତ ପକ୍ଷରୁ ୧୪ ଟେଷ୍ଟ ଓ ମୁମ୍ବଇ/ଅନ୍ୟାନ୍ୟ ଟିମ୍‌ରୁ ୭୦ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳିଛନ୍ତି। କିନ୍ତୁ ସୀମିତ ଓଭର କ୍ରିକେଟ ଖେଳିବାକୁ ସେ ପ୍ରସ୍ତୁତ ବୋଲି ଅଗରକରଙ୍କ ସହ ଆଲୋଚନା ବେଳେ ଦର୍ଶାଇଛନ୍ତି।

# ବିବିଏଲ୍ ଖେଳିବାରେ ଅଶ୍ୱିନ ପ୍ରଥମ ତାରକା ଭାରତୀୟ

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିକଟରେ ଅନ୍ତର୍ଜାତୀୟ କ୍ରିକେଟ୍ ଓ ଆଇପିଏଲ୍‌ରୁ ଅବସର ନେଇଥିବା ପୂର୍ବତନ ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଅଂଶଗ୍ରହଣ କରିବେ। ସେ ସିଡ୍‌ନୀ ଥଣ୍ଡର୍ସ ଦଳ ପକ୍ଷରୁ ଖେଳିବେ। ଫ୍ରାଞ୍ଚାଇଜ ପକ୍ଷରୁ ଚଳିତ ସପ୍ତାହ ଶେଷ ଭାଗରେ ଏନେଇ ଅଫିସିଆଲ୍ ଘୋଷଣା କରାଯିବ। ଫଳରେ ପ୍ରଥମ ଭାରତୀୟ ହାଇପ୍ରୋଫାଇଲ୍ କ୍ରିକେଟର୍ ଭାବେ ଅଶ୍ୱିନ ବିବିଏଲ୍‌ରେ ଭାଗନେବେ। ତାଙ୍କ ପୂର୍ବରୁ ଅବଶ୍ୟ ଉନ୍ମୁକ୍ତ ଚାନ୍ଦ ଓ ସିଦ୍ଧାର୍ଥ କୌଲ ବିବିଏଲ୍ ଖେଳିସାରିଛନ୍ତି। କିନ୍ତୁ ଉନ୍ମୁକ୍ତ ଭାରତୀୟ ସିନିଅର ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇ ନ ଥିବାବେଳେ ସିଦ୍ଧାର୍ଥ ମାତ୍ର ୬ଟି ଅନ୍ତର୍ଜାତୀୟ ଖେଳିଛନ୍ତି। ତେଣୁ ବିବିଏଲ୍ ଖେଳିବାରେ ଅଶ୍ୱିନ ଦେଶର ପ୍ରଥମ ତାରକା ତଥା ହାଇପ୍ରୋଫାଇଲ ଖେଳାଳି ହେବେ। ବିବିଏଲ୍‌ର ୧୫ତମ ସିଜନ ଡିସେମ୍ବର ୧୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ରେ ସମାପ୍ତ ହେବ।



## ଭାରତ-ବାଂଲାଦେଶ ଏସିଆ କପ୍ ସୁପର-୪ ଲଢ଼େଇ

# ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଦୁବାଇ,୨୪।୯ (ଏଜେନ୍ସି):

ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ଶୁବମନ ଗିଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପଯୋଗୀ ଇନିଂସ ସହାୟତାରେ ଏଠାରେ ବୁଧବାର ଅନୁଷ୍ଠିତ ଏସିଆ କପ୍ ସୁପର-୪ ମୁକାବିଲାରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ଆଗରେ ୧୬୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୮ ଓଭର ଖେଳ ଶେଷ ସୁଦ୍ଧା ୨ ୱିକେଟ ନ ହରାଇ ୫୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ସୈଫ୍ ହାସନ ୨୩ ଓ ତୋହିଦ୍ ହୃଦୟ ୫ ରନ୍ କରି ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଭାରତ ଇନିଂସରେ ଅଭିଷେକ ୩୭ ବଲ୍‌ରେ ୭୫, ହାର୍ଦ୍ଦିକ ୨୯ ବଲ୍‌ରେ ୩୮ ଓ ଶୁବମନ ୧୯ ବଲ୍‌ରେ ୨୯ ରନ୍ କରିଥିଲେ। ଏମାନଙ୍କ ବ୍ୟାଟିଂ ଯୋଗୁଁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୮ ରନ୍ କରିଥିଲା। ବାଂଲାଦେଶ ପକ୍ଷରୁ ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଥିଲେ। ଲେଗ୍ ସ୍ପିନର ରିଶାଦ ହୋସେନ ପ୍ରଥମ ୨ଟି ୱିକେଟ ନେବା ସହ ତୃତୀୟ ୱିକେଟକୁ ରନ୍‌ଆଉଟ କରିବାରେ ସହାୟତା ଦେଇଥିଲେ। ଅନ୍ୟ ସମସ୍ତ ବୋଲର ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ପ୍ରଥମ ସୁପର-୪ ମ୍ୟାଚ୍‌ରେ ବାଂଲାଦେଶ ବିଜୟୀ ହୋଇଥିଲାବେଳେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ମଧ୍ୟ ୧୬୮ ରନ୍ କରିଥିଲା।




### ବାଂଲାର ଶୃଙ୍ଖଳିତ ବୋଲିଂ

ଏଠାରେ ବାଂଲାର କାମଚଳା ଅଧିନାୟକ ଜେକର ଅଲି ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କିନ୍ତୁ ଦଳର ଦୁଇ ଓପନର ଆଶାନୁରୂପ ଆରମ୍ଭ ଦେଇ ପାରି ନ ଥିଲେ। ପ୍ରଥମ ୩ ଓଭରରେ ଦଳ ୧୭ ରନ୍ କରିଥିଲା। ଚତୁର୍ଥ ଓଭର ବୋଲିଂ କରିବାକୁ ଆସିଥିବା ନାସୁମ ଅହମ୍ମଦ ୨୧ ରନ୍ ଦେବା ଫଳରେ ଭାରତ ପରବର୍ତ୍ତୀ ୩ ଓଭରରେ ୫୫ ରନ୍ ଉଠାଇଥିଲା। ପାୱାର ପ୍ଲେ ବା ପ୍ରଥମ ୬ ଓଭରରେ ଭାରତ କୌଣସି ୱିକେଟ ନ ହରାଇ ୭୨ ରନ୍ କରିଥିଲା। ୭ମ ଓଭରରେ ଗିଲ (୨୯)ଙ୍କୁ ଓ ବ୍ୟାଟିଂ ଅର୍ଡରରେ ନଂ-୩ରେ ଖେଳିବାକୁ ଆସିଥିବା ଶିବମ ଦୁବେ(୨)ଙ୍କୁ ଆଉଟ କରି ଭାରତକୁ ଝଟକା ଦେଇଥିଲେ। ଏହି ସମୟରେ ୨୫ ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ଅଭିଷେକ ଶର୍ମା ୭୫ ରନ୍ କରିଥିଲାବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ସେ ୩୭ ବଲରେ ୬ ଚୌକା ଓ ୫ ଛକା ସହ ଦଳ ପକ୍ଷରୁ ସର୍ବାଧିକ ସ୍କୋର କରି ରନ୍‌ଆଉଟ ହେବା ପରେ ଭାରତର ବ୍ୟାଟିଂ ମନ୍ଥର ହୋଇଯାଇଥିଲା। ଏହି ସମୟରେ ୭ରୁ ୧୨ ଓଭର ମଧ୍ୟରେ ଭାରତ ୪୨ ରନ୍‌ରେ ୪ଟି ୱିକେଟ ହରାଇଥିଲା। ମୁସ୍ତାଫିଜୁରଙ୍କ ନେତୃତ୍ୱରେ ବାଂଲାର ବୋଲରମାନେ ଶୃଙ୍ଖଳିତ ବୋଲିଂ କରିବା ଫଳରେ ଭାରତ ୧୩ରୁ ୧୬ ଓଭର ମଧ୍ୟରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲା। ମୋଟାମୋଟି ଭାବେ ଅଭିଷେକ ଶର୍ମାଙ୍କ ଆଉଟ ପରେ ଭାରତୀୟ ବ୍ୟାଟିଂ ତାହାର ଲୟ ହରାଇଥିଲା। ଭାରତ ପ୍ରଥମ ୧୧ ଓଭରରେ ୧୧୨ ଓ ଶେଷ ୮ ଓଭରରେ ୪ ୱିକେଟ ହରାଇ ୫୬ ରନ୍ କରିଥିଲା। ବ୍ୟାଟିଂ ଅର୍ଡରରେ ଅଦଳବଦଳ କରିବା ଭାରତକୁ ଅନେକ କ୍ଷତି ସହିବାକୁ ପଡ଼ିଛି। ତାଙ୍କ ଆଗରୁ ଖେଳିଥିବା ଅକ୍ଷର ପଟେଲ ୧୫ ବଲ୍‌ରେ ୧୦ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୯ ବଲ୍‌ରେ ୩୮ ରନ୍ କରିଥିଲେ। ଭାରତର ପ୍ରଥମ ୩ଜଣଙ୍କୁ ଆଉଟ କରିବାରେ ରିଶାଦ ହୋସେନଙ୍କ ହାତ ରହିଛି। ସେ ଗିଲ୍ ଓ ଦୁବେଙ୍କୁ ଆଉଟ କରିବା ପରେ ଅଭିଷେକଙ୍କୁ ରନ୍ ଆଉଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

**ଆଜିର ମ୍ୟାଚ୍**
ପାକିସ୍ତାନ-ବାଂଲାଦେଶ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମୀ

# ୧୨ ଗୁଣା ଅଧିକ ମୂଲ୍ୟରେ କ୍ରୟ ହେଲେ ବିବେକ


ଅଗଷ୍ଟିନା ଗୋର୍ଜେଲାନୀ


ବିବେକ ଲାକ୍ରା


ଆଡ୍ରୋହିତ ଏକ୍କା

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିନି ନିଲାମୀରେ ପୁରୁଷ ବିଭାଗର ୮ଟି ଓ ମହିଳା ବିଭାଗର ୪ଟି ଦଳ ଭାଗନେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ନାମ ଏହି ନିଲାମୀରେ ଡାକରା ହୋଇଥିଲା। ପୁରୁଷ ବିଭାଗରେ ଗୋଟିଏ ଦଳର ସାଲାରୀ କ୍ୟାପ୍ ୪ କୋଟି ଓ ମହିଳା ଦଳର ୨ କୋଟି ଟଙ୍କା ରହିଥିଲା। ଅର୍ଥାତ ଧାର୍ଯ୍ୟ ରାଶି ମଧ୍ୟରେ ଫ୍ରାଞ୍ଚାଇଜଗୁଡ଼ିକ ସେମାନଙ୍କ ଟିମ୍ ପ୍ରସ୍ତୁତ କରିବେ। ବୁଧବାର ନିଲାମୀରେ ଆର୍ଜେଣ୍ଟିନାର ମହିଳା ହକି ଖେଳାଳି ଅଗଷ୍ଟିନା ଗୋର୍ଜେଲାନୀ ସବୁଠୁ ଦାମୀ ଖେଳାଳି ରହିଥିଲେ। ବେଙ୍ଗଲ ଟାଇଗର୍ସ ମହିଳା ଦଳ ତାଙ୍କୁ ୪୨ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ସେହିଭଳି ଭାଲେଣ୍ଟିନା ରାପୋସୋ, ଗ୍ରାନାଟୋ ମାରିଆ ଜୋସ, ସାନ୍ଦର ଡି ୱିଜନ, କୁପର ବର୍ନ୍ସ ଓ ଥିଏ ଗ୍ରିଞ୍ଜଙ୍କୁ ୩୦ ଲକ୍ଷ ଟଙ୍କା ଲେଖାଏରେ ବିଭିନ୍ନ ଦଳରେ ସାମିଲ ହୋଇଥିଲେ।

ତେବେ ଓଡ଼ିଶାର ଦୁଇ ଯୁବ ଖେଳାଳି ବିବେକ ଲାକ୍ରା ଓ ଆଡ୍ରୋହିତ ଏକ୍କାଙ୍କୁ କିଣିବା ଲାଗି ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ୧୭ ବର୍ଷୀୟ ବିବେକ ତାଙ୍କ ମୂଳ ଦରରୁ ପାଖାପାଖି ୧୨ ଗୁଣା ଅଧିକ ମୂଲ୍ୟରେ କ୍ରୟ କରିଥିଲେ। ତାଙ୍କୁ ରାଞ୍ଚି ରୟାଲ୍ସ ଦଳ ୨୩ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ବିବେକଙ୍କ ମୂଳ ଦର ୨ ଲକ୍ଷ ଟଙ୍କା ରହିଥିଲା। ସେହିଭଳି ଆଡ୍ରୋହିତଙ୍କ ମୂଳ ଦର ୨ ଲକ୍ଷ ଟଙ୍କା ରହିଥିବାବେଳେ ୧୧ ଲକ୍ଷ ଟଙ୍କାରେ ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ କ୍ରୟ କରିବାରେ ସଫଳ ହୋଇଥିଲା।

### ରାଞ୍ଚି ରୟାଲ ଟସ୍କର୍ସ ନୂଆ ଦଳ

ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣରେ ନୂଆ ଦଳ ଭାବେ ରାଞ୍ଚି ରୟାଲ୍ ଟସ୍କର୍ସ ଅଂଶଗ୍ରହଣ କରିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଫ୍ରାଞ୍ଚାଇଜର ଦୁଇଟି ଦଳ ଭାଗନେବ। ଗତ ସଂସ୍କରଣରେ ପୁରୁଷ ବିଭାଗରେ ଖେଳିଥିବା ଟିମ୍ ଗୋନାସିକା ଓ ମହିଳା ବିଭାଗ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ସ୍ଥାନରେ ରାଞ୍ଚି ଏଥର ନୂଆ ଦଳ ଭାବେ ସାମିଲ ହୋଇଛି।

### ବୈଭବ, ବିହାନ ଓ ଅଭିଜ୍ଞାନଙ୍କ ଅର୍ଦ୍ଧଶତକ

# ଭାରତୀୟ ଯୁବ ଦଳର ଦିନିକିଆ ସିରିଜ୍ ବିଜୟ

ବ୍ରିସ୍‌ବେନ୍,୨୪।୯ (ଏଜେନ୍ସି): ଓପନର ବୈଭବ ସୂର୍ଯ୍ୟବଂଶୀ (୭୦), ନଂ-୩ ବିହାନ ମାଲହୋତ୍ରା (୭୦) ଓ ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ (୭୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ୧୯ ବର୍ଷରୁ କମ୍ ଦ୍ୱିତୀୟ ଦିନିକିଆରେ ଭାରତ ୫୧ ରନ୍‌ରେ ବିଜୟୀ ହୋଇଛି। ଦୁଇ ଦେଶ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୩ ୱିକେଟରେ ଜିତିଥିଲା। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିଛି। ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ଏଠାରେ ଆସନ୍ତା ଶୁକ୍ରବାର ୨୬ ତାରିଖରେ ଅନୁଷ୍ଠିତ ହେବ।



ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨ଟି ବଲ ବାକିଥାଇ ୩୦୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଉପରୋକ୍ତ ୩ ଖେଳାଳିଙ୍କ ଅର୍ଦ୍ଧଶତକ ବ୍ୟତୀତ ବେଦାନ୍ତ ତ୍ରିପାଠୀ ୨୬ ଓ ଅଧିନାୟକ ତଥା ଓପନର ଆୟୁଷ ମାହତ୍ରେ ଇନିଂସର ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଜେଡେନ୍ ଡ୍ରାପରଙ୍କ ଶତକ (୧୦୭ ରନ୍, ୭୨ବଲ୍, ୮ଚୌକା, ୫ଛକା) ସତ୍ତ୍ୱେ ଅଷ୍ଟ୍ରେଲିଆ ଯୁବ ଦଳ ୨୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳରେ ସ୍ଥାନ ପାଇଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆର୍ଯ୍ୟନ ଶର୍ମା ଦ୍ୱିତୀୟ ସର୍ବାଧିକ ୩୮ ଓ ଅଧିନାୟକ ଯଶ ଦେଶମୁଖ ୧ ରନ୍‌ରେ ଆଉଟ ହୋଇଥିଲେ। ଭାରତ ପକ୍ଷରୁ ଅଧିନାୟକ ଆୟୁଷ ବ୍ୟାଟିଂରେ ଫେଲ ହୋଇଥିଲେ ମଧ୍ୟ ବୋଲିଂରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। କନିସ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

# ଟି-୨୦ ର୍‍ୟାଙ୍କିଙ୍ଗରେ ଭାରତର ଦବ୍‌ଦବା

ଦୁବାଇ, ୨୪।୯ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଖେଳାଳିଙ୍କ ଦବ୍‌ଦାବା ଜାରି ରଖିଛନ୍ତି। ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା, ରହସ୍ୟମୟୀ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ବ୍ୟାଟିଂ, ବୋଲିଂ ଓ ଅଲ୍‌ରାଉଣ୍ଡ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଚଳିତ ଏସିଆ କପ୍‌ରେ ଦମ୍‌ଦାର ଫର୍ମରେ ଥିବା ଅଭିଷେକ ୯୦୭ ରେଟିଂ ପଏଣ୍ଟ ସହ ବ୍ୟାଟିଂ ତାଲିକାର ଶୀର୍ଷରେ ସ୍ଥିର ରହିଛନ୍ତି। ସେହିଭଳି ବ୍ୟାଟିଂ ତାଲିକାରେ ତିଲକ ବର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ଉଭୟ ଗୋଟିଏ ଲେଖାଏ ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ଯଥାକ୍ରମେ ୩ୟ ଓ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ତାଲିକାରେ ବରୁଣ ୭୪୭ ରେଟିଂ ସହ ଏକ ନମ୍ବର ସ୍ଥାନକୁ ଆହୁରି ଦୃଢ଼ କରିଛନ୍ତି। ଏସିଆ କପ୍‌ରେ ଉଲ୍ଲେଖନୀୟ ବୋଲିଂ କରିଥିବା ଆବରାର୍ ଅହମ୍ମଦ ଏକାଥରକେ ୧୨ଟି ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଛନ୍ତି। ବାଂଲାଦେଶର ମୁସ୍ତାଫିଜୁର ରେହମାନ ୬ଟି ସ୍ଥାନ ଓ ଭାରତର ରବି ବିଷ୍ଣୋଇ ୪ଟି ସ୍ଥାନ ହରାଇଛନ୍ତି।

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ସେମିରେ ଟାଇଗର୍ସ; ଷ୍ଟିଲର୍ସ ବିଦା

କଟକ,୨୪।୯ (ସମିସ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସେମିଫାଇନାଲ ରାଉଣ୍ଡରେ ଭୁବନେଶ୍ୱର ଟାଇଗର୍ସ ଦ୍ୱିତୀୟ ଦଳ ଭାବେ ସ୍ଥାନ ସୁରକ୍ଷିତ କରିଛି। ବୁଧବାର ଟାଇଗର୍ସ ୫ ୱିକେଟରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଥିଲା। ୫ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସଂଗ୍ରହ କରି ଟାଇଗର୍ସ ଟେବଲର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ମାତ୍ର ୨ ପଏଣ୍ଟ ପାଇଥିବା ଷ୍ଟିଲର୍ସ ଓପିଟିଏଲରେ ଅଭିଯାନ ଶେଷ କରିଛି। ପୂର୍ବରୁ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରି ସାରିଛି। କେନ୍ଦୁଝର ମାଇନର୍ସ ଏବଂ ସମ୍ବଲପୁର ୱାରିୟର୍ସ ଭିତରେ ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍ ଖେଳାଯାଉଥିବା ବେଳେ ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହେବ। ଗୁରୁବାର ସେମିଫାଇନାଲ ଏବଂ ଶୁକ୍ରବାର ଫାଇନାଲ ମୁକାବିଲା ଖେଳାଯିବ।



ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର ଟାଇଗର୍ସ ଏବଂ ରାଉରକେଲା ଷ୍ଟିଲର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ୧୫ ଓଭର ବିଶିଷ୍ଟ ହୋଇଥିଲା। ଟାଇଗର୍ସ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଷ୍ଟିଲର୍ସ ୮ ୱିକେଟ ହରାଇ ମାତ୍ର ୯୧ ରନ କରିଥିଲା। ସ୍ୱପ ଭୂୟାଁ ୧୮ ବଲରୁ ୩୧ରନର ଦ୍ରୁତ ପାଳି ଖେଳିଥିଲେ। ଟାଇଗର୍ସ ଅଧିନାୟକ ସୂର୍ଯ୍ୟକାନ୍ତ, ଦେବବ୍ରତ ପ୍ରଧାନ ଏବଂ ବାଦଲ ବିଶ୍ୱାଳ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୧.୪ ଓଭରରେ ୫ ୱିକେଟ ହରାଇ ଟାଇଗର୍ସ ବିଜୟ ହାସଲ କରିଥିଲା। ଓପନର ସତ୍ୟକାମ ଭରଦ୍ୱାଜ ୩୪ ବଲରୁ ୮ ଚୌକା ଏବଂ ୩ ଛକା ବଳରେ ୬୫ରନର ମ୍ୟାଚ୍ ବିଜୟୀ ପାଳି ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ଇରାନୀ କପ୍: ବିଦର୍ଭ ଦଳର ନେତୃତ୍ୱ ନେବେ ୱାଦକର

ନାଗପୁର, ୨୪।୯ (ଏଜେନ୍ସି): ରଣଜୀ ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅକ୍ଟୋବର ୧ ତାରିଖରୁ ଇରାନୀ କପ୍ ମ୍ୟାଚ୍ ଆରମ୍ଭ ହେବ। ନାଗପୁରରେ ଖେଳାଯିବାକୁ ଥିବା ଏହି ସମ୍ମାନଜନକ ମ୍ୟାଚ୍ ଲାଗି ଅକ୍ଷୟ ୱାଦକରଙ୍କୁ ବିଦର୍ଭ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅବଶିଷ୍ଟ ଭାରତକୁ ପରାସ୍ତ କରି ବିଦର୍ଭ ଏଥର ୩ୟଥର ଲାଗି ଇରାନୀ ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି। ବିଦର୍ଭ ୨୦୧୭-୧୮ ଓ ୨୦୧୮-୧୯ କ୍ରମାଗତ ୨ଟି ସିଜନ ଧରି ଇରାନୀ କପ୍ ଜିତିଥିଲା। ଅପରପକ୍ଷରେ ଅବଶିଷ୍ଟ ଭାରତ ରେକର୍ଡ ୨୯ଥର ଲାଗି ଚାମ୍ପିଅନ ହୋଇଛି।

**ଘୋଷିତ ବିଦର୍ଭ ଦଳ:** ଅକ୍ଷୟ ୱାଦକର (ଅଧିନାୟକ/ୱିକେଟ୍‌କିପର), ଯଶ ରାଠୋଡ (ଉପ-ଅଧିନାୟକ), ଅଥର୍ବ ତାଇଡେ, ଅମନ ମୋଖାଡେ, ଦାନିଶ ମାଲେୱର, ହର୍ଶ ଦୁବେ, ପାର୍ଥ ରେଖାଡେ, ଯଶ୍ ଠାକୁର, ନଚିକେତ ଭୁତେ, ଦର୍ଶନ ନାଲକାଣ୍ଡେ, ଆଦିତ୍ୟ ଥାକରେ, ଅକ୍ଷୟ କର୍ନେୱାର, ଯଶ କଦମ, ଶିବମ ଦେଶମୁଖ, ପ୍ରଫୁଲ ହିଙ୍ଗେ ଓ ଧ୍ରୁବ ସୋରେ।

### ଜୁନିଅର ଏସୀୟ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍

# ଭାରତୀୟ ଦଳରେ ଓଡ଼ିଶାର ୮ ଖେଳାଳି

ଭୁବନେଶ୍ୱର, ୨୪।୯ (ସମିସ): ଏସୀୟ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜମ୍ମୁ କାଶ୍ମୀରରେ ଆୟୋଜିତ ହେବ। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଓଡ଼ିଶାର ୮ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ କାହ୍ନା ବେହେରା, ସମରେଶ କୁମାର ନନ୍ଦ, ନିତିଶା ବାରିକ, ଗାୟତ୍ରୀ ଦାସ, ଆଶିକ ପ୍ରଧାନ, ଭୁବନ ରାୟ, ସ୍ୱର୍ଣ୍ଣମ ଗୁରୁଙ୍ଗ ଓ ଏଲିନା ଗୁରୁଙ୍ଗ। ସପ୍ତାହେ ବ୍ୟାପୀ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ପେଙ୍କାକ୍ ସିଲାଟ ସଂଘ ସଭାପତି ତାପସ କୁମାର ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।




# କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଚାରିଦିବସୀୟ ଏହି ସନ୍ତରଣ ପ୍ରତିଯୋଗିତାରେ ସାରା ଦେଶର ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ବାଳିକା ସନ୍ତରଣକାରୀମାନେ ଅଂଶଗ୍ରହଣ କରିଛନ୍ତି। ସେହିଭଳି ୨୫୦ଜଣ ଅଫିସିଆଲ୍ ଓ ୫୦ରୁ ଊର୍ଦ୍ଧ୍ୱ ବୈଷୟିକ ଅଧିକାରୀ ପରିଚାଳନାରେ ସହାୟତା କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସନ୍ତରଣ ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସପାଲ୍ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS